# ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣ : ଏକ ଅନୁଶୀଳନ

( ଓଡ଼ିଆ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଚତୁର୍ଥ ସେମିଷ୍ଟାର , ପେପର୍ କୋଡ୍ – **H.C.403** ନିମନ୍ତେ ଉପସ୍ଥାପିତ ନିବନ୍ଧ )

୨୦୨୫

## ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ , କଟକ

## ସ୍ନାତକୋତ୍ତର ଓଡ଼ିଆ ଭାଷା - ସାହିତ୍ୟ ବିଭାଗ


ଦିଗଦର୍ଶକ

ଡକ୍ଟର ନରେନ୍ଦ୍ରନାଥ ନାୟକ

ପ୍ରାଧ୍ୟାପକ , ଓଡ଼ିଆ ବିଭାଗ

ଗବେଷିକା

ଶୁଭଲକ୍ଷ୍ମୀ ସାହୁ

ରୋଲ ନଂ-**PG23ODI027**

ଓଡ଼ିଆ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ

# ଘୋଷଣାପତ୍ର

ମୁଁ ଶୁଭଲକ୍ଷ୍ମୀ ସାହୁ ,ରୋଲ ନଂ-PG23ODI027 , ସ୍ନାତକୋତ୍ତର ଓଡ଼ିଆ ଭାଷା – ସାହିତ୍ୟ ବିଭାଗ ,ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ,କଟକଙ୍କ ଅଧୀନରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ପାଠ୍ୟକ୍ରମ ଅନୁଯାୟୀ **"ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣ : ଏକ ଅନୁଶୀଳନ"** ଶୀର୍ଷକ ମୋର ମୌଳିକ ନିବନ୍ଧଟି ଦିଗଦର୍ଶକ ଡକ୍ଟର ନରେନ୍ଦ୍ରନାଥ ନାୟକଙ୍କ ଦିଗଦର୍ଶନରେ ପ୍ରସ୍ତୁତ କରିଅଛି। ଏହି ନିବନ୍ଧଟି ଆଂଶିକ ଅଥବା ପୂର୍ଣ୍ଣରୂପେ ଏହା ପୂର୍ବରୁ କୌଣସି ପରୀକ୍ଷା ପାଇଁ ଦାଖଲ କରାଯାଇନାହିଁ । ଏଥିରେ କୌଣସି ପ୍ରକାର ତ୍ରୁଟି ପାଇଁ ମୁଁ ଉତ୍ତରଦାୟୀ ରହିବି ।ପେପର କୋଡ H.C.403 ପରୀକ୍ଷା ନିମନ୍ତେ ଏହି ନିବନ୍ଧଟି ଦାଖଲ କଲି ।

ଗବେଷିକା

ଶୁଭଲକ୍ଷ୍ମୀ ସାହୁ

# ପ୍ରମାଣପତ୍ର

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ,ରୋଲ ନଂ PG23ODI027 ମୋର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପେପର କୋଡ଼ H.C. 403 ଅନୁଯାୟୀ **"ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣ : ଏକ ଅନୁଶୀଳନ"** ଶୀର୍ଷକ ନିବନ୍ଧ ପ୍ରସ୍ତୁତ କରିଛନ୍ତି । ମୋର ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ଏହା ତାଙ୍କର ମୌଳିକ ଲେଖା ଅଟେ । ତାଙ୍କର ଏହି ନିବନ୍ଧଟିକୁ ପରୀକ୍ଷାରେ ଉପସ୍ଥାପନ କରିବା ପାଇଁ ମୁଁ ଅନୁମୋଦନ କରୁଅଛି ।

ଦିଗଦର୍ଶକ

ଡକ୍ଟର ନରେନ୍ଦ୍ରନାଥ ନାୟକ

# ମୁଖବନ୍ଧ

ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମର ଏକ ଅଂଶବିଶେଷ ଭାବରେ ଏହି ନିବନ୍ଧଟି ପ୍ରସ୍ତୁତ କରାଯାଇଛି । ସର୍ବଧର୍ମ ସମନ୍ୱୟର ପୀଠ ଓଡ଼ିଶା । ବାର ମାସରେ ତେର ପର୍ବ ନ୍ୟାୟରେ ଓଡ଼ିଶାରେ ବିଭିନ୍ନ ପ୍ରକାର ଓଷା ,ବ୍ରତ ,ପୂଜା ,ପାର୍ବଣ ପାଳିତ ହୋଇଥାଏ ଏବଂ ଏସବୁରେ ବ୍ୟବହୃତ ଉପକରଣଗୁଡ଼ିକ ଧର୍ମଭିତ୍ତିକ ଲୋକଉପକରଣ । ଧର୍ମଭିତ୍ତିକ ଲୋକଉପକରଣ କହିଲେ ଆମ ଧର୍ମଧାରା ସହ ସମ୍ପୃକ୍ତ ଅନେକ ଜିନିଷକୁ ବୁଝାଇବ । ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣଗୁଡ଼ିକ ହେଉଛି – ବସନ୍ତରା ,ରଥ ,ଷଠୀଘର ,ଆକାଶଦୀପ ,ଦୋଳବିମାନ ,ଘଟପାଟୁଆ ,ଆଡପଙ୍ଖା ,ପଛେଇ , ବ୍ୟାସାସନ, ସତ୍ୟପୀର ଖଟୁଳି ,ଶ୍ରୁବ ,ସ୍ରୁଚ ,ରୁଖା ,ଶିଳଶିଳପୁଆ ,ଭୋଗେଇ ,ଚାନ୍ଦୁଆ ,ଦୀପ ,ମାଣ ଖଟୁଳି ,ଆଳଟ ,ଚାମର ଇତ୍ୟାଦି।

ହେତୁ ହେବା ସମୟରୁ ପ୍ରତ୍ୟେକ ସମୟରେ ଏହିସବୁ ଧର୍ମଭିତ୍ତିକ ଲୋକଉପକରଣର ବ୍ୟବହାର ଦେଖିଆସିଛି । ତେଣୁ ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣ ସମ୍ପର୍କରେ ଅଧିକ କିଛି ଜାଣି ଲେଖିବାକୁ ଆଗ୍ରହ ପ୍ରକାଶ ହେଲା । ଏହି ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣକୁ ନେଇ ଏହି ନିବନ୍ଧଟି ପ୍ରସ୍ତୁତ ହୋଇଛି । ଏହି ବିଷୟରେ କେଉଁଠି ଆଂଶିକ ଭାବେ କାମ ହୋଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ କାର୍ଯ୍ୟ ହୋଇନାହିଁ । ସ୍ୱଳ୍ପ ସମୟ ମଧ୍ୟରେ ଚେଷ୍ଟା କରିଛି ନିବନ୍ଧଟିକୁ ଉପଯୁକ୍ତ ତଥ୍ୟ ଦ୍ୱାରା ସମ୍ପୂର୍ଣ୍ଣ କରିବାପାଇଁ ।

ଲୋକସଂସ୍କୃତିର ଏକ ମୁଖ୍ୟ ଉପାଦାନ ଉପକରଣ । ଲୋକଉପକରଣର ବିବିଧ ରୂପ ମଧ୍ୟରୁ ଧର୍ମଭିତ୍ତିକ ଲୋକଉପକରଣ ଅନ୍ୟତମ । ଯାବତୀୟ ପୂଜା ,ପାର୍ବଣ ,ଓଷା ,ବ୍ରତ ସହିତ ସମ୍ପୃକ୍ତ ଲୋକଉପକରଣଗୁଡ଼ିକ ହେଉଛି ଧର୍ମଭିତ୍ତିକ ଲୋକଉପକରଣ । ପ୍ରତ୍ୟେକ ଧର୍ମଭିତ୍ତିକ ଲୋକଉପକରଣ ଆମ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଇଥାଏ । ଯେକୌଣସି ଉପକରଣ ଧର୍ମଭିତ୍ତିକ କାର୍ଯ୍ୟରେ ବ୍ୟବହୃତ ହେଲେ ତାର ମହତ୍ତ୍ୱ ଦ୍ୱିଗୁଣିତ ହୋଇଯାଏ । ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣ ବ୍ୟବହାରରେ ବିଭିନ୍ନ ପରିବର୍ତ୍ତନ ଦେଖାଦେଇଛି । ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣ ସମ୍ପର୍କରେ ଏହି ନିବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି । ଆଲୋଚ୍ୟ ନିବନ୍ଧର ଶୀର୍ଷକ **"ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣ : ଏକ ଅନୁଶୀଳନ"** । ଏହି ନିବନ୍ଧଟିକୁ ଛଅଗୋଟି ଅଧ୍ୟାୟରେ ବିଭକ୍ତ କରି ପ୍ରଥମ ଅଧ୍ୟାୟରେ ଓଡ଼ିଶାର ଧର୍ମଧାରା ,ଦ୍ୱିତୀୟ ଅଧ୍ୟାୟରେ ଓଡ଼ିଆ ଧର୍ମଧାରାରେ ଲୋକଉପକରଣର ବିଶେଷତ୍ୱ , ତୃତୀୟ ଅଧ୍ୟାୟରେ ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣର ବୈଚିତ୍ର୍ୟ ,ଚତୁର୍ଥ ଅଧ୍ୟାୟରେ ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣର ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ ,ପଞ୍ଚମ ଅଧ୍ୟାୟରେ ଓଡ଼ିଆ ସାହିତ୍ୟରେ ଧର୍ମଭିତ୍ତିକ ଲୋକଉପକରଣ ,ଷଷ୍ଠ ଅଧ୍ୟାୟରେ ସାମ୍ପ୍ରତିକ କାଳରେ ଧର୍ମଭିତ୍ତିକ ଲୋକଉପକରଣ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଶେଷରେ ସାକ୍ଷାତକାର ଓ ଧର୍ମଭିତ୍ତିକ ଲୋକଉପକରଣ ସମ୍ପର୍କିତ ଆବଶ୍ୟକୀୟ ଫଟୋଚିତ୍ର ପ୍ରଦାନ କରାଯାଇଛି ।

ଗବେଷିକା

ଶୁଭଲକ୍ଷ୍ମୀ ସାହୁ

# କୃତଜ୍ଞତା

ମୋର ଗବେଷଣାତ୍ମକ ନିବନ୍ଧ ରଚନା କରିବାରେ ଯେଉଁମାନେ ସେମାନଙ୍କର ବହୁମୂଲ୍ୟ ସମୟ ଦେଇ ସାହାଯ୍ୟ କରିଛନ୍ତି ,ସେମାନଙ୍କ ନିକଟରେ ମୁଁ ଚିରଋଣୀ । ଏ ଦିଗରେ ମତେ ସୁପରାମର୍ଶ ଦେଇଥିବା ମୋର ଦିଗଦର୍ଶକ ଡକ୍ଟର ନରେନ୍ଦ୍ରନାଥ ନାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ଏହି ନିବନ୍ଧ ପ୍ରସ୍ତୁତି କରିବାରେ ସାହାଯ୍ୟ କରିଥିବା ମୋର ଅଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ପଣ୍ଡା ତଥା ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାଙ୍କୁ ମୋର ହୃଦୟରୁ ଭକ୍ତିପୂତ ପ୍ରଣତି ଜଣାଉଛି । ବିଶେଷକରି ଲୁପ୍ତ ସଂସ୍କୃତିର ବାର୍ତ୍ତାବହ ,ମିଶ୍ରଶାଳର ପ୍ରାଣପ୍ରତିଷ୍ଠାତା ଓଡ଼ିଶା ଲୋକସଂସ୍କୃତିର ପ୍ରଖ୍ୟାତ ଗବେଷକ ଓ ସାହିତ୍ୟିକ ଡକ୍ଟର ଅଜୟ କୁମାର ମିଶ୍ରଙ୍କ ସହାୟତା ମୋ ପାଇଁ ସର୍ବଦା ଚିରସ୍ମରଣୀୟ ହୋଇରହିବ । ଏହି ନିବନ୍ଧଟିକୁ ପ୍ରସ୍ତୁତି ପାଇଁ ତଥ୍ୟ ସଂଗ୍ରହ ନିମନ୍ତେ ସହାୟତା କରିଥିବା ବ୍ୟକ୍ତିବିଶେଷ ଓ ପୁସ୍ତକର ସହାୟତା ନିମନ୍ତେ ଓଡ଼ିଆ ବିଭବ ପୋର୍ଟାଲର ପରିଚାଳକଙ୍କୁ ମୋର ଧନ୍ୟବାଦ ।

ଗବେଷିକା

ଶୁଭଲକ୍ଷ୍ମୀ ସାହୁ

ରୋଲ ନଂ-PG23ODI027

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| **ପ୍ରଥମ ଅଧ୍ୟାୟ – ଓଡ଼ିଶାର ଧର୍ମଧାରା** | ୧-୫ |
| (୧.୧) ଧର୍ମର ସଂଜ୍ଞା ଓ ସ୍ୱରୂପ | |
| (୧.୨) ଓଡ଼ିଶାରେ ପ୍ରଚଳିତ ଧର୍ମ | |
| **ଦ୍ୱିତୀୟ ଅଧ୍ୟାୟ – ଓଡ଼ିଆ ଧର୍ମଧାରାରେ ଲୋକଉପକରଣର ବିଶେଷତ୍ୱ** | ୬-୧୧ |
| (୨.୧) ଲୋକଉପକରଣର ପରିଭାଷା | |
| (୨. ୨)ଧର୍ମଭିତ୍ତିକ ଲୋକଉପକରଣ | |
| **ତୃତୀୟ ଅଧ୍ୟାୟ – ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣର ବୈଚିତ୍ର୍ୟ** | ୧୨-୨୯ |
| (୩.୧) ଧର୍ମଭିତ୍ତିକ ଲୋକଉପକରଣ ଗଠନବିଧି ଓ ବ୍ୟବହାର | |
| **ଚତୁର୍ଥ ଅଧ୍ୟାୟ – ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣର ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ** | ୩୦-୪୧ |
| (୪.୧)ଓଷା ,ବ୍ରତ ,ପର୍ବପର୍ବାଣି ,ଯାନିଯାତ୍ରାରେ ବ୍ୟବହୃତ ଲୋକଉପକରଣର ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ | |
| **ପଞ୍ଚମ ଅଧ୍ୟାୟ – ଓଡ଼ିଆ ସାହିତ୍ୟରେ ଧର୍ମଭିତ୍ତିକ ଲୋକଉପକରଣ** | ୪୨-୪୯ |
| (୫.୧) ଲୋକସାହିତ୍ୟରେ ଧର୍ମଭିତ୍ତିକ ଲୋକଉପକରଣ | |
| (୫.୨)ପୁରାଣଶାସ୍ତ୍ରରେ ଧର୍ମଭିତ୍ତିକ ଲୋକଉପକରଣ | |
| (୫.୩) ଆଧୁନିକ ସାହିତ୍ୟରେ ଧର୍ମଭିତ୍ତିକ ଲୋକଉପକରଣ | |
| **ଷଷ୍ଠ ଅଧ୍ୟାୟ – ସାମ୍ପ୍ରତିକ କାଳରେ ଧର୍ମଭିତ୍ତିକ ଲୋକଉପକରଣ** | ୫୦-୫୪ |
| (୬.୧) ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣ | |
| (୬.୨) ଧର୍ମଭିତ୍ତିକ ଲୋକଉପକରଣର ସଂରକ୍ଷଣ | |
| **ଉପସଂହାର** | ୫୫-୫୬ |
| **ସହାୟକ ଗ୍ରନ୍ଥ ଓ ପତ୍ରପତ୍ରିକା ସୂଚନା** | |
| **ପ୍ରାନ୍ତଟୀକା** | |
| **ପରିଶିଷ୍ଟ** | |
| **ସାକ୍ଷାତକାର** | |
| **ଫଟୋଚିତ୍ର** | |

# ପ୍ରଥମ ଅଧ୍ୟାୟ

# ଓଡ଼ିଶାର ଧର୍ମଧାରା

ଓଡ଼ିଶା ଧର୍ମର ଦେଶ ଏବଂ ଜଗତର ନାଥ ଜଗନ୍ନାଥ ଏ ଦେଶର ପ୍ରାଣପୁରୁଷ । ବିଶ୍ୱବିଶ୍ରୁତ ଜଗନ୍ନାଥ ମନ୍ଦିର ନିର୍ମାଣଯୋଗୁଁ ଭାରତର ବିଭିନ୍ନ ଧର୍ମ ଆଚାର୍ଯ୍ୟ ତଥା ପ୍ରଚାରକମାନେ ପବିତ୍ର ପୁରୁଷୋତ୍ତମ ଧାମକୁ ଆସି ଜଗନ୍ନାଥ ଧର୍ମକୁ ପରିପୁଷ୍ଟ କରିଛନ୍ତି ଓ ପ୍ରଭାବିତ ହୋଇଛନ୍ତି । ଓଡ଼ିଶାର ଇତିହାସକୁ ଲକ୍ଷ୍ୟ କଲେ ଦେଖାଯାଏ ବୌଦ୍ଧ , ଜୈନ , ଶୈବ , ସୌର , ଶାକ୍ତ , ଗାଣପତ୍ୟ ,ଇସଲାମ ଧର୍ମ , ମହିମା ଧର୍ମ , ଖ୍ରୀଷ୍ଟିୟାନ ଧର୍ମ ଆଦିର ପ୍ରଭାବ । ବୈଦିକ ଯୁଗରୁ ଆରମ୍ଭ କରି ଓଡ଼ିଶାରେ ବିଭିନ୍ନ ଧର୍ମର ଅଭ୍ୟୁତ୍ଥାନ ଘଟିଛି । ଏହିସବୁ ଧର୍ମଗୁଡିକରୁ ସଂଶ୍ଳିଷ୍ଟ ହୋଇ ବିଭିନ୍ନ ଧର୍ମାନୁଷ୍ଠାନ ପାଳନ ହେଉଛି । ସାଧାରଣ ଲୋକେ ସମୟାନୁଯାୟୀ ବିଭିନ୍ନ ଓଷା , ବ୍ରତ , ପର୍ବପର୍ବାଣୀର ପାଳନ କରିଆସୁଛନ୍ତି । ନିମ୍ନରେ ସର୍ବଧର୍ମ ସମନ୍ୱୟର ପୀଠ ଓଡ଼ିଶାର ଧର୍ମଧାରା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଗଲା ।

## (୧.୧) ଧର୍ମର ସଂଜ୍ଞା ଓ ସ୍ୱରୂପ –

ସମାଜରେ ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଧର୍ମର ଜନ୍ମକାହାଣୀ ଅତୀବ ରହସ୍ୟାତ୍ମକ । ଭୂପୃଷ୍ଠରେ ଠିକ କେବେ ଓ କେଉଁ ପୃଷ୍ଠଭୂମିରେ ଏହି ଧର୍ମଧାରଣାର ଜୀବନ କାହାଣୀ ଉନ୍ମୋଚିତ ହେଲା ଏବଂ ସନ୍ଦେହ ଓ ବିଶ୍ୱାସରେ ଆନ୍ଦୋଳିତ କଳ୍ପନା କେଉଁ ଦିନ ଏକ ସୁଦୃଢ ମତବାଦରେ ପରିଣତ ହୋଇ ସମାଜ , ଜୀବନ ଓ ସଂସ୍କୃତି ସଭ୍ୟତା ଆଦିର ପରିପ୍ରକାଶର ମାଧ୍ୟମ ରୂପେ ନିଜକୁ ପ୍ରତିଷ୍ଠିତ କଲା , ତାହା ନିର୍ଭୁଲ ଭାବରେ କହିବା ଏକ କଷ୍ଟକର ବ୍ୟାପାର । ସେଥିପାଇଁ ଧର୍ମ ଆନ୍ଦୋଳନର ପ୍ରଥମ ପୁରୋଧା ଭାବରେ କୌଣସି ଏକକ ପ୍ରତିଭାକୁ ବିଶ୍ୱ ସମ୍ମାନିତ କରିପାରିନାହିଁ । ପରନ୍ତୁ ବହୁ ମତାମତ ଭିତରେ ସାମୂହିକ ଇଚ୍ଛା ବା ଅଭୀପ୍ସାରୁ ଧାର୍ମିକ ଚେତନାର ଆଦିର ସ୍ଫୁରଣ ଘଟିଥିବା ଅଧିକ ଯୁକ୍ତିଯୁକ୍ତ ବୋଲି ମନେହୁଏ ।

ଧର୍ମର ବ୍ୟାଖ୍ୟା କରିବାକୁ ଯାଇ ପଣ୍ଡିତମାନେ ବିଭିନ୍ନ ମତପୋଷଣ କରନ୍ତି । କିନ୍ତୁ ଧର୍ମ କହିଲେ ସାଧାରଣତଃ ଆମେ ବୁଝୁ ବିବେକାନୁଯାୟୀ ସ୍ୱକର୍ତ୍ତବ୍ୟ ସମ୍ପାଦନ । 'ଧୃ' ଧାତୁରୁ ଧର୍ମ ଶବ୍ଦର ଉତ୍ପତ୍ତି । ଏହି 'ଧୃ' ଧାତୁର ଅର୍ଥ ଧରିବା ବା ରକ୍ଷା କରିବା । ମାନବାତ୍ମା ଯେଉଁସବୁ ସ୍ତର ଅତିକ୍ରମ କରି ଈଶ୍ୱରଙ୍କୁ ପ୍ରତ୍ୟକ୍ଷ କରେ ପ୍ରତ୍ୟେକ ଧର୍ମ ଏହିଭଳି ଏକ ସ୍ତରବିଶେଷ । ଧର୍ମ ହେଉଛି ପ୍ରକୃତ ପ୍ରେମ ସ୍ୱରୂପ ଯାହା କାଳକ୍ରମେ ବିକଶିତ ଓ ବିସ୍ତାରିତ ହୋଇ ପୁଷ୍ଟିଲାଭ କରିଥାଏ । ୧*

ଧର୍ମର ରୂପ ଦ୍ୱିବିଧ ବହିଃ ଓ ଅନ୍ତଃ । ଧର୍ମର ବହିଃରୂପ ଆଚାର ଓ ଅନୁଷ୍ଠାନ ପଦ୍ଧତି ମଧ୍ୟରେ ଆବଦ୍ଧ । ମାତ୍ର ତାର ଅନ୍ତଃରୂପ ସାର୍ବଜନୀନ । ଧର୍ମର ବାହ୍ୟରୂପ କ୍ଷଣିକ ଓ କ୍ଷୟିଷ୍ଣୁ ହେଲେହେଁ ତାହାର ଅନ୍ତଃରୂପର ଦୃଷ୍ଟି ଅଜର ଓ ଅମର । ଧର୍ମର ଅନ୍ତରାତ୍ମା ପ୍ରତି ଲକ୍ଷ୍ୟ କଲେ ଜଣାଯାଏ ଯେ ପୃଥିବୀର ପ୍ରତ୍ୟେକ ଧର୍ମର ଉଦ୍ଦେଶ୍ୟ ଏକ ଓ ଅଭିନ୍ନ । ମାନବ ସମାଜ ମଧ୍ୟରେ ମୈତ୍ରୀ ଓ ମଙ୍ଗଳ ବିତରଣ କରିବା ହେଉଛି ଏହାର ମୌଳିକ ଲକ୍ଷ୍ୟ । ସତ୍ୟର ସନ୍ଧାନ ଓ ତାର ଉପଲବ୍ଧି ଏବଂ ବିଶ୍ୱଜୀବନ ପ୍ରାପ୍ତି ହିଁ ସବୁ ଧର୍ମର ସାର ବା ନିର୍ଯ୍ୟାସ ।

ସ୍ଥୂଳଦୃଷ୍ଟିକୋଣରୁ କେହି କେହି ଧର୍ମ କହିଲେ religion ଅର୍ଥରେ ବୁଝନ୍ତି। କିନ୍ତୁ ସୂକ୍ଷ୍ମ ଅର୍ଥରେ ବିଚାର କଲେ ଧର୍ମ ଶବ୍ଦଟି ଇଂରାଜୀ religion ଅର୍ଥରେ ଗ୍ରହଣୀୟ ନୁହେଁ । ବ୍ୟାପକ ଦୃଷ୍ଟିକୋଣରୁ ବିଚାର କଲେ ଧର୍ମର ଆବଶ୍ୟକତା ବ୍ୟକ୍ତି ଏବଂ ସମାଜ ନିମିତ୍ତ ସର୍ବାଦୌ ବାଞ୍ଛନୀୟ । ମଣିଷର ଭାଷା ତଥା ଜୈବିକ ପ୍ରବୃତ୍ତି ଭଳି ଧର୍ମ ଏକ ଅନିର୍ବାଯ୍ୟ ଆବଶ୍ୟକତା । ସବୁ ଜାତିର ଏକ ନିର୍ଦ୍ଦିଷ୍ଟ ଧର୍ମଧାରଣା ଅଛି । ଏହା କେଉଁଠି ସାଧାରଣ ବିଶ୍ୱାସ ଭାବେ ଗୃହୀତ ହୋଇଛି ତ କେଉଁଠି ଯୁକ୍ତି ବା ତାତ୍ତ୍ୱିକ ଆଲୋଚନାକୁ ଭିତ୍ତିକରି ଗଢିଉଠିଛି । ସମାଜର ବନ୍ଧନକୁ ଆତ୍ମସ୍ଥ କରି ଯୁଗ ବିଶେଷରେ ଧର୍ମଧାରା ମଧ୍ୟ ପରିବର୍ତ୍ତିତ ରୂପ ଲାଭ କରିଛି । ବିଭିନ୍ନ ଧାରା ଉପଧାରା ମଧ୍ୟଦେଇ ନଦୀର ଗତି ଯେପରି ସମୁଦ୍ରାଭିମୁଖୀ ହୋଇଥାଏ ସେହିପରି ବିଭିନ୍ନ ଧର୍ମର ଧାରା ଏବଂ ଉପଧାରା ବିଶ୍ୱଜୀବନର ସତ୍ୟୋପଲବ୍ଧି ନିମିତ୍ତ ଅଭିପ୍ରେତ ।

ଏକ ନିର୍ଦ୍ଦିଷ୍ଟ ସତ୍ୟରେ ଉପନୀତ ହେବାକୁ ପଡେ ଯେ ବିଶ୍ୱର ପ୍ରତି ଧର୍ମର ପ୍ରଚାରଗତ ବିଭିନ୍ନତା ସତ୍ତ୍ୱେ ନିର୍ଦ୍ଦିଷ୍ଟ ଆତ୍ମିକ ଲକ୍ଷ୍ୟନେଇ ଧର୍ମ ମନୁଷ୍ୟ ହୃଦୟରେ ପ୍ରଭାବ ବିସ୍ତାର କରିପାରିଛି । ତଥାପି ବିଭିନ୍ନ ଗୋଷ୍ଠୀଗତ ଧାରଣାକୁ ପାଥେୟ କରି ଧର୍ମକୁ ବିଭିନ୍ନ ନାମରେ ନାମିତ

କରାଯାଇଛି । ସେଥିପାଇଁ ବୈଦିକ ,ବୌଦ୍ଧ , ଜୈନ ,ଖ୍ରୀଷ୍ଟ ,ଇସଲାମ ,ବୈଷ୍ଣବ , ଶୈବ , ଶାକ୍ତ ପ୍ରଭୃତି ଧର୍ମର ସୃଷ୍ଟି ସମ୍ଭବ ହୋଇଅଛି ।

## (୧.୨) ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ଧର୍ମ -

'ଧରତି ଧାରୟତି ଇତି ' । ଅର୍ଥାତ , ଯାହା ମଣିଷ ସମାଜକୁ ଧାରଣ କରିଥାଏ ତାହା ଧର୍ମ । ଧର୍ମ ଦ୍ୱାରା ମଣିଷ ଭିତରେ ଗଭୀର ଇଶ୍ୱର ବିଶ୍ୱାସ ସୃଷ୍ଟି ହୋଇ ଜୀବନକୁ ପବିତ୍ର ଓ ମହାନ କରିଥାଏ । ଧର୍ମ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ସଂସ୍କୃତିର ଉତ୍ସ ସ୍ୱରୂପ । ଯେଉଁ ଦେଶର ଧର୍ମଧାରଣା ଯେତିକି ଉନ୍ନତ ସେହି ଦେଶର ସଂସ୍କୃତି ସେତିକି ପରିମାଣରେ ଉନ୍ନତ ଭାବେ ପରିଗୃହୀତ ହୋଇଥାଏ । ବସ୍ତୁତଃ ଧର୍ମ ସଂସ୍କୃତିକୁ ନୂତନ ରୂପ ପ୍ରଦାନ ପୂର୍ବକ ମଣିଷ ସମାଜକୁ ମହତ୍ତର କରିଥାଏ । ଓଡ଼ିଶା ସର୍ବଧର୍ମ ସମନ୍ୱୟର ପୀଠ । ବୈଦିକ ଯୁଗରୁ ଆରମ୍ଭ କରି ଓଡ଼ିଶାରେ ବିଭିନ୍ନ ଧର୍ମର ଅଭ୍ୟୁତ୍ଥାନ ଘଟିଛି । ବୌଦ୍ଧ ଧର୍ମ , ଜୈନ ଧର୍ମ , ନାଥ ଧର୍ମ , ଶୈବ ଧର୍ମ , ଶାକ୍ତ ଧର୍ମ , ବୈଷ୍ଣବ ଧର୍ମ , ମହିମା ଧର୍ମ , ଖ୍ରୀଷ୍ଟିୟାନ ଧର୍ମ ଆଦି ଅନ୍ୟାନ୍ୟ ଧର୍ମଦ୍ୱାରା ଓଡ଼ିଶା ପରିପୁଷ୍ଟ ହୋଇଛି । ଏତତବ୍ୟତୀତ ଓଡ଼ିଶାର ଏକ ବିଶିଷ୍ଟ ଧର୍ମ ହେଉଛି ମାନବ ଧର୍ମ । 'ମାନବ ସେବା ହିଁ ମାଧବ ସେବା' ଓଡ଼ିଶାର ମହନୀୟ ମାନବ ଧର୍ମ ସମ୍ପର୍କରେ ସୂଚନା ଦେଉଛି । ନିମ୍ନରେ ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ଧର୍ମ ସମ୍ପର୍କରେ ସୂଚନା ଦିଆଗଲା ।

### କ ) ବୌଦ୍ଧ ଧର୍ମ :

ଓଡ଼ିଶାରେ ବିକଶିତ ହୋଇଥିବା ସର୍ବପ୍ରାଚୀନ ଧର୍ମ ହେଉଛି ବୌଦ୍ଧ ଧର୍ମ । ଏହି ଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧଙ୍କ ମହାପ୍ରୟାଣ ପରେ ସମଗ୍ର ଭାରତରେ ତାଙ୍କ ପ୍ରବର୍ତ୍ତିତ ଏହି ଧର୍ମର ବିକାଶ ସାଧିତ ହୋଇଥିଲା । ଐତିହାସିକ ବିବରଣୀ ଅନୁଯାୟୀ ଓଡ଼ିଶାର ଦୁଇଜଣ ବଣିକ ତପସ୍ସୁ ଓ ବଲ୍ଲୀକ ବୁଦ୍ଧଙ୍କ ମହାପ୍ରୟାଣ ପୂର୍ବରୁ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ଓ ସେହିଧର୍ମକୁ ଓଡ଼ିଶାରେ ପ୍ରଚାର କରିଥିଲେ। ଖ୍ରୀ.ପୂ  ଦ୍ୱିତୀୟ ଶତାବ୍ଦୀରେ ମଗଧ ସମ୍ରାଟ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । ଏହି ଯୁଦ୍ଧର ପରିଣତି ତାଙ୍କ ଚେତନାର ପରିବର୍ତ୍ତନ କରିଥିଲା ଓ ସେ ଏହି କଳିଙ୍ଗଠାରେ ଉପଯୁକ୍ତ ସନ୍ୟାସୀଙ୍କ ଦ୍ୱାରା ବୌଦ୍ଧ ଧର୍ମ ହୀନଯାନ ଓ ମହାଯାନ ଭେଦରେ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା । ହୀନଯାନ ଲୁପ୍ତ ହୋଇ କାଳକ୍ରମେ ବଜ୍ରଯାନର ସୃଷ୍ଟି ହେଲା । ବଜ୍ରଯାନରୁ ପରବର୍ତ୍ତୀ କାଳରେ ସହଜଯାନ ବୌଦ୍ଧତତ୍ତ୍ୱ ସୃଷ୍ଟି ହୋଇଥିଲା । ଏହି ସହଜଯାନର  ବାଙ୍ମୟ ରୂପ

ହେଉଛି ଚୌରାଶି ଜଣ ସିଦ୍ଧ ସାଧକଙ୍କ ଦ୍ୱାରା ରଚିତ ହୋଇଥିବା ଚର୍ଯ୍ୟାଗୀତିକା । ବୌଦ୍ଧଧର୍ମର ଅଭ୍ୟୁଦୟ କାଳରୁ ଅବକ୍ଷୟ କାଳ ପର୍ଯନ୍ତ ବୌଦ୍ଧଧର୍ମ ଓଡ଼ିଶାରେ ଜନଜୀବନକୁ ବେଶ୍ ପ୍ରଭାବିତ କରିଥିଲା ।

**ଖ) ଜୈନ ଧର୍ମ:**

ବୌଦ୍ଧଧର୍ମ ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାରେ ବିକଶିତ ହୋଇଥିବା ଧର୍ମ ହେଉଛି ଜୈନ ଧର୍ମ । ଅନ୍ୟୂନ ଖ୍ରୀ.ପୂ ସପ୍ତମ ଶତାବ୍ଦୀରେ ଓଡ଼ିଶାରେ ଜୈନ ଧର୍ମର ପ୍ରଚାର ଆରମ୍ଭ ହୋଇଥିଲା । ଜୈନ ଧର୍ମର ତ୍ରୟୋବିଂଶତମ ତୀର୍ଥଙ୍କର ଶ୍ରୀ ପାର୍ଶ୍ୱନାଥ ସ୍ୱାମୀ ଏଠାରେ ଜୈନ ଧର୍ମର ପ୍ରଚାର ଆରମ୍ଭ କରିଥିଲେ । ଏହି ସମୟର ରାଜା କରକଣ୍ଡୁ ପାର୍ଶ୍ୱନାଥଙ୍କଠାରୁ ଦୀକ୍ଷା ଗ୍ରହଣ କରି ସେହି ଧର୍ମର ପୃଷ୍ଠପୋଷକତା କରିଥିଲେ । ଖାରବେଳଙ୍କ ପରେ କଳିଙ୍ଗରେ ଜୈନଧର୍ମର ପ୍ରଭାବ ହ୍ରାସ ପାଇଯାଇଥିଲା ।

**ଗ ) ନାଥ ଧର୍ମ:**

ଓଡ଼ିଶାରେ ବୌଦ୍ଧ ଧର୍ମର ପରବର୍ତ୍ତୀ ବିକାଶ ହେଉଛି ନାଥ ଧର୍ମ । ବସ୍ତୁତଃ ବୌଦ୍ଧଧର୍ମର ଧର୍ମୀୟ ଧାରଣା ଦ୍ୱାରା ପ୍ରଭାବିତ ହୋଇ ଏହି ଧର୍ମର ବିକାଶ ସାଧିତ ହୋଇଥିଲା । ଏହି ଧର୍ମର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଉଛି ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ , ଆରମ୍ଭ ,ଘଟ ,ପରଚେ ଓ ନିୟତି ଯୋଗର ସାଧନା ଓ କାୟାକଳ୍ପ । ଏହି ଧର୍ମ ବିଶେଷତଃ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିଥିଲା ଓ ଏହାର ପ୍ରତିଷ୍ଠାତା ମୀନନାଥ ।

**ଘ ) ଶୈବ ଧର୍ମ :**

ସାଧାରଣତଃ ଯେଉଁ ଧର୍ମରେ ଦେବ ଦେବ ମହାଦେବ ବା ଶିବଙ୍କୁ ଉପାସନା କରାଯାଇଥାଏ , ତାହା ହେଉଛି ଶୈବଧର୍ମ । ଭାରତୀୟ ପୌରଣିକ ପରିକଳ୍ପନା ଅନୁଯାୟୀ ଶିବ ହେଉଛନ୍ତି ସମଗ୍ର ସଂସାରର ସଂହାରର ଦେବତା । 'ଶିବ' ଶବ୍ଦର ଅର୍ଥ ହେଉଛି ମଙ୍ଗଳକର । ଶିବଙ୍କ ଅଭୟ ଆଶୀର୍ବାଦ ଲାଭ କରିବା ପାଇଁ ଲୋକେ ତାଙ୍କର ଉପାସନା କରିଥାନ୍ତି । ଓଡ଼ିଶାରେ ଏହି ଶୈବଧର୍ମର ପ୍ରକୃତ ବିକାଶ ସାଧିତ ହୋଇଥିଲା । ଅଷ୍ଟମ – ନବମ ଶତାବ୍ଦୀରେ ଓଡ଼ିଶାରେ ରାଜୁତି କରୁଥିବା ଭୌମକର ବଂଶୀ ରାଜମାନଙ୍କ ସମୟରେ । ଏହି ସମୟରେ ସେମାନଙ୍କ ଦ୍ୱାରା ଅନେକ ଶୈବ ମନ୍ଦିର ନିର୍ମିତ ଓ ପ୍ରତିଷ୍ଠିତ ହୋଇଥିଲା । କେବଳ ରାଜାମାନେ ନୁହନ୍ତି , ସାଧାରଣ ଅଧିବାସୀମାନେ ମଧ୍ୟ ଶୈବଧର୍ମରେ ଦୀକ୍ଷିତ ହୋଇ ଶିବ ଉପାସନାର ବ୍ୟାପକ ପରମ୍ପରା ସୃଷ୍ଟି କରିଥିଲେ , ଯାହାକି ଆଧୁନିକ କାଳ ପର୍ଯ୍ୟନ୍ତ ଓଡ଼ିଶାରେ ଶିବ ଉପାସନାର ଧାରାକୁ ହ୍ରାସ କରିନାହିଁ ।

**ଙ) ଶାକ୍ତ ଧର୍ମ:**

ଶକ୍ତି ଉପାସନାକୁ କେନ୍ଦ୍ର କରି ଓଡ଼ିଶାରେ ଯେଉଁ ଧର୍ମୀୟ ପରମ୍ପରା ସୃଷ୍ଟି ହୋଇଥିଲା , ତାହା ହେଉଛି ଶାକ୍ତ ଧର୍ମ । ବିଶେଷତଃ ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ରାଜାମାନେ ଓଡ଼ିଶାରେ ରାଜୁତି କରିବା ସମୟରେ ଏହି ଧର୍ମର ବିକାଶ ସାଧିତ ହୋଇଥିଲା । ଏହି ଧର୍ମ ସିଦ୍ଧାନ୍ତ ଅନୁସାରେ ଶକ୍ତି ହେଉଛନ୍ତି ପ୍ରକୃତି ରୂପିଣୀ । ଏହି ଧର୍ମୀୟ ଉପାସନା ପାଇଁ ଓଡ଼ିଶାରେ ବିଭିନ୍ନ ଦେବୀ ପୀଠ ସ୍ଥାପିତ ହୋଇଥିଲା।

**ଚ ) ବୈଷ୍ଣବ ଧର୍ମ :**

ଓଡ଼ିଶାରେ ବୈଷ୍ଣବ ଧର୍ମ ପରମ୍ପରା ବହୁ ପ୍ରାଚୀନ କାଳରୁ ରହିଥିଲେ ହେଁ ବିଶୁଦ୍ଧ ବୈଷ୍ଣବ ଧର୍ମ ସାଧନାର ଅୟମାରମ୍ଭ ହୋଇଥିଲା ଗଙ୍ଗ ରାଜତ୍ୱ ସମୟରେ । ଉତ୍କଳୀୟ ବୈଷ୍ଣବ ଓ ଗୌଡୀୟ ବୈଷ୍ଣବ ଭେଦରେ ଏହା ଦ୍ୱିବିଧ । ଏହି ଧର୍ମ ଜଗନ୍ନାଥ ଧର୍ମ ଭାବରେ ପ୍ରତିପାଦିତ ହେଲା ।

**ଛ )ମହିମା ଧର୍ମ :**

ଅନ୍ୟୂନ ଊନବିଂଶ ଶତାବ୍ଦୀର ମଧ୍ୟ ପର୍ଯ୍ୟାୟରେ ଓଡ଼ିଶାରେ ବିକଶିତ ହୋଇଥିବା ଅନ୍ୟତମ ଧର୍ମ ହେଉଛି ମହିମାଧର୍ମ । ଶୂନ୍ୟ ଚେତନା ,ପିଣ୍ଡବ୍ରହ୍ମାଣ୍ଡ ଯୋଗ ସାଧନା ଓ ନିରାକାରବାଦକୁ ଭିତ୍ତି କରି ଏହି ଧର୍ମ ପ୍ରତିଷ୍ଠା ହୋଇଥିଲା । ସନ୍ଥକବି ଭୀମଭୋଇଙ୍କୁ ଓଡ଼ିଶାରେ ଏହି ଧର୍ମର ପ୍ରଚାରକ ଭାବରେ ଗ୍ରହଣ କରାଯାଇଥାଏ । ଅଦ୍ୟାବଧି ଓଡ଼ିଶାରେ ମହିମା ଧର୍ମ ସାଧିତ ହୋଇଛି ।

**ଜ )ଖ୍ରୀଷ୍ଟିୟାନ ଧର୍ମ:**

ଭାରତରେ ବାଣିଜ୍ୟ ବ୍ୟବସାୟ କରିବାକୁ ଆସିଥିବା ବିଦେଶୀ ବଣିକମାନଙ୍କ ଧର୍ମ ଥିଲା ଖ୍ରୀଷ୍ଟିୟାନ ଧର୍ମ । ସେମାନେ ବାଣିଜ୍ୟ କରିବା ସମୟରେ ଭାରତରେ ଏହି ଧର୍ମକୁ ପ୍ରଚାରିତ କରିବା ପାଇଁ ମଧ୍ୟ ପ୍ରୟାସ କରିଥିଲେ । ଅଦ୍ୟାବଧି ଅନେକ ଦୀକ୍ଷିତ ଓଡ଼ିଆ ଖ୍ରୀଷ୍ଟିୟାନ ଏହି ଧର୍ମର ପାଳନ କରିଆସୁଛନ୍ତି ।

ଏହିଭଳି ଭାବେ ଓଡ଼ିଶାରେ ବିଭିନ୍ନ ଧର୍ମଧାରା ପ୍ରବାହିତ ହୋଇଆସିଛି ।

# ଦ୍ୱିତୀୟ ଅଧ୍ୟାୟ

# ଓଡ଼ିଆ ଧର୍ମଧାରାରେ ଲୋକଉପକରଣର ବିଶେଷତ୍ୱ

ଲୋକସଂସ୍କୃତି ଏକ ସାର୍ବଜନୀନ ବିଷୟ । ଜୀବନର ସମସ୍ତ କ୍ଷେତ୍ରରୁ ଏହା ଉପାଦାନ ସଂଗ୍ରହ କରି ସମୃଦ୍ଧ ଓ ବିତ୍ତଶାଳୀ । ଲୋକଜୀବନ ଧାରା ସହିତ , ଲୋକସଂସ୍କୃତି ପବନ ଓ ଆକାଶର ସମ୍ପର୍କ ଭଳି ନିବିଡ଼ । ଲୋକସଂସ୍କୃତି ହେଉଛି ଲୋକସର୍ଜନର ମୂଳ ଉତ୍ସ , ଲୋକ ସଭ୍ୟତାର ଆନ୍ତରିକ ବିକାଶ । ସମୟ କ୍ରମରେ ସଂସ୍କୃତି ଭିନ୍ନଭିନ୍ନ ଅବସ୍ଥାଭେଦ ଦେଇ ଗତିକରି ବିକଶିତ ହୋଇଥିଲେ ମଧ୍ୟ ,ସେଇ ଆଦିମତମ ଗଢଣ ପ୍ରକ୍ରିୟାଟି ସଂସ୍କୃତିଠାରୁ ବିଚ୍ଛିନ୍ନ ହୋଇନାହିଁ , କିମ୍ବା ଗଢଣକୁ ବାଦ ଦେଇ ସଂସ୍କୃତି ମଧ୍ୟ ବିକଶିତ ହୋଇପାରିନାହିଁ । ନିମ୍ନରେ ଲୋକଉପକରଣ ତଥା ଲୋକଗଢଣର ପରିଭାଷା ଓ ଧର୍ମଭିତ୍ତିକ ପ୍ରମୁଖ ଲୋକଉପକରଣ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଗଲା।

## ( ୨.୧ ) ଲୋକଉପକରଣ ପରିଭାଷା –

ଆଧୁନିକ ଲୋକସଂସ୍କୃତି ବିଜ୍ଞାନୀଙ୍କ ନିକଟରେ ଲୋକସଂସ୍କୃତି ହେଉଛି ମୂଳତଃ ଜନମାନସର ଐତିହ୍ୟାନୁସାରୀ ଜୀବନଚର୍ଯ୍ୟା ଓ ମାନସଚର୍ଚ୍ଚାର ସାମଗ୍ରିକ କୃତିସାପେକ୍ଷ ବାସ୍ତବ ସୃଷ୍ଟି ଓ ମାନସସୃଷ୍ଟି ତଥା ଲୌକିକ ଜ୍ଞାନ – ବିଜ୍ଞାନ , ପ୍ରୟୋଗବିଦ୍ୟା ଓ ଶିଳ୍ପ କଳାର ସ୍ୱତଃ ଉତ୍ସାରିତ ସମଷ୍ଟିଗତ ଅଭିବ୍ୟକ୍ତି ; ସାହିତ୍ୟ-ଶିଳ୍ପ -ନୃତ୍ୟ -ଗୀତ-ଅଭିନୟ-ଆଚାର -ବିଶ୍ୱାସ-ଔଷଧ-ଖାଦ୍ୟ ପୂଜାପାର୍ବଣ -ଧର୍ମକ୍ରିୟା -ଉତ୍ସବ -ଅନୁଷ୍ଠାନ-ଆମୋଦପ୍ରମୋଦ ଇତ୍ୟାଦି ତାର ଅଭିପ୍ରକାଶ । ଲୋକ ଜୀବନାଶ୍ରୟୀ ଲୋକସଂସ୍କୃତିର ବିଷୟ ସମୂହକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ଯଥା :- ବସ୍ତୁକୈନ୍ଦ୍ରିକ ଲୋକସଂସ୍କୃତି ( Material Folklore),ଶିଳ୍ପ ରୂପାୟବଗତ ଲୋକସଂସ୍କୃତି (Formalised Folklore) । ୨*

ବସ୍ତୁକୈନ୍ଦ୍ରିକ ଲୋକସଂସ୍କୃତି ମଧ୍ୟରେ ଘରବାଡି , ଗୃହସାମଗ୍ରୀ ,କୃଷି ଉପକରଣ (ଲଙ୍ଗଳ ,ଜୁଆଳି ଇତ୍ୟାଦି ),ପୋଷାକ -ପରିଚ୍ଛଦ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥାଏ । ଶିଳ୍ପ ରୂପାୟବଗତ ଲୋକସଂସ୍କୃତି ମଧ୍ୟରେ ମୁଖ୍ୟତଃ ଲୋକସାହିତ୍ୟ , ଲୋକଶିଳ୍ପ , ଲୋକ ନୃତ୍ୟ ,ବିଶ୍ୱାସ , ସଂସ୍କାର ପ୍ରଭୃତିକୁ ଗ୍ରହଣ କରାଯାଇଥାଏ । ମୂଳତଃ ଭାଷା-ନିରପେକ୍ଷ ମଣିଷର ସୃଷ୍ଟିଶୀଳତା ସୃଷ୍ଟ ବସ୍ତୁ ସାମଗ୍ରୀ ହିଁ ବସ୍ତୁକୈନ୍ଦ୍ରିକ ଲୋକସଂସ୍କୃତି । ମୋଟ ଉପରେ କୁହାଯାଇପାରେ ବସ୍ତୁକୈନ୍ଦ୍ରିକ

ଲୋକସଂସ୍କୃତି ଓ ଶିଳ୍ପ ରୂପାୟବଗତ ଲୋକସଂସ୍କୃତିର ସାମଗ୍ରିକ ଉପାଦାନରେ ଲୋକସଂସ୍କୃତିର ବିଷୟ ପରିଧି ଅତ୍ୟନ୍ତ ବ୍ୟାପକ , ଯାହା ଲୋକାୟତ ଜୀବନର ଅନ୍ତବେଶୀ ସର୍ବପ୍ରକାର ଅଭିବ୍ୟକ୍ତିକୁ ଅଙ୍ଗୀକାର କରିନେଇଥାଏ ।

ଲୋକସଂସ୍କୃତି ବିଷୟଗୁଡ଼ିକ ପ୍ରଧାନତଃ -ଲୋକକଥା ( ପୁରାକଥା ,ରୂପକଥା ,ଉପକଥା ,ରଙ୍ଗକଥା ,ଇତିକଥା ପ୍ରଭୃତି ,ପ୍ରହେଳିକା ,ପ୍ରବାଦ ,ଲୋକସଙ୍ଗୀତ ,ଲୋକକଥା ,ଲୋକାଚାର ,ସଂସ୍କାର ,ଲୋକବିଶ୍ୱାସ ,ଲୋକନାଟ୍ୟ ,ଲୋକନୃତ୍ୟ ,ଲୋକଶିଳ୍ପ ,ଲୋକନାମ ,ସ୍ଥାନନାମ ,ଲୋକକ୍ରୀଡ଼ା ,ଲୋକଉପମା ,ଲୋକବାଦ୍ୟ ,ଲୋକଯାନ-ବାହନ ,ଲୋକଧର୍ମ ,ଲୋକଉତ୍ସବ ,ଲୋକଖାଦ୍ୟ , ଲୋକ-ପୋଷାକ ,ଲୋକ-ଅଳଙ୍କାର ,ଲୋକ-ଚିକିତ୍ସା ପ୍ରଭୃତିକୁ ଗ୍ରହଣ କରାଯାଇଥାଏ । ଲୋକସଂସ୍କୃତିର ବିଷୟ ସମୂହକୁ ମୋଟାମୋଟି ଭାବରେ ଦୈହିକ କ୍ରିୟାଧର୍ମୀ (କ୍ରୀଡ଼ା ,ଅଭିନୟ ଇଙ୍ଗିତ ,ନୃତ୍ୟାଦି ),ଶିଳ୍ପଧର୍ମୀ (କାରୁକର୍ମ -ଚାରୁଶିଳ୍ପ ,ଗୃହ ସ୍ଥାପତ୍ୟ ,ଆସବାବପତ୍ର ,ପୋଷାକ ,ଯାନବାହନ ,ବ୍ୟାବହାରିକ ଉପକରଣ ,ରନ୍ଧାବଢା ଇତ୍ୟାଦି ),ବାକଧର୍ମୀ (ଭାଷା ,ଲୋକକଥା ,ପ୍ରବାଦ -ପ୍ରବଚନ ,ଗୀତକଥା ଇତ୍ୟାଦି ),ପ୍ରୟୋଗଧର୍ମୀ (ଗୁପ୍ତମନ୍ତ୍ର ,ଝଡ଼ାଫୁଙ୍କା,ଚିକିତ୍ସା ଇତ୍ୟାଦି )ଏହିପରି ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ । ୩*

ଏହି ଲୋକସଂସ୍କୃତିର ଏକ ମୁଖ୍ୟ ଉପାଦାନ ଲୋକଉପକରଣ ତଥା ଲୋକଗଢଣ । ଲୋକସଂସ୍କୃତିର ଉଭା ଦିଗଠାରୁ ପୋତା ଦିଗଟି ଅତି ଗଭୀର । ଚଳନ୍ତି ସମୟ ପର୍ଯ୍ୟନ୍ତ ଏହାର ଅନେକାଂଶ ମଧ୍ୟ ଅନାବିଷ୍କୃତ । ଲୋକସଂସ୍କୃତିର ପ୍ରାଥମିକ ସ୍ଥିତାବସ୍ଥା ହେଉଛି ବିବିଧ ବସ୍ତୁ । ଆଦିମ ମଣିଷ ନିଜର ମୌଳିକ ଆବଶ୍ୟକତା ଭିତ୍ତିରେ ଖାଦ୍ୟ , ବସ୍ତ୍ର ଓ ବାସଗୃହର ବ୍ୟବସ୍ଥିତ କରିବାକୁ ଯାଇ ଅନେକ ସଂଘର୍ଷ କରିଥିବା ପ୍ରସଙ୍ଗକୁ ଆଦୌ ଏଡ଼ାଯାଇନପାରେ । ବଣ୍ୟ ପରିବେଶରେ ଫଳ ,ମୂଳ ,ପତ୍ର ,କାଣ୍ଡ ,ମାଂସାଦି ଦ୍ୱାରା ପେଟ ପୂରାଇବା ପରେ , ସେ ଗଛର ବଲ୍କଳ ପତ୍ରାଦିକୁ ବସ୍ତ୍ର ରୂପେ ବ୍ୟବହାର କଲା । ପରେ ପରେ ରହିବା ପାଇଁ କୁଡିଆ ତିଆରି କଲା । ଖାଦ୍ୟପାଇଁ ସେ କୃଷି ଆରମ୍ଭ କଲା । ଖାଇବା , ପିନ୍ଧିବା ଓ ରହିବାଭଳି ନିହାତି ମୌଳିକ ଆବଶ୍ୟକତାର ପରିପୂରଣ ପାଇଁ ସେ ଆରମ୍ଭ କଲା ଗଢଣ । କ୍ରମେ ପଥର ଯୁଗ ଶେଷ ହୋଇ ଲୁହା ବ୍ୟବହାରର ସମୟ ଆସିବାରୁ , ମଣିଷର ବୌଦ୍ଧିକ ବିକାଶରୁ ଗଢଣ ବିକଶିତ ହେଲା । ଏଇ ଗଢଣ ହେଲା ସଭ୍ୟତା ବିକାଶର ମୂଳ ପୁଞ୍ଜି , ସଂସ୍କୃତି ସୃଜନର ମୂଳ ଉତ୍ସ । ମୁଖ୍ୟତଃ ବସ୍ତୁକୈନ୍ଦ୍ରିକ ବ୍ୟାବହାରିକ ଜୀବନଧାରା ସୃଷ୍ଟି କରିବା ଥିଲା ଲୋକଧାରାର ପ୍ରାଥମିକ ଉତ୍ସ ।

ପ୍ରାଥମିକ ସ୍ତରଠାରୁ ଚଳନ୍ତି ସମୟ ପର୍ଯ୍ୟନ୍ତ କେବଳ ଗଢଣ ହିଁ ଲୋକଧାରା ବା ଲୋକସଂସ୍କୃତିକୁ ଉପଯୁକ୍ତ ରୂପରେଖ ପ୍ରଦାନ କରିଆସିଛି । ଗଢଣ ହେଉଛି ମଣିଷର ଆବଶ୍ୟକତା

ପୂରଣ କରିବାର ସର୍ବୋତ୍ତମ ଉପାୟ -ପ୍ରକରଣ । ଗଢଣ ଅନ୍ତରାଳରେ ରହିଛି ମଣିଷର ସର୍ଜନଶୀଳତା , ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ତଥା ଆବଶ୍ୟକତା ପରିପୂରଣର ମାର୍ଗ । ୪*

ଲୋକସଂସ୍କୃତିର ମୂଳ ଉପାଦାନ ବିଭିନ୍ନ ଲୋକଉପକରଣ ଉପରେ ନିର୍ଭର କରେ । ପ୍ରତିଟି ଉପକରଣ ଆମ ସଂସ୍କୃତିର ପ୍ରାଥମିକ ଉପାଦାନ । ପ୍ରତ୍ୟେକ ପ୍ରକାରର ଉପକରଣ ପାଇଁ ଆବଶ୍ୟକ ପଡ଼େ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ,ପ୍ରତିଟି ଉପକରଣ ଗୋଟିଏ ଗୋଟିଏ ନିର୍ଦ୍ଧିଷ୍ଟ ଗଢଣ । ଏହି ଗଢଣଗୁଡ଼ିକ ହେଉଛି ଲୋକସଂସ୍କୃତିର ମୂଳଉତ୍ସ । ୫*

ସଂକ୍ଷେପରେ ଗୋଟିଏ ଧାଡିରେ କହିଲେ ଲୋକମାନେ ବ୍ୟବହାର କରୁଥିବା ଯାବତୀୟ ଉପକରଣ ହେଉଛି ଲୋକଉପକରଣ । ଲୋକଉପକରଣ ଆମର ମୂଳ ଆଧାର । କୃଷି , ଶିଳ୍ପ ,ବାଣିଜ୍ୟ ,ବିଦ୍ୟା ,କଳା ,ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ପ୍ରକାର ଯନ୍ତ୍ରାଂଶ ବ୍ୟବହାର କରାଯାଏ । ଏହି ଯନ୍ତ୍ରାଂଶଗୁଡ଼ିକ ମଣିଷର ଆବଶ୍ୟକତାରୁ ସୃଷ୍ଟି ଲାଭ କରିଛି । ମାନବୀୟ ଆବଶ୍ୟକତା , ସୌନ୍ଦର୍ଯ୍ୟବୋଧ ,ବ୍ୟାବହାରିକ ଜୀବନ ନିର୍ବାହ କ୍ଷେତ୍ରରେ ଲୋକଉପକରଣ ପ୍ରମୁଖ ସ୍ଥାନ ଦାବି କରିବସେ । ଗଢଣ ଭିନ୍ନ ସଂସ୍କୃତିର ସତ୍ତା ନାହିଁ । ସଂସ୍କୃତିର ପ୍ରତିଟି ଫର୍ଦ୍ଦ ,ପ୍ରତିଟି କ୍ଷେତ୍ର ଅନ୍ତରାଳରେ ଲୋକଉପାଦାନ ଏଭଳି ଜଡ଼ିତ ଯେ , ଏହାକୁ ବାଦ ଦେଇ ଲୋକସଂସ୍କୃତିକୁ ଆଦୌ ଆକଳନ କରାଯାଇପାରିବନାହିଁ ।

## (୨.୨ ) ଧର୍ମଭିତ୍ତିକ ଲୋକଉପକରଣ –

ଲୋକସଂସ୍କୃତିର ମୂଳ ଉପାଦାନ ଲୋକଉପକରଣ । ମଣିଷର ଆବଶ୍ୟକତାରୁ ଏହାର ସୃଷ୍ଟି । ପ୍ରତିଟି ଉପକରଣ ଆମ ସଂସ୍କୃତିର ପ୍ରାଥମିକ ଉପାଦାନ । ଲୋକଉପକରଣର ବିବିଧ ରୂପ ଦେଖିବାକୁ ମିଳେ ଯଥା – କୃଷିଭିତ୍ତିକ ଲୋକଉପକରଣ ,ଘରକରଣା ଲୋକଉପକରଣ ,ଖେଳାଖେଳି ଲୋକଉପକରଣ ,ଧର୍ମଭିତ୍ତିକ ଲୋକଉପକରଣ ,ସଂସ୍କୃତିଭିତ୍ତିକ ଲୋକଉପକରଣ ,ବୃତ୍ତିଭିତ୍ତିକ ଲୋକଉପକରଣ , ମାଛମରା ଲୋକଉପକରଣ , ସୂତାକଟା ଲୋକଉପକରଣ ,ଲୋକବାଦ୍ୟ ଉପକରଣ ଇତ୍ୟାଦି ।

ଲୋକଉପକରଣର ବିଭିନ୍ନ ରୂପ ମଧ୍ୟରୁ ଧର୍ମଭିତ୍ତିକ ଲୋକଉପକରଣ ଅନ୍ୟତମ । ଧର୍ମଭିତ୍ତିକ ଲୋକଉପକରଣ କହିଲେ ଯାବତୀୟ ପୂଜା ,ପାର୍ବଣ ,ଓଷା ,ବ୍ରତ ,ଯାନିଯାତ୍ରା , ସହିତ ସମ୍ପୃକ୍ତ ଲୋକଉପକରଣଗୁଡିକୁ ଗ୍ରହଣ କରାଯିବ ।

ସର୍ବଧର୍ମ ସମନ୍ୱୟର ପୀଠ ହେଉଛି ଓଡ଼ିଶା । ବୈଦିକ ଯୁଗରୁ ଆରମ୍ଭ କରି ଓଡ଼ିଶାରେ ବିଭିନ୍ନ ଧର୍ମର ଅଭ୍ୟୁତ୍ଥାନ ଘଟିଛି । ବୌଦ୍ଧ ଧର୍ମ , ଜୈନ ଧର୍ମ ,ନାଥ ଧର୍ମ ,ଶୈବ ଧର୍ମ ,ଶାକ୍ତ ଧର୍ମ

,ବୈଷ୍ଣବ ଧର୍ମ , ମହିମା ଧର୍ମ ଆଦି ଧର୍ମଧାରା ଓଡ଼ିଶାରେ ପ୍ରଚଳିତ ହୋଇଆସିଛି । ଶ୍ରୀଜଗନ୍ନାଥ ଉତ୍କଳୀୟ ଧର୍ମଧାରଣା ଓ ସଂସ୍କୃତିର ସମନ୍ୱୟାତ୍ମକ ପ୍ରତୀକ ଭାବେ ବିରାଜିତ । ଏହିସବୁ ଧର୍ମ ସହ ସଂଶ୍ଳିଷ୍ଟ ହୋଇ ଓଡ଼ିଶାରେ ବିଭିନ୍ନ ଧର୍ମାନୁଷ୍ଠାନ ପାଳନ ହେଉଛି । ଲୋକମାନେ ବିଭିନ୍ନ ଓଷା ,ବ୍ରତ ,ପର୍ବପର୍ବାଣି ପାଳନ କରୁଛନ୍ତି । ଓଡ଼ିଶା ଯୁଗେ ଯୁଗେ ଭାରତୀୟ ଧର୍ମ ,ଦର୍ଶନ ଓ ସଂସ୍କୃତିର ସମନ୍ୱୟ ପୀଠଭାବେ ପ୍ରତିଷ୍ଠା ଅର୍ଜନ କରିଆସିଛି ।

'ଉତ୍କୃଷ୍ଟ କଳାର ଦେଶ ଉତ୍କଳ'। ଓଡ଼ିଶାର ସଂସ୍କୃତି ହେଉଛି ଗୌରବମୟ ଓ ସୁସମୃଦ୍ଧ । କଥାରେ ଅଛି ଓଡ଼ିଶାରେ ବାର ମାସରେ ତେର ପରବ । ଓଡ଼ିଶାରେ ପ୍ରତ୍ୟେକ ମାସରେ ବିଭିନ୍ନ ପ୍ରକାର ଓଷା ,ବ୍ରତ ,ପୂଜା , ପାର୍ବଣ ପାଳନ କରାଯାଇଥାଏ । ଓଡ଼ିଶାର ସାମାଜିକ ଜୀବନ , ସାଂସ୍କୃତିକ ପରମ୍ପରା , ଧର୍ମ ଓ ଈଶ୍ୱରବିଶ୍ୱାସ ତଥା ଅନ୍ୟାନ୍ୟ କେତେକ ବିଶ୍ୱାସବୋଧ ଉପରେ ପର୍ଯ୍ୟବେଶିତ ହୋଇଛି ଓଡ଼ିଶାର ଅନେକ ଓଷାବ୍ରତ । ଓଡ଼ିଶାରେ ଯେତେସଂଖ୍ୟକ ଓଷାବ୍ରତ ରହିଛି ଆପାତତଃ ତାହାମୂଳରେ ରହିଛି ଓଡ଼ିଶାବାସୀଙ୍କର ବହୁ ଦେବାଦେବୀ ବିଶ୍ୱାସ , ଧାର୍ମିକ ଜୀବନବୋଧ , ପାରମ୍ପରିକ ଚଳଣି ,ସହୃଦୟତା ଓ ବନ୍ଧୁତା ସୃଷ୍ଟିର ଶ୍ରଦ୍ଧାବୋଧ । ଧର୍ମଭାବକୁ କେନ୍ଦ୍ରକରି ଓଡିଆର ଲୋକବିଶ୍ୱାସ ଗତିଶୀଳ । ଏହି ଓଷାବ୍ରତ ,ପର୍ବପର୍ବାଣି ,ପୂଜା ସହ ସଂଶ୍ଳିଷ୍ଟ ହୋଇ ରହିଥାଏ ଲୋକଉପକରଣ । ଲୋକଉପକରଣ ବିନା କୌଣସି ଧର୍ମ ଆଧାରିତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ଲୋକଉପକରଣ ଦ୍ୱାରା ଧର୍ମଆଧାରିତ ବିଭିନ୍ନ କାର୍ଯ୍ୟ ତଥା ଓଷା,ବ୍ରତ ,ପୂଜା,ପାର୍ବଣ ସ୍ୱୟଂସମ୍ପୂର୍ଣ୍ଣ ହୋଇଥାଏ । ଯେତେବେଳେ କୌଣସି ଉପକରଣ ଧର୍ମଆଧାରିତ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ତାହା ସାଧାରଣ ହୋଇ ରହେନାହିଁ ବରଂ ତାହାର ମହତ୍ତ୍ୱ ବଢିଯାଏ। ନିମ୍ନରେ ଓଡ଼ିଆ ଧର୍ମଭିତ୍ତିକ ପ୍ରମୁଖ ଲୋକଉପକରଣ ସମ୍ପର୍କରେ ସୂଚନା ପ୍ରଦାନ କରାଗଲା ।

**କ) ଓଡ଼ିଆ ଧର୍ମଭିତ୍ତିକ ପ୍ରମୁଖ ଲୋକଉପକରଣ :**

ଓଡ଼ିଶାରେ ପାଳିତ ହେଉଥିବା ବିଭିନ୍ନ ଓଷା , ବ୍ରତ ,ପର୍ବପର୍ବାଣି ଓ ପୂଜା ଆଦିରେ ବ୍ୟବହୃତ ପ୍ରତ୍ୟେକ ଉପକରଣ ଧର୍ମଭିତ୍ତିକ ଲୋକଉପକରଣର ଅନ୍ତର୍ଭୁକ୍ତ । ଏହି ସମସ୍ତ ଉପକରଣ ବିନା କୌଣସି ଧର୍ମ ଆଧାରିତ କାର୍ଯ୍ୟ ସଫଳ ହୋଇପାରିବ ନାହିଁ । ନିମ୍ନରେ ଓଡ଼ିଆ ଧର୍ମଭିତ୍ତିକ ପ୍ରମୁଖ ଲୋକଉପକରଣ ସମ୍ପର୍କରେ ଏକ ତାଲିକା ପ୍ରଦାନ କରାଗଲା ।

## ଓଡ଼ିଆ ଧର୍ମଭିତ୍ତିକ ପ୍ରମୁଖ ଲୋକଉପକରଣ ତାଲିକା

- ବସନ୍ତରା
- ରଥ
- ଷଠୀଘର
- ଆକାଶଦୀପ
- ଦୋଳବିମାନ
- ଘଟପାଟୁଆ
- ମାଣ ଖଟୁଳି
- ଆଡପଙ୍ଖା
- ପଣ୍ଡେଇ
- ବ୍ୟାସାସନ
- ସତ୍ୟପୀର ଖଟୁଳି
- ଶ୍ରୁବ
- ସ୍ରୁଚ
- ରୁଖା
- ପୋଥି
- ଶିଳ ଶିଳପୁଆ
- ଘଡ଼ି
- ଭୋଗେଇ
- ଦୀପ
- ଚାନ୍ଦୁଆ
- ଚଉରା
- ଚଟ
- କଉଡ଼ି
- ଶଙ୍ଖ
- ମକୁଟ

- ଆଲଟ ଓ ଚାମର
- ଅନ୍ୟାନ୍ୟ ଧର୍ମଭିତ୍ତିକ ଲୋକଉପକରଣ

( ଧାତୁନିର୍ମିତ ଉପକରଣ , କାଷ୍ଠନିର୍ମିତ ଉପକରଣ , ପଥରନିର୍ମିତ ଉପକରଣ , ମୃତ୍ତିକା ନିର୍ମିତ ଉପକରଣ ,ପୂଜାନିମିତ୍ତ ବ୍ୟବହୃତ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଉପକରଣ )

**ଖ ) ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣର ବିଶେଷତ୍ୱ :**

ଲୋକଉପକରଣର ଏକ ପ୍ରମୁଖ ରୂପ ଧର୍ମଭିତ୍ତିକ ଲୋକଉପକରଣ । ଓଷା ,ବ୍ରତ ,ପୂଜା ,ପାର୍ବଣ ,ଯାନିଯାତ୍ରା ଆଦି ସହିତ ସମ୍ପୃକ୍ତ ଲୋକଉପକରଣକୁ ଧର୍ମଭିତ୍ତିକ ଲୋକଉପକରଣ କୁହାଯିବ । ନିମ୍ନରେ ଏହି ଧର୍ମଭିତ୍ତିକ ଲୋକଉପକରଣର ବିଶେଷତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଗଲା ।

- ଧର୍ମଆଧାରିତ ପ୍ରତ୍ୟେକ କାର୍ଯ୍ୟରେ କୌଣସି ନା କୌଣସି ଉପକରଣ ବ୍ୟବହାର କରାଯାଇଥାଏ। ଏହିସବୁ ଉପକରଣ ଦ୍ୱାରା ଧର୍ମ ଆଧାରିତ ବିଭିନ୍ନ କାର୍ଯ୍ୟ ତଥା ଓଷା ,ବ୍ରତ ,ପୂଜା ,ପାର୍ବଣ ଆଦି ସମ୍ପୂର୍ଣ୍ଣ ହୋଇଥାଏ । ଉପକରଣ ବ୍ୟବହାର ଯୋଗୁଁ ଓଷାବ୍ରତ ଆଦିର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ।
- ଓଡ଼ିଶାରେ ବାରମାସରେ ତେର ପରବ । ପ୍ରତ୍ୟେକ ମାସରେ ବିଭିନ୍ନ ପ୍ରକାର ଓଷାବ୍ରତ ,ପୂଜା ,ପାର୍ବଣ ପାଳନ କରାଯାଇଥାଏ ଏବଂ ବିଭିନ୍ନ ଉପକରଣର ବ୍ୟବହାର କରାଯାଇଥାଏ । ଯେପରି ବୈଶାଖ ମାସର ପଣା ସଂକ୍ରାନ୍ତିରେ ବସନ୍ତରା ,ଆଷାଢ଼ ମାସରେ ରଥଯାତ୍ରାରେ ରଥ , କାର୍ତ୍ତିକ ମାସରେ ଆକାଶଦୀପ ,ଫାଲଗୁନରେ ଦୋଳବିମାନ ,ଚୈତ୍ରରେ ଘଟପାଟୁଆ ଇତ୍ୟାଦିର ବ୍ୟବହାର ହୋଇଥାଏ । ଓଷା ,ବ୍ରତ ଆଦି ଧର୍ମଭିତ୍ତିକ କାର୍ଯ୍ୟରେ ଏହି ଉପକରଣ ବ୍ୟବହାର ହେବା ପରେ ଏହା ଆଉ ସାଧାରଣ ହୋଇରହେନାହିଁ ଏହାର ମହତ୍ତ୍ୱ ବଢିଯାଏ ।
- ଏହି ପ୍ରକାରର ଉପକରଣ ପ୍ରସ୍ତୁତି ନିମନ୍ତେ ବିଭିନ୍ନ କାରିଗରଙ୍କ ସହାୟତା ଲୋଡା ପଡିଥାଏ । ତେଣୁ ଧର୍ମଭିତ୍ତିକ ଲୋକଉପକରଣର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏହା ଅନେକ ବୃତ୍ତିର ଲୋକଙ୍କୁ ପେଟ ପୋଷିବାରେ ସହାୟତା କରିଥାଏ ।
- ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଧର୍ମ । ପରମ୍ପରା କ୍ରମେ ବ୍ୟବହାର କରାଯାଉଥିବା ବିଭିନ୍ନ ଧର୍ମଭିତ୍ତିକ ଉପକରଣ ଆମ ସଂସ୍କୃତିକୁ ସ୍ୱତନ୍ତ୍ରତା ପ୍ରଦାନ କରିବା ସହ ଏକ ଭିନ୍ନ ପରିଚୟ ପ୍ରଦାନ କରିଥାଏ ।

ଏହିଭଳି ଭାବେ ଅନେକ ବିଶେଷତାରେ ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣ ଗୌରବମଣ୍ଡିତ ।

# ତୃତୀୟ ଅଧ୍ୟାୟ

# ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣର ବୈଚିତ୍ର୍ୟ

ଧର୍ମ ଆଧାରିତ କାର୍ଯ୍ୟରେ ବ୍ୟବହୃତ ଉପକରଣ ହେଉଛି ଧର୍ମଭିତ୍ତିକ ଲୋକଉପକରଣ । ଓଡ଼ିଶାରେ ପାଳିତ ଓଷା ,ବ୍ରତ ,ପୂଜା ,ପାର୍ବଣରେ ବିଭିନ୍ନ ପ୍ରକାର ଉପକରଣ ବ୍ୟବହୃତ କରାଯାଇଥାଏ । ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣର ବିବିଧ ରୂପ ରହିଛି । ନିମ୍ନରେ ପୂର୍ବ ଅଧ୍ୟାୟରେ ଉଲ୍ଲେଖ କରାଯାଇଥିବା ଓଡ଼ିଆ ଧର୍ମଭିତ୍ତିକ ପ୍ରମୁଖ ଉପକରଣ ଯଥା :- ବସନ୍ତରା ,ରଥ ,ଷଠୀଘର , ଆକାଶଦୀପ ,ଦୋଳବିମାନ , ମାଣ ଖଟୁଳି , ସତ୍ୟପୀର ଖଟୁଳି , ବ୍ୟାସାସନ,ଘଟପାଟୁଆ ,ଭୋଗେଇ ,ରୁଖା ଆଦିର ଗଠନବିଧି ଓ ବ୍ୟବହାର ସମ୍ପର୍କରେ ସବିଶେଷ ଆଲୋଚନା କରାଗଲା ।

## (୩.୧) ଧର୍ମଭିତ୍ତିକ ଲୋକଉପକରଣ ଗଠନବିଧି ଓ ବ୍ୟବହାର –

ପ୍ରତ୍ୟେକ ଉପକରଣର ସ୍ୱତନ୍ତ୍ର ଗଠନବିଧି ଓ ବ୍ୟବହାର ରହିଛି । ନିମ୍ନରେ ଧର୍ମଆଧାରିତ କାର୍ଯ୍ୟରେ ବ୍ୟାବହୃତ ବିଭିନ୍ନ ଲୋକଉପକରଣର ଗଠନବିଧି ଓ ବ୍ୟବହାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଗଲା ।

- **ବସନ୍ତରା:**

ଓଡ଼ିଶାର ଏକ ଅନନ୍ୟ ପରମ୍ପରା 'ବସନ୍ତରା' । ପଣା ସଂକ୍ରାନ୍ତିଠାରୁ ଏକମାସ ପର୍ଯ୍ୟନ୍ତ ତୁଳସୀ ଗଛ ଓ ଦେବ ମୂର୍ତ୍ତି ଉପରେ ମାଟି ନିର୍ମିତ ହାଣ୍ଡିରୁ କ୍ଷୀଣ ଧାରରେ ଯେଉଁ ପାଣି ଦିଆଯାଏ ତାହାକୁ କୁହାଯାଏ ବସନ୍ତରା । ବିଷୁବ ସଂକ୍ରାନ୍ତି ଓଡ଼ିଆଙ୍କର ନବବର୍ଷ । ସେଦିନ ଲୋକେ ବୃନ୍ଦାବତୀ ଚାରିପାଖ ଭଲଭାବରେ ପରିଚ୍ଛନ୍ନ କରି ,ଚନ୍ଦନ ସିନ୍ଦୂର ଓ ଫୁଲ ଦିଅନ୍ତି । ପରେ ଚଉରାଙ୍କୁ ପଣାଛତୁଆ ଭୋଗ କରନ୍ତି । ଘଡ଼ିରେ ପାଣି ଢାଳିଲେ ତାହା ତଳ କଣା ଦେଇ ବିନ୍ଦୁ ବିନ୍ଦୁ ହୋଇ ଚଉରାରେ ପଡ଼େ । ଫଳରେ ତୁଳସୀ ଗଛଟି ଉପରେ ଛାଇ ଓ ଜଳଧାରା ପାଇ ସତେଜ ହୋଇରହେ ।

- ଆବଶ୍ୟକ ଉପକରଣ - ବାଉଁଶ ,ଗବ ,ନଡ଼ିଆ ବାହୁଙ୍ଗା ,କତାରାଶି , ଶିକା ,ଘଡ଼ି ।

- ତିଆରି ପ୍ରଣାଳୀ – ଚଉରା ପିଣ୍ଡିରେ ଚାରିଗୋଟି ଖୁଣ୍ଟ ପୋତି ଛାମୁଡ଼ିଆ କରାଯାଏ । ଏଥିରେ ଗୋଟାଏ ଶିକାରେ ତଳ କଣାଥିବା ଗୋଟେ ଗୋଟେ ଛୋଟ ଘଡ଼ିରେ କୁଶ ପୁରାଇ ଟାଙ୍ଗି ଦିଆଯାଏ ।
- ବ୍ୟବହାର – ଖରତାପରୁ ଚଉରାରେ ଥିବା ତୁଳସୀଗଛକୁ ଛାଇ କରି ଥଣ୍ଡା ରଖିବାରେ ବ୍ୟବହୃତ ।

- **ରଥ :**

ପ୍ରାଚୀନ କାଳରୁ ରଥ ଆମ ସଂସ୍କୃତି ଓ ଧର୍ମଚାର ସହିତ ଜଡ଼ିତ । ସାରା ଜଗତରେ ପୁରୀର ରଥଯାତ୍ରା ପ୍ରସିଦ୍ଧି ଲାଭ କରିଛି । ଏହାକୁ ଦେଖି ଏବେ ଦେଶ ବିଦେଶରେ ବିଭିନ୍ନ ସ୍ଥାନରେ ରଥଯାତ୍ରା ମହାସମାରୋହରେ ଦେଉଳ ସାମ୍ନାରେ ଆରମ୍ଭ ହୁଏ । ତାଳଧ୍ୱଜ ରଥରେ ପ୍ରଭୁ ବଳଦେବ , ଦେବଦଳନ ରଥରେ ମାଆ ସୁଭଦ୍ରା ଓ ସୁଦର୍ଶନ ଏବଂ ନନ୍ଦିଘୋଷ ରଥରେ ପ୍ରଭୁ ଜଗନ୍ନାଥ ବିଜେ କରନ୍ତି । ବିଭିନ୍ନ ପ୍ରକାର ବାଦ୍ୟନାଦ ଓ ହରିବୋଲ ହୁଳହୁଳି ଧ୍ୱନିରେ ବଡଦାଣ୍ଡ ଉଛୁଳି ଉଠେ । ସାଧାରଣ ଜନତା ତିନି ରଥଙ୍କୁ ଗୁଣ୍ଡିଚା ମନ୍ଦିରକୁ ଟାଣିନିଅନ୍ତି । ଏଠାରେ ନଅଦିନ ରହିବା ପରେ ପୁଣି ତିନିରଥ ଶ୍ରୀମନ୍ଦିରକୁ ବାହୁଡ଼ା ଏକାଦଶୀ ଦିନ ଫେରି ଆସନ୍ତି । ଏହାକୁ ବାହୁଡ଼ା ଯାତ୍ରା କୁହାଯାଏ । ଏତତବ୍ୟତୀତ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ,ମା ବିରଜାଙ୍କ ରଥଯାତ୍ରାରେ ମଧ୍ୟ ରଥର ବ୍ୟବହାର ହୋଇଥାଏ ।

- ଆବଶ୍ୟକ ଉପକରଣ – ଅସନ , ଶିମିଳି ,ଧଉରା ,ତେନ୍ତେରା ପ୍ରଭୃତି ବିଭିନ୍ନ ପ୍ରକାରର କାଠ ,ଲୁହାକଣ୍ଟା ,କପଡ଼ା , ଦଧିନଉତି ,ପତାକା ,ମୋଟା କତା ଦଉଡ଼ି ।
- ତିଆରି ପ୍ରଣାଳୀ – ରଥ ତିଆରି ସବୁଠାରୁ କଷ୍ଟକର କାମ । ଏଇ କାମରେ ଅନେକ କୁଶଳୀ ଓ ଅଭିଜ୍ଞ କାରିଗର ନିୟୋଜିତ ହୁଅନ୍ତି । ଶଗଡଚକ ଭଳି ଆଗେ ଚକ ନିର୍ମାଣ କରି ,ଏଗୁଡ଼ିକ ଅଖରେ ଯୋଖାଯାଏ । ଅଖ ଉପରେ ଗାତକରି ଠିଆ ବାଗରେ ନାହାକା ଉଠାଯାଏ । ପ୍ରତି ନାହାକାକୁ ଚାରିପଟୁ ଛନ୍ଦାଯାଇ ଉପର ଆଡକୁ ଦେଉଳ ଆକୃତି କରାଯାଏ । ରଥର ଗର୍ଭଗୃହରେ ଦିଅଁଙ୍କ ବସିବା ପାଇଁ ବିଜେସ୍ଥଳ ତିଆରି କରାଯାଏ । ଉପରେ ତିନିଗୋଟି କଳସ ଓ ତା ଉପରେ ପତାକା ଦଣ୍ଡ ଲଗାଯାଇ ପତାକା ଲଗାଯାଏ । ଲାଲ , ନୀଳ , କୃଷ୍ଣ ଓ ପିତ କପଡ଼ାରେ ରଥର ପଞ୍ଜରକୁ ଆଚ୍ଛାଦନ କରାଯାଏ । ରଥର ପ୍ରତି ଅଂଶରେ ସୁନ୍ଦର ସୁନ୍ଦର ପ୍ରତିମାମାନ ଖଞ୍ଜାଯାଇ ବିଭିନ୍ନ ଚିତ୍ରରେ ମଣ୍ଡଣି କରାଯାଏ।

ଶ୍ରୀକ୍ଷେତ୍ର ପୁରୀରେ ମାସାଧିକ ସମୟ ଧରି ଶହ ଶହ କାରିଗର ନିର୍ଦ୍ଦିଷ୍ଟ ପରିମାପରେ ଏଇ କାମ କରନ୍ତି ।

- ବ୍ୟବହାର – ଶ୍ରୀଗୁଣ୍ଡିଚା ଓ ବାହୁଡ଼ାରେ ଚାରିଦିଅଁଙ୍କୁ ତିନିରଥରେ ବସାଇ ,ରଥ ଆଗରେ ମଜଭୁତ ରଥଦଉଡ଼ା ଦ୍ୱାରା ଟାଣି ଟାଣି ରଥଯାତ୍ରା କରାଯାଏ ।

- **ଷଠୀଘର:**

ଆମ ପରମ୍ପରାରେ ନବପ୍ରସୂତ ସନ୍ତାନର ଆୟୁ ,ଆରୋଗ୍ୟ ଓ ନିର୍ବିଘ୍ନ ଜୀବନ ନିର୍ବାହ ପାଇଁ ଶିଶୁ ଜନ୍ମହେବାର ଷଷ୍ଠ ଦିବସର ସନ୍ଧ୍ୟାରେ ଷଷ୍ଠୀଦେବୀ ବା ଷଠୀଦେବୀଙ୍କ ଉପାସନା କରିବା ପାଇଁ ରହିଆସିଥିବା ଦୃଢ ଲୋକବିଶ୍ୱାସରୁ ଷଠୀଘରର ସୃଷ୍ଟି ।

- ଆବଶ୍ୟକ ଉପକରଣ – ଚିକିଟା କାଦୁଅ ,କଉଡ଼ି ,କଳା ,ସିନ୍ଦୂର ।
- ତିଆରି ପ୍ରଣାଳୀ – ପ୍ରସୂତିଘରର ଦକ୍ଷିଣପଟ କାନ୍ଥରେ ଚଟାଣଠାରୁ ପ୍ରାୟ ଦୁଇ ତିନି ହାତ ଉଚ୍ଚରେ ଚିକିଟା କାଦୁଅକୁ ମାଟି କାନ୍ଥରେ ଚଉଆଂଶିଆ କରି ଥାପି ଷଠୀଘର କରାଯାଏ । ମଙ୍ଗଳା ପୂଜାରେ ପଞ୍ଛେଇ ଆକାରର ଏଇ କାନ୍ଥମାଟି ହିଡରେ ସାତ ,ଅଠର ବା ପଚିଶଗୋଟି କଉଡ଼ି ଖପାଯାଏ । ପ୍ରତି କଉଡ଼ି ଉପରେ କଳା ,ସିନ୍ଦୂର ଦିଆଯାଇ ଏହାକୁ ବେଶ୍ ସୁଦୃଶ୍ୟ କରାଯାଏ ।
- ବ୍ୟବହାର -ଜନ୍ମିତ ଶିଶୁର ଛଅଦିନରେ ହେଉଥିବା ଉପଚାରରେ ସହାୟକ ।

- **ଆକାଶଦୀପ:**

ଓଡ଼ିଶାରେ କାର୍ତ୍ତିକମାସ ଧର୍ମମାସ ଭାବରେ ପାଳିତ ହୁଏ । ଏଇ ମାସର ଶୁକ୍ଳପକ୍ଷ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶେଷ ଛଅଦିନ ବକପଞ୍ଚକ ଭାବରେ କଥିତ । ଏହି କାର୍ତ୍ତିକ ମାସର ଏକ ଅନନ୍ୟ ପରମ୍ପରା ହେଉଛି ଆକାଶଦୀପ । ବିଧବା ନାରୀମାନେ ଏଇ ମାସସାରା ପ୍ରାତଃସ୍ନାନ ,ବୃନ୍ଦାବତୀ ପୂଜନ , ହବିଷ୍ୟାନ୍ନ ଭୋଜନ ସହିତ ରାଇଦାମୋଦର ବ୍ରତ ପାଳନ କରନ୍ତି । ନିଜ ସ୍ୱାମୀଙ୍କର ଦେବଲୋକ ପ୍ରାପ୍ତିପାଇଁ ଏମାନେ ପଞ୍ଚକ ସଞ୍ଜରେ ଚଉରାମୂଳେ ଆକାଶଦୀପ ଦାନ କରନ୍ତି । ବିଶେଷକରି ଦେବଦେବୀ ମନ୍ଦିର ନିକଟରେ ମଧ୍ୟ ଏଇ ଧର୍ମକାର୍ଯ୍ୟଟି ଭଜନ କୀର୍ତ୍ତନ ସହିତ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ । କେତେକ କ୍ଷେତ୍ରରେ ମାସସାରା ମଧ୍ୟ ସନ୍ଧ୍ୟାରେ ଆକାଶଦୀପ ଦିଆଯାଏ ।

- ଆବଶ୍ୟକ ଉପକରଣ -ସଳଖ ଲମ୍ବା ବାଉଁଶ ,ଶିକା ,ଶଗଡ଼ି ,ଝୋଟ ବା କତାରଶି ,ମାଟିହାଣ୍ଡି , ସରା ,ମାଟିଦୀପ ।
- ତିଆରି ପ୍ରଣାଳୀ ଓ ବ୍ୟବସ୍ଥା – ଓଡ଼ିଆ ଘରର ଚଉରାମୂଳେ ଏକ ଲମ୍ବା ଓ ସଳଖ ବାଉଁଶ ଭୂମିରେ ପୋତାଯାଇଥାଏ । ଏହା ହେଉଛି ଆକାଶବାଉଁଶ । ଏହା ଉପରେ କୌଣସି ପକ୍ଷୀ ନବସିବା ପାଇଁ ବାଉଁଶ ଅଗରେ କଣ୍ଟାଝଟା ବନ୍ଧା ଯାଇଥାଏ । ଅଗରୁ କିଛି ତଳକୁ କାଠର ଶଗଡ଼ି ଦୃଢ ଭାବରେ ବାଉଁଶରେ ବନ୍ଧାଯାଇଥାଏ । ଏହି ଶଗଡ଼ିରୁ ଗୋଟାଏ ଲମ୍ବାରଶି ମୂଳ ପର୍ଯ୍ୟନ୍ତ ଶଗଡ଼ିରେ ତଳକୁ ଓହଳିଥାଏ । ଏହା ହେଉଛି ଆକାଶ ଦଉଡ଼ି । ମାଟିଘଡ଼ି ବା ଛୋଟ ଆଟିକାକୁ ଶିକାରେ ରଖି ଆକାଶ ଦଉଡ଼ି ସହିତ ବନ୍ଧାଯାଇଥାଏ । ଏହା ହେଉଛି ଆକାଶଘଡ଼ି । ଏହାକୁ ଚନ୍ଦନ ,ସିନ୍ଦୂର ଦେଇ ଚିତ୍ରିତ କରାଯାଇଥାଏ । ଘଡ଼ିରେ ବାୟୁ ଚଳାଚଳ କରିବା ପାଇଁ ଏହାର ଅର୍ଦ୍ଧାଂଶରେ ଅତି ଛୋଟ ଛୋଟ କଣା କରାଯାଇଥାଏ । ଘଡ଼ି ଭିତରର ତଳଅଂଶରେ ଅଳ୍ପ ପରିମାଣର ବାଲି ରହେ ଓ ଏହା ଉପରେ ଥିବା ଗୋବରରେ ରଖାଯାଉଥିବା ଜଳନ୍ତା ଦୀପ ହେଉଛି ଆକାଶଦୀପ । ପବନ ଓ ବର୍ଷାରୁ ଜଳନ୍ତା ଦୀପକୁ ରକ୍ଷା କରିବା ପାଇଁ ଘଡ଼ି ଉପରେ ଛୋଟ ପଲମ ବା ସରା ଢାଙ୍କଣା ଦିଆଯାଏ ।
- ବ୍ୟବହାର – ସଞ୍ଜରେ ଚଉରାମୂଳେ ଶିକାରେ ଥିବା ଘଡ଼ିରେ ଦୀପ ସ୍ଥାପନ କରାଯାଇ ଶିକାର ଉପରପଟ ଦଉଡ଼ିକୁ ତଳକୁ ଭିଡ଼ାଯାଏ । ଫଳରେ ଦୀପଥିବା ଘଡ଼ିଟି ଉପରକୁ ଉଠେ । ଏଇ ସମୟରେ ଘଣ୍ଟ,ଘଣ୍ଟା ବାଦ୍ୟ ସହିତ ହରିବୋଲ ଓ ହୁଳହୁଳି ଦିଆଯାଏ । ଘଡ଼ିଟି ଶଗଡ଼ି ପର୍ଯ୍ୟନ୍ତ ଉଠିଗଲେ ,ଶିକାର ତଳେ ଓ ଉପରେ ଲାଗିଥିବା ଦଉଡ଼ି ଦୁଇଟିକୁ ଏକାଠି କରି ପୋତା ବାଉଁଶର ତଳ ଅଂଶରେ ବନ୍ଧାଯାଏ ।

- **ଦୋଳବିମାନ:**

ଓଡ଼ିଆ ଜାତିର ଅନନ୍ୟ ପର୍ବ ଦୋଳ । ଦୋଳପର୍ବ ଆସିଲେ ମନକୁ ଆସେ ଦୋଳବିମାନର କଥା । ଫଗୁଣ ମାସରେ ପ୍ରଭୁ ଦୋଳଗୋବିନ୍ଦଙ୍କ ଚାଚେରୀଲୀଳାରେ ଏହି ଦୋଳବିମାନ ବ୍ୟବହୃତ ହୋଇଥାଏ । ଦିଅଁ ଘରେ ଏଇ ବିମାନରେ ଦିଅଁଙ୍କୁ ରଖି ପୂଜା କରାଯାଏ । ବିଭିନ୍ନ ମଠ ଓ ମନ୍ଦିରରେ ବିଭିନ୍ନ ପ୍ରକାରର ସୂକ୍ଷ୍ମ କାରିଗରି ଦ୍ୱାରା ସୁନ୍ଦର ବିମାନ ପ୍ରସ୍ତୁତ କରାଯାଏ । କେହି କେହି ଏହାକୁ ଚଉଦୋଳ କହନ୍ତି । ଓଡ଼ିଶାରେ ଦୋଳପର୍ବ ଓ ଚନ୍ଦନଯାତ୍ରା ଅବସରରେ ପ୍ରତି ଗ୍ରାମରେ ଦୋଳାଯାତ୍ରାରେ ବିମାନରେ ଠାକୁର ବିଜେ କରନ୍ତି । ପୁଣି ବିଭିନ୍ନ ସ୍ଥାନରେ ଦୋଳମେଳଣରେ ମଧ୍ୟ ବିଭିନ୍ନ ସ୍ଥାନରୁ ବିମାନ ଆସି ଉପସ୍ଥିତ ହୁଅନ୍ତି । କୋଟି ଓଡ଼ିଆର ମଉଡମଣି ପ୍ରଭୁ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ,ରଥଯାତ୍ରା ଓ ଅନ୍ୟାନ୍ୟ ଅନେକ ପର୍ବଯାତ୍ରାରେ ମଦନମୋହନ ଦୋଳବିଜେ ହୋଇଥାନ୍ତି ।

- ଆବଶ୍ୟକ ଉପକରଣ – ବିଭିନ୍ନ କିସମ କାଠ , ଲୁହାକଣ୍ଟା ।
- ତିଆରି ପ୍ରଣାଳୀ – ବିଶ୍ୱନିଅନ୍ତା ବିଶ୍ୱକର୍ମା କାରିଗର ହାତର କୁହୁକ ସ୍ପର୍ଶରେ ଜୀବନ୍ତ ହୋଇଉଠେ । ସେ କୋଟି ହୃଦୟର ମଉଡମଣି ଶ୍ରୀଜଗନ୍ନାଥ ହୁଅନ୍ତୁ ଅଥବା ଗାଁର ଆରାଧ୍ୟ ଠାକୁର ସମସ୍ତେ ରତ୍ନ ସିଂହାସନରୁ ବିଜେ କରିଥାନ୍ତି ଏହି କାଷ୍ଠନିର୍ମିତ ସୌନ୍ଦର୍ଯ୍ୟପୂର୍ଣ୍ଣ ବିମାନରେ । ଚାରିଗୋଟି କୁନ୍ଦ ଗୋଡ଼ରେ ବିମାନର ତଳଟି ସୁନ୍ଦର ପଟାରେ ଖାନ୍ଦିକରି ଖଞ୍ଜାଯାଏ । ନିହାତି ଚାରିଗୋଟି କୁନ୍ଦକରା ଖମ୍ବ ଚାରିକୋଣରେ ଏହା ଉପରକୁ ଉଠାଯାଏ । ଖମ୍ବର ଉପରି ଭାଗରେ ତାଳୁପଟାର ସମଆକାରର ଆଡି ଯୋଡ଼ାଯାଏ । ବିମାନର ତଳବସାଣିରେ ପଛପାଖରେ ସୁଦୃଶ୍ୟ ପ୍ରଭା ଲାଗିଥାଏ । ଅନ୍ୟ ଦୁଇ ପାଖରେ ମଧ୍ୟ ଅପେକ୍ଷାକୃତ ଅଳ୍ପ ଓସାରର ପ୍ରଭା ଲାଗେ । ସାମନାପଟେ ଦ୍ୱାର ରହିଥାଏ । ସୂକ୍ଷ୍ମ କାରୁକାର୍ଯ୍ୟ ଭରା ଚୂଳ ବିମାନର ଉପରିଭାଗରେ ଶୋଭାପାଏ ।

  କାଠ ତିଆରି ଏହି ବିମାନ ଗୁଡ଼ିକୁ ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି । ଯଥା : ପଞ୍ଚମୁଣ୍ଡୀୟ , ଏକମୁଣ୍ଡୀୟ ,ଝୁଲଣ ବିମାନ , ପାଲିଙ୍କି ବିମାନ ଏବଂ ଦୋଳବିମାନ । ଦୋଳ ପୂର୍ଣ୍ଣିମା ଅବସରରେ ଦୋଳଗୋବିନ୍ଦଙ୍କ ନିମନ୍ତେ ଦୋଳବିମାନ ନିର୍ମାଣ କରାଯାଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ପଞ୍ଚମୁଣ୍ଡୀୟ ,ଝୁଲଣ ପାଇଁ ପାଲିଙ୍କି ବିମାନ ବ୍ୟବହାର କରାଯାଇଥାଏ ।  ବିମାନର ବିଭିନ୍ନ ଅଂଶକୁ ଭିନ୍ନ ଭିନ୍ନ ନାମକରଣ କରାଯାଇଥାଏ। ସେଗୁଡ଼ିକ ହେଲା – ଖୋରା , ପଗଡ଼ ,ଖୋରାବାଡ଼,ତଳଚକଡା ,ସିଂହବାଡ଼ ,ଉପର ଚକଡା ,ଖୁଣ୍ଟି ,ମେହେରାବି , ସିଂହାସନ , ଚାଳ ,ତୁଣ୍ଡାଟ,ବେକି ,ମୁଦିଆ ଏବଂ ଦଧିନଉତି ଇତ୍ୟାଦି । ବିମାନ ନିର୍ମାଣ ନିମନ୍ତେ କାରିଗରମାନଙ୍କୁ ଏକମାସରୁ ଅଧିକ ସମୟ ଲାଗିଥାଏ ।
- ବ୍ୟବହାର – ବିମାନର ତଳବସାଣିରେ ଦିଅଁଙ୍କୁ ପ୍ରଭାସହ ଦୃଢ ଭାବେ ରୁନ୍ଧାଯାଏ । ବିମାନର ସାମନାପଟୁ ପଛଆଡକୁ ଦୁଇଟି କାଠ ବା ବାଉଁଶ ବିମାନ ଗୋଡ଼ରେ ବନ୍ଧାଯାଏ । ଏହାକୁ ଚାରିଜଣ ବାହକ କାନ୍ଧରେ ଧାରଣ କରି ଦୋଳାଯାତ୍ରାରେ ବାହାରନ୍ତି । ଆଗେ ଆଗେ ବାଣ,ରୋଶଣି ,ଗୋଟିପୁଅ ନୃତ୍ୟ ,କୀର୍ତ୍ତନ ଦଳ, ଘଣ୍ଟ , ଘଣ୍ଟା ,ମର୍ଦ୍ଦଳ ,କଂସାଳ ,ଢୋଲ ,ମହୁରି ଇତ୍ୟାଦି ବାଦ୍ୟ ସହିତ ପଟୁଆର ଯାଏ ।

- **ଘଟପାଟୁଆ :**

ପାରମ୍ପରିକ ଲୋକବିଶ୍ୱାସର ଅନ୍ୟତମ ଦୃଢ ତଥା ଶକ୍ତି ଉପାସନାଭିତ୍ତିକ ଧାର୍ମିକ ଅନୁଭବ ହେଉଛି ଘଟପାଟୁଆ । ଓଡ଼ିଶାର ଶାକ୍ତ ପରମ୍ପରାରେ ଘଟପଟୁଆର ଅସାଧାରଣ ଭୂମିକା ଆଜି ବି ଅତୁଟ । ଏଥିରେ ଘଟପୂଜା ପରମ୍ପରାର ଭ୍ରାମ୍ୟମାଣ ଅବସ୍ଥା ଦେଖାଯାଏ । ଶାରଳା ,ମଙ୍ଗଳା ,ଚର୍ଚ୍ଚିକା ,ହିଙ୍ଗୁଳା ,କୁତାମଚଣ୍ଡୀ ପ୍ରଭୃତି ଦେବୀପୀଠର ପୂଜକମାନେ ଚୈତ୍ରମାସରେ ଦେବୀଙ୍କ ପ୍ରତୀକ ଭାବରେ ଘଟସ୍ତମ୍ଭ ମଥାରେ ଥୋଇ ଗାଁ ଗାଁ ବୁଲି ଦେବୀ ମହିମା ପ୍ରଖ୍ୟାପନ କରିବା ସହିତ ଭକ୍ତମାନଙ୍କୁ ପାଦୋଦକ ବାଣ୍ଟନ୍ତି । ଲୋକେ ମଧ ନିଜ ଦାଣ୍ଡରେ ପାହାଡା ପରି ଘଟସ୍ତମ୍ଭ ପାଇଁ ଆସନ ବ୍ୟବସ୍ଥା କରନ୍ତି ଓ ପାଟୁଆଙ୍କୁ ଦକ୍ଷିଣା ଦେବା ସହ ମାଆଙ୍କ ଘଟକୁ ମୁଣ୍ଡିଆ ମାରି ନିଜ ନିଜ ମାନସିକ ଜଣାନ୍ତି ।

- ଆବଶ୍ୟକ ଉପକରଣ – କାଠସ୍ତମ୍ଭ ,ନଡ଼ିଆ ଖଡିକା ,ପିତଳ ଘଟ ,ଚିକିଟା ମାଟି ,ହଳଦୀ ,ଚନ୍ଦନ,ସିନ୍ଦୂର ।
- ତିଆରି ପ୍ରଣାଳୀ – ପ୍ରାୟ ଚାରିରୁ ସାଢେ ଚାରି ହାତ ଉଚ୍ଚର କମକୁଟ ହୋଇଥିବା ସୁଦୃଶ୍ୟ କାଠଖମ୍ବ ଉପରେ ପିତଳର ଘଟରେ ଦେବୀଙ୍କ ବିଗ୍ରହ ସ୍ଥାପନ କରାଯାଏ । ଏଇ ଘଟର ଉପର ଭାଗରେ ପାଞ୍ଚରୁ ସାତଗୋଟି ଓ ଶୀର୍ଷରେ ଗୋଟିଏ ରନ୍ଧ୍ର ଥାଏ । ଏଇ ରନ୍ଧ୍ରଗୁଡିକରେ ଖଡ଼ିକାରେ ସୁନ୍ଦର ଫୁଲମାନ ଗୁନ୍ଥି ଠିଆବାଗରେ ଉପରକୁ ରଖାଯାଏ ।
- ବ୍ୟବହାର – ପାଟୁଆମାନେ ଅର୍ଦ୍ଧନାରୀ ପୁରୁଷ ବେଶ ହୋଇ ଏଇ ଘଟସ୍ତମ୍ଭକୁ ମୁଣ୍ଡରେ ଥୋଇ ଗ୍ରାମ ପରିକ୍ରମା କରନ୍ତି । ତାଙ୍କର ଜଣେ ସହଯୋଗୀ ତାଙ୍କ ସହିତ ଘଣ୍ଟ ବଜାନ୍ତି । ଘଣ୍ଟ ବାଦ୍ୟର ତାଳେ ତାଳେ ଏମାନେ ନୃତ୍ୟ ପରିବେଷଣ କରନ୍ତି । ଏହା ହେଉଛି ପ୍ରସିଦ୍ଧ 'ଘଟପାଟୁଆ' ନୃତ୍ୟ । କେତେକ ପାଟୁଆ ଗୋଡ଼ରେ ରଣପା ପିନ୍ଧି ,ମଥାରେ ଘଟସ୍ତମ୍ଭ ରଖି ଅତି ଚିତ୍ତାକର୍ଷକ ନୃତ୍ୟ କରନ୍ତି ।

- **ପନ୍ଚେଇ:**

ଗଭୀର ଦେବଦେବୀ ବିଶ୍ୱାସରୁ ଓଡ଼ିଶାରେ ପିଲାପରିବାରର ମଙ୍ଗଳ ମନାସ କରି ମଙ୍ଗଳବାର ଓଷା ପାଳନ କରାଯାଏ । ମାଆ ମଙ୍ଗଳାଙ୍କୁ ଉପାସନା କରିବା ପାଇଁ କେବଳ ନାରୀମାନେ ପନ୍ଚେଇ ପୂଜା କରନ୍ତି । ପ୍ରତି ମଙ୍ଗଳବାର ମଧ୍ୟାହ୍ନରେ ନିଜ ଘର ଆଗରେ ବା ଛକ ଜାଗାରେ ଗୋବର ଲିପି

ପୂଜା ସ୍ଥାନ ପରିଷ୍କାର କରି ମାଆ ମଙ୍ଗଳାଙ୍କୁ ବିଭିନ୍ନ ଦ୍ରବ୍ୟ ଓ ପଣା ନୈବେଦ୍ୟ ଦେଇ ଭକ୍ତିପୂତ ମନରେ ପୂଜା କରନ୍ତି ।

- ଆବଶ୍ୟକ ଉପକରଣ -ଖଣତି ,ଶିଳପୁଆ ।
- ତିଆରି ପ୍ରଣାଳୀ – ମାଟିକୁ ଲିପାପୋଛା କରି ,ଏହା ଉପରେ ବର୍ଗାକାର ଗୋଟିଏ ନାଳି ତିଆରି କରି ମଝିରେ ଗୋଟେ ଗାତ କରି ତହିଁରେ ମାଆଙ୍କ ପ୍ରତୀକ ଭାବରେ କଜ୍ଜ୍ୱଳ ,ସିନ୍ଦୂର ,ହଳଦୀ ,ଫୁଲ ଚନ୍ଦନ ଦେଇ ଏକ ଶିଳପୁଆ ଥାପନ୍ତି । ନାଳିରେ ହଳଦୀପାଣି ଢାଳନ୍ତି ।
- ବ୍ୟବହାର – ମାଆ ମଙ୍ଗଳାଙ୍କ ପୂଜା ପାଇଁ ଏକ ସ୍ଥାନ ।

- **ଆଡପଙ୍ଖା :**

ଆଡପଙ୍ଖା ଦ୍ୱାରା ଅତୀତରେ ରାଜା ,ସାଆନ୍ତ ,ଜମିଦାର ପ୍ରଭୃତି ସମ୍ଭ୍ରାନ୍ତ ବର୍ଗର ବ୍ୟକ୍ତିମାନଙ୍କୁ ବିଞ୍ଚଣା ଭଳି ପବନ ସେବା ଯୋଗାଇ ଦିଆଯାଉଥିଲା । ଏବେ ବିଭିନ୍ନ ଦେବାଦେବୀଙ୍କର ବିବିଧ ପର୍ବଯାତ୍ରାରେ ,ପ୍ରଭୁ ଜଗନ୍ନାଥଙ୍କ ଚନ୍ଦନଯାତ୍ରା, ସ୍ନାନଯାତ୍ରା ଓ ରଥଯାତ୍ରାରେ ଏଇ ଆଡପଙ୍ଖା ସେବାବିଧି ପ୍ରଚଳିତ ରହିଛି । ଆଡପଙ୍ଖା ପ୍ରସ୍ତୁତି ହେଉଛି ଓଡିଆ କାରିଗରି କୌଶଳର ସ୍ୱତନ୍ତ୍ର ଓ ସୁନ୍ଦର କଳାତ୍ମକ ପ୍ରୟୋଗ ।

- ଆବଶ୍ୟକ ଉପକରଣ – ସଳଖ ଲମ୍ବା ମୋଟା ବେତ , ସରୁବେତ ,ତଲେଇ ,କପଡ଼ା ଝାଲର ,ଡୋର ।
- ତିଆରି ପ୍ରଣାଳୀ ଓ ବ୍ୟବସ୍ଥା – ଆଡପଙ୍ଖା ବିଞ୍ଚଣା ଆକୃତିର ହୋଇଥିଲେ ମଧ୍ୟ ଆକାରରେ ହାତବୁଲା ବିଞ୍ଚଣାଠାରୁ ବଡ । ଏଥିରେ ନଳ ଲାଗିନଥାଏ । ବାଉଁଶପାତିଆ ତଲେଇରେ ଏହାର ଛାଞ୍ଚ ତିଆରି ହୋଇଥାଏ । ଏହା ଉପରେ ମଖମଲି କପଡ଼ା ଓ ଝାଲର ଦେଇ ଏହାକୁ ସୁଦୃଶ୍ୟ କରାଯାଇଥାଏ । ତଳୁ ତିନି ଚାରିଫୁଟ ଉଚ୍ଚତାରେ ମୋଟା ବେତରେ ଏହାର ବେଣ୍ଟ ଲାଗିଥାଏ ।
- ବ୍ୟବହାର – ଏହାର ବେଣ୍ଟକୁ ତଳେ ରଖି ଏହାକୁ ଠିଆବାଗରେ ବିଞ୍ଚୁଥିବା ଲୋକ ବେଣ୍ଟର ଉପର ଅଂଶକୁ ଏପାଖ ସେପାଖ ହଲାଇବା ଫଳରେ ପବନ ଆସେ ଓ ଶୀତଳତା ପ୍ରଦାନ କରେ ।

- **ସତ୍ୟପୀର ଖଟୁଳି :**

ସତ୍ୟପୀର ଉପାସନା ସମୟରୁ ସତ୍ୟପୀର ଖଟୁଳିର ପ୍ରଚଳନ ଦେଖାଯାଇଛି । ଆସ୍ଥାନ ଉପରେ ନୂଆ ବସ୍ତ୍ର ପାରି ଏହା ଉପରେ ପାଞ୍ଚଗୋଟି ଗୋଟାପାନ ଉପରେ ପାଞ୍ଚଗୋଟି ଗୋଟାଗୁଆ ଓ ପାଞ୍ଚଗୋଟି ପାଚିଲା କଦଳୀ ରଖି ଗଣେଶ ,ନାରାୟଣ ,ରୁଦ୍ର ,ଅମ୍ବିକା ଓ ଭାସ୍କରଙ୍କୁ ଉପାସନା କରାଯାଏ । ନବଜନ୍ମିତ ଶିଶୁର ଏକବର୍ଷଠାରୁ ଷୋଳବର୍ଷ ପୂରିବା ପର୍ଯ୍ୟନ୍ତ ସତ୍ୟନାରାୟଣ ଉପାସନା ପାଇଁ ଏହାକୁ ବ୍ୟବହାର କରାଯାଏ । ଏହା ଷୋଳପାଲା ନାମରେ ସୁଖ୍ୟାତ ।

- ଆବଶ୍ୟକ ଉପକରଣ -ଆମ୍ବ ,ପଣସ ,ଗମ୍ଭାରି ,ଶାଳ,ପିଆଶାଳ ,ଶାଗୁଆନ ,କସି ,କୁରୁମ ,ଶିଶୁ ଇତ୍ୟାଦି ବିଭିନ୍ନ କାଠ ।
- ତିଆରି ପ୍ରଣାଳୀ – ଏକହାତ ଆଡଦୀର୍ଘରେ ଏହାର ଆକାର ବର୍ଗାକାର ହୋଇଥାଏ । ପ୍ରାୟ ଏକ ଚାଖଣ୍ଡ ଏହାର ଉଚ୍ଚତା ,ତଳେ ଚାରିଗୋଟି ସୁଦୃଶ୍ୟ କୁନ୍ଦକରା ଗୋଡ ଲାଗିଥାଏ । ଚାରିଗୋଡ଼ ଚାରିଗୋଟି ଦଣ୍ଡାରେ ଲାଗିଥାଏ । ଏହା ଉପରେ ପଟା ଲାଗେ ଆସ୍ଥାନର ପଛଭାଗରେ ସୁନ୍ଦର ପ୍ରଭା ଲାଗେ , ପ୍ରଭାର ଉଭୟ ପାଖ ଡେରପଟାରେ ମଧ୍ୟ କାରୁକାର୍ଯ୍ୟ କରାଯାଇଥାଏ । ସାମନାପଟ ଆଡ଼ିରେ ମଧ୍ୟ କମକୁଟ କରାଯାଇଥାଏ । ଏହାର ଚାରିପଟେ ବାଉଁଶ କଣିରେ ମୟୂରପୁଚ୍ଛ ଲାଗିଥିବା ଚାରିପଟ କାଣ୍ଡ ପୋତାଯାଇ ଏଥିରେ ଛୋଟ ଚାନ୍ଦୁଆ ବନ୍ଧାଯାଏ ।
- ବ୍ୟବହାର – ସତ୍ୟପୀର ପୂଜାରେ ଆସ୍ଥାନ ରୂପେ ବ୍ୟବହୃତ ହୁଏ ।

- **ବ୍ୟାସାସନ :**

ବ୍ୟାସାସନ ମୁଖ୍ୟତଃ ପୋଥି ,ପୁରାଣ ପଢିବାରେ ବ୍ୟବହୃତ ହୋଇଥାଏ । ଏହା ମାତ୍ର ଖଣ୍ଡେ କାଠକୁ ଦିଫାଳ କରି ଛନ୍ଦାଯାଇ ତିଆରି କରାଯାଏ । ପରେ ଏହାକୁ ଖୋଲିଲେ ଦୁଇ ଛନ୍ଦାପାଖ ତେଢିଆ ହେଇ ରହିପାରେ । କେଉଁ ସୁଦୂର ଅତୀତରୁ ଭାଗବତ ଘରେ ଏହାକୁ ରଖି ଏହା ଉପରେ ପୋଥି ପୁରାଣ ପାଠ କରାଯାଏ ।

- ଆବଶ୍ୟକ ଉପକରଣ – ପତଳା କାଠ ।
- ତିଆରି ପ୍ରଣାଳୀ – ଏଥିପାଇଁ ଖଣ୍ଡେ କାଠକୁ ଚଉଆଂଶିଆ କରି ରନ୍ଦା କରାଯାଏ । ପରେ ନିହଣ ବା ବଟାଳି ସାହାଯ୍ୟରେ ଏହାର ମଝିରେ କଣା କରାଯାଏ । ଏଇ ପଟାକୁ ସମାନ ଭାବରେ କରତରେ ଚିରିଦେଲେ ଏହା ଦୁଇଖଣ୍ଡ ହେଇଯାଏ ।

- ବ୍ୟବହାର – ପୋଥି , ପୁରାଣ ପଢିବାରେ ବ୍ୟବହୃତ ହୁଏ ।

- **ମାଣ ଖଟୁଲି :**

ମାଣବସା ଗୁରୁବାର ଓଷା ଓଡ଼ିଶାରେ ପାଳିତ ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବରେ ମହାଲକ୍ଷ୍ମୀଙ୍କୁ ଗୃହରେ ଧନଧାନ୍ୟ ବୃଦ୍ଧି ନିମନ୍ତେ ମଧ୍ୟ ପୂଜା କରାଯାଏ । ମାର୍ଗଶିର ମାସରେ ଓଡ଼ିଆ ନାରୀମାନେ ଏହି ଓଷା ପାଳନ କରିଥାନ୍ତି । ବୁଧବାର ଦିନ ଗୃହିଣୀମାନେ ଘରଦ୍ୱାର ଲିପାପୋଛା କରି ସୁନ୍ଦର ଭାବେ ଚିତା ପକାଇଥାନ୍ତି । ଶତଦଳ ପଦ୍ମ ଏବଂ ଲକ୍ଷ୍ମୀଙ୍କର ପାଦ ନୂତନ ଚାଉଳର ପିଠଉରେ ଲେଖି ,କାନ୍ଥରେ ମଧ୍ୟ ଝୋଟି ଚିତା ପକାଇଥାନ୍ତି । ଗୁରୁବାର ଦିନ କୋଠି ଲେଖି ଲକ୍ଷ୍ମୀ ଦେବୀଙ୍କର ପ୍ରତୀକ ରୂପେ ନୂତନ ଧାନକୁ ଭରି ,ନୂତନ ବସ୍ତ୍ର ଏବଂ ଚନ୍ଦନାଦି ଖଟୁଲିରେ ରଖି ପୂଜା କରିଥାନ୍ତି ।

- ଆବଶ୍ୟକ ଉପକରଣ -କାଠଖଣ୍ଡ ,କପଡ଼ା ,ରଙ୍ଗ ।
- ତିଆରି ପ୍ରଣାଳୀ -ସାଧାରଣ ଖଟୁଲି ଭାବରେ ,ଚାରିଟି ଗୋଡ ଲାଗି ଉପରେ ପଟା ପଡ଼େ ।
- ବ୍ୟବହାର – ମାଣବସା ଗୁରୁବାର ଓଷାରେ ବ୍ୟବହୃତ ।

- **ରୁଖା :**

ରୁଖା ଭାଗବତ ଘରେ ଅତି ପୁରୁଣା କାଳରୁ ବ୍ୟବହୃତ ହେଉଥିବା ଏକ କାଷ୍ଠାସନ । ଅତୀତରେ ଦୀପ ଆଲୁଅର ଆଧାର ଭାବରେ ରୁଖା ବ୍ୟବହୃତ ହେଉଥିଲା ।

- ଆବଶ୍ୟକ ଉପକରଣ – କାଠଖଣ୍ଡ ।
- ତିଆରି ପ୍ରଣାଳୀ -ମାତ୍ର ତିନିଖଣ୍ଡ କାଠରେ ଏହା ତିଆରି ହୋଇଥାଏ । ତଳେ ଏକହାତ ଲମ୍ବାର ଏକ ଚଉଆଂଶିଆ କାଠକୁ ଠିଆବାଗରେ ଖଞ୍ଜାଯାଏ । ତଳକାଠଠାରୁ ଅପେକ୍ଷାକୃତ ଏକ ଛୋଟ ଆକାରର କାଠ ଏଇ ଖୁଣ୍ଟର ଉପରମୁଣ୍ଡରେ ବିନ୍ଧାଯାଏ ।
- ବ୍ୟବହାର- ରୁଖା ଉପରେ ଜଳନ୍ତା ଦୀପ ରଖାଯାଏ । ଦୀପ ଆଲୁଅ ତଳ ପର୍ଯ୍ୟନ୍ତ ବିଚ୍ଛୁରିତ ହୁଏ । ଏହାର ନିକଟରେ ବଇଠାରେ ପୁରାଣ ଓ ଭାଗବତ ପୋଥି ପ୍ରଭୃତି ଥୋଇ ପାଠ କରାଯାଏ ।

- **ଶ୍ରୁବ:**

ଯଜ୍ଞ ଓ ହୋମ ପ୍ରଭୃତି ଧାର୍ମିକ ଓ କର୍ମକାଣ୍ଡ କାର୍ଯ୍ୟରେ ପ୍ରମୁଖ ଉପକରଣ ହେଉଛି ଶ୍ରୁବ । ଶ୍ରୁବ ଗମ୍ଭାରି ,ଖଇର ବା ଆମ୍ବ କାଠରେ ତିଆରି ହେବା ବିଧି ରହିଛି । ସୁବିଧାରେ ମିଳୁଥିବା ଆମ୍ବ ,ପଣସ ଓ ଗମ୍ଭାରି କାଠରେ ମଧ୍ୟ ଏହା ତିଆରି ହୋଇଥାଏ । ବିବାହ ,ବ୍ରତ ଓ ହୋମ ,ଯଜ୍ଞାଦି କର୍ମକାଣ୍ଡରେ ଶ୍ରୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

- ଆବଶ୍ୟକ ଉପକରଣ- ଆମ୍ବ ,ପଣସ ବା ଗମ୍ଭାରି କାଠ ।
- ତିଆରି ପ୍ରଣାଳୀ – ପ୍ରାୟ ଏକ ହାତ ଲମ୍ବ ମାପରେ ଆମ୍ବ ,ପଣସ ବା ଗମ୍ଭାରି କାଠକୁ ତିନିଇଞ୍ଚ ଗୋଲେଇ ବିଶିଷ୍ଟ କରାଯାଏ । ଶ୍ରୁବଟିର ଉପର ମୁଣ୍ଡକୁ ବର୍ତ୍ତୁଳାକାର କରି ଏଥିରେ ବୁଢା ଅଙ୍ଗୁଠି ପଶିବା ଭଳି ଏକଗାତ ଖୋଦେଇ ହୋଇଥାଏ । ଶ୍ରୁବ ଦେହରେ ଉପଯୁକ୍ତ ବ୍ୟବଧାନରେ ଗୋଲେଇ ଗାର କରି ଏହାକୁ ସୁନ୍ଦର କରାଯାଏ ।
- ବ୍ୟବହାର – ହୋମଯଜ୍ଞାଦି କର୍ମକାଣ୍ଡରେ ଶ୍ରୁବର ମୂଳଭାଗକୁ ଦକ୍ଷିଣ ହାତରେ ଧରି ,ଉପର ଭାଗରେ ଥିବା ଗାତରେ ଘିଅ ଭରି ହୋମନିଆଁରେ ଆହୁତି ଦିଆଯାଏ ।

- **ସ୍ରୁଚ :**

ଶ୍ରୁବଠାରୁ ସ୍ରୁଚ ଅପେକ୍ଷାକୃତ ଏକ ଚାଖଣ୍ଡେ ଲମ୍ବା । ଶ୍ରୁବର ଗୋଲେଇଠାରୁ ଏହା ଅଧିକ ମୋଟା । ଏହାର ଉପରମୁଣ୍ଡଟା ଚଉଆଂଶିଆ ,ଏଥିରେ ଗାତ ହୋଇ ବାହାରକୁ ପାଞ୍ଚଗୋଟି ଛିଦ୍ର ଥାଏ । ଛିଦ୍ର ବାହାରକୁ ଅତି ସରୁ ନାଳି କରାଯାଇଥାଏ ।

- ଆବଶ୍ୟକ ଉପକରଣ – ଗମ୍ଭାରି ,ଖଇର ,ଶିଶୁ ,ଆମ୍ବ ,ପଣସ କାଠ ।
- ତିଆରି ପ୍ରଣାଳୀ – ଦେଢହାତ ଲମ୍ବର କାଠକୁ ତିନିଇଞ୍ଚ ମୋଟେଇରେ ବର୍ତ୍ତୁଳାକାର କରାଯାଏ। ଏହାର ଉପର ମୁଣ୍ଡରୁ ତିନିଇଞ୍ଚ ଚଉଡ଼ାର ରଖି ଏହା ଭିତର ଖୋଦେଇ କରାଯାଏ। ଖୋଦେଇ ବାହାରକୁ ରହିଥିବା ତିନିଇଞ୍ଚ କାଠରେ ପାଞ୍ଚଗୋଟି ସରୁ ନାଳି କରାଯାଇଥାଏ । ଖୋଦେଇକୁ କଣା କରି ନାଳିକୁ ରନ୍ଧ୍ର ଫିଟିଥାଏ ।
- ବ୍ୟବହାର – ଘିଅପାତ୍ରରୁ ଶ୍ରୁବରେ ଘିଅ ନିଆଯାଇ ଏଥିରେ ଭରିଦିଆଯାଏ ଓ ପୁରୋହିତ ବା ଯଜ୍ଞକର୍ତ୍ତା ସ୍ରୁଚର ଘିଅକୁ ଦୁଇ ହାତରେ ଧରି ହୋମକୁଣ୍ଡରେ ଜଳୁଥିବା ଅଗ୍ନିରେ ମନ୍ତ୍ରପାଠ କରି ଆହୁତି ଅର୍ପଣ କରନ୍ତି ।

- **ଚଉରା :**

ଓଡ଼ିଆ ସଂସ୍କୃତିରେ ଚଉରାର ପ୍ରମୁଖ ଭୂମିକା ରହିଛି । ଚଉରା ହେଲେ ଗୃହଦେବୀ ବୃନ୍ଦାବତୀ । ପ୍ରତି ଓଡ଼ିଆଣୀ ସକାଳେ ଏଥିରେ ପାଣି ଦିଅନ୍ତି । ସଞ୍ଜରେ ସଞ୍ଜବତୀ ଦେଇ ମୁଣ୍ଡିଆ ମାରନ୍ତି । ଅଧିକାଂଶ ଓଷାବ୍ରତ ପୂଜା ଚଉରାମୂଳରେ ହିଁ କରାଯାଏ ।

- ଆବଶ୍ୟକ ଉପକରଣ -ମାଟି ,ପଥର ,ଇଟା ।
- ତିଆରି ପ୍ରଣାଳୀ – ପଥର ,ଇଟା ବା ମାଟିରେ ଚଉରା ତିଆରି କରାଯାଏ । ସ୍ତ୍ରୀ ପୁରୁଷ ବାଛବିଚାର ନକରି ଯେକୌଣସି ଲୋକ ବିଭିନ୍ନ ପ୍ରକାରର ତିଆରି କରନ୍ତି । ଏହାର ମୂଳ ଭାଗଟି ମୋଟ ଓ ଅଗ୍ରଭାଗଟି କ୍ରମଶଃ ସରୁ ହୋଇଥାଏ । ଏହା ଉପରେ ଅଭଡ଼ା କୁଡୁଆ ଥାପି ,ଏଥିରେ ତୁଳସୀ ଗଛ ପୋତାଯାଏ । କେହି କେହି ଏଥିରେ ଅତି ସୁନ୍ଦର କାରୁକାର୍ଯ୍ୟ କରିଥାନ୍ତି ।
- ବ୍ୟବହାର – ପ୍ରତିଦିନ ଓଡ଼ିଆ ଘରଣୀମାନେ ଗାଧୋଇସାରି ଚଉରାକୁ ଧୋଇ ପରିଷ୍କାର କରନ୍ତି ଓ ଏଥିରେ ଲାଗିଥିବା ତୁଳସୀ ଗଛ ମୂଳରେ ପାଣି ଦେଇ ଫୁଲ ,ଧୂପ ଦେଇ ଭୋଗ ଲଗାନ୍ତି । ସନ୍ଧ୍ୟାରେ ସଞ୍ଜବତୀ ଦେଇ ଚଉରାକୁ ପ୍ରଣାମ କରନ୍ତି ।

- **ଭୋଗେଇ :**

ଦିଅଁ ଦେବତାଙ୍କ ପାଇଁ ଭୋଗନେବା ଲାଗି ବ୍ୟବହୃତ ତାଳପତ୍ର ତିଆରି ଡାଲା ହେଉଛି ଭୋଗେଇ । ଛୋଟ ବଡ ଭେଦରେ ଏହା ବିଭିନ୍ନ ପ୍ରକାରର । ତାଳପତ୍ରରେ ଚମାରମାନେ ଏହାକୁ ତିଆରି କରନ୍ତି । ବିଭିନ୍ନ ଦେବଦେବୀ ଦେଉଳ ନିକଟରେ ଥିବା ଭୋଗ ଦୋକାନରେ ଏବେ ମଧ୍ୟ ଏହାର ଚଳଣି ରହିଛି।

- ଆବଶ୍ୟକ ଉପକରଣ – ତାଳପତ୍ର ,ତାଳଖଡିକା ।
- ତିଆରି ପ୍ରଣାଳୀ -ପାଗ ହୋଇଥିବା ଶୁଖିଲା ତାଳପତ୍ରରୁ ମଚୁଆ ବା ଖଡିକାକୁ ବାହାର କରି ,ପତ୍ରଗୁଡିକର ଦୁଇପାଖକୁ ଧାରୁଆ ଛୁରୀରେ ସାମାନ୍ୟ ଗୋଜିଆ କରାଯାଏ । ତଳେ ଆଗେ ଚାରିଛଅଟି ପତ୍ର ଆଡବାଗରେ ଏଥିରେ ଛନ୍ଦାଯାଇ ବୁଣାଯାଏ । ଶେଷରେ ଉପରପଟେ ତାଳ ମଚୁଆ ଦିଆଯାଇ ପତ୍ରଗୁଡିକୁ ଉପରୁ ତଳକୁ ଅଲଟା ପ୍ରକାରେ ବୁଣାଯାଏ ।
- ବ୍ୟବହାର – ବିଭିନ୍ନ ଭୋଗ ଜିନିଷ ରଖିବା ପାଇଁ ବ୍ୟବହୃତ ।

- **ପୋଥି :**

ତାଳପତ୍ର ପୋଥି ଆମ ଐତିହ୍ୟ ଓ ପରମ୍ପରାର ଦସ୍ତାବିଜ । ଆମ ଦେଶରେ କାଗଜ ପ୍ରଚଳନ ପୂର୍ବରୁ ତାଳପତ୍ର ଥିଲା ଏକ ପ୍ରମୁଖ ଲିଖନ ସାମଗ୍ରୀ । ଆମର ସମସ୍ତ ଶାସ୍ତ୍ରପୁରାଣାଦି ପୋଥିରେ ଲିଖିତ । ଓଡିଆ ଭାଗବତ ପ୍ରଥମେ ପୋଥିରେ ରଚିତ ହୋଇ ,ପରେ ଏହାର ହଜାର ହଜାର ପ୍ରତିଲିପି ପ୍ରସ୍ତୁତ କରାଯାଇଥିଲା । ପୋଥିକୁ ନେଇ ଗ୍ରାମେ ଗ୍ରାମେ ଗଢିଉଠିଥିଲା ଓଡିଆ ଜାତିର ଧାର୍ମିକ ,ଆଧାତ୍ମିକ ,ନ୍ୟାୟିକ ଓ ସାଂସ୍କୃତିକ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଭାଗବତ ଘର ବା ଟୁଙ୍ଗି । ପୋଥିକୁ ଖଟୁଳି ଓ ବିମାନର ପ୍ରଭୃତିରେ ସୁରକ୍ଷିତ କରି ରଖାଯାଉଥିଲା । ଆମ ଓଷାବ୍ରତର ବିଧି ଓ କାହାଣୀମାନ ପୋଥିରେ ହିଁ ରହିଆସୁଥିଲା ।

- ଆବଶ୍ୟକ ଉପକରଣ -ତାଳପତ୍ର ।
- ତିଆରି ପ୍ରଣାଳୀ – ପାଗ କରାଯାଇଥିବା ତାଳପତ୍ରରୁ ଖଡିକା ବାହାର କରି ଏହାକୁ ସୁନ୍ଦର ଓ ସମାନ ଭାବରେ କଟାଯାଏ । ଫଳରେ ଏହା ଦୀର୍ଘସ୍ଥାୟୀ ହୋଇଥାଏ । ପ୍ରତିଟି ତାଳପତ୍ରରେ ମଝିରେ ଗୋଟାଏ ସରୁକଣା କରାଯାଏ । ଏଇ କଣାରେ ସୂତା ପୁରାଯାଏ । ପ୍ରଥମେ ତାଳପତ୍ରର ସମାନ ଆକାରର ଖଣ୍ଡେ ସରୁ କାଠପଟାରେ ସମାନ ଆକୃତିର କଣା କରି ଏଥିରେ ପୋଥିଡୋର ବା ସୂତା ଫୋଡି ,ପ୍ରତିଟି ପତ୍ରର ଫୋଡ ମଧ୍ୟଦେଇ ସୂତାକୁ ଶେଷରେ ଥିବା ପଟାରେ ଗୁଣ୍ଡାଯାଏ ।
- ବ୍ୟବହାର- ଲେଖନ ଦ୍ୱାରା ତାଳପତ୍ରରେ ଲେଖିବା ଓ ଚିତ୍ର କରିବାରେ ପୋଥି ବ୍ୟବହୃତ ହେବା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ପୋଥି ପୂଜାର ବିଧି ରହିଛି ଯଥା – ଦଶହରା ପୂଜା ,ସତ୍ୟନାରାୟଣ ପୂଜା ,ଭାଗବତଟୁଙ୍ଗୀ ଆଦିରେ ।

- **ମକୁଟ :**

ମକୁଟ ଆମର ଅନ୍ୟତମ ଧର୍ମଭିତ୍ତିକ ଉପକରଣ । ଆକାର ଓ ପ୍ରକାର ଦୃଷ୍ଟିରୁ ଏହା ବିଭିନ୍ନ ପ୍ରକାରର । ଆମର ପ୍ରାଚୀନ ସଂସ୍କୃତିରେ ପୁରାଣଯୁଗରୁ ମକୁଟର ବ୍ୟାପକ ବ୍ୟବହାର ରହିଥିବା ଜଣାଯାଏ । ମକୁଟ ଦେବଦେବୀମାନଙ୍କର ହେଉଛି ଶିରୋଭୂଷା । ଏମାନଙ୍କୁ ସୁନା ଓ ହୀରା ,ନୀଳା ,ମାଣିକ୍ୟ ଇତ୍ୟାଦି ଅତି ମୁଲ୍ୟବାନ ଧାତୁ ଓ ପଥରରେ ଖଚିତ ସୁଦୃଶ୍ୟ ମକୁଟ ପରିଧାନ କରାଯାଏ । ଆଜିର ଚଳଣିରେ ସୋଲ ,କାଗଜ ,ଜରି ,ଜମ୍ବୁରା ,ଅଭ୍ର ପ୍ରଭୃତି ଦିଆଯାଇ ଅନେକ ପ୍ରକାରର ସୁଦୃଶ୍ୟ

ମକୁଟ ତିଆରି କରାଯାଉଛି । ମକୁଟ ନିର୍ମାଣ ଓଡ଼ିଆ କାରିଗରର ଅନ୍ୟତମ ହସ୍ତକଳା ଭାବରେ ସୁପରିଚିତ ।

- ଆବଶ୍ୟକ ଉପକରଣ -ଶୁଖିଲା ତାଳପତ୍ର ,କଦଳିପାଟୁଙ୍ଗା ,ସୂତା ।
- ତିଆରି ପ୍ରଣାଳୀ – ପ୍ରଥମେ ମୁଣ୍ଡ ମାପର ଖଣ୍ଡେ ତାଳପତ୍ର କଟାଯାଏ । ଏହାର ଠିକ ମଝିରେ ଠିଆବାଗରେ ଟିକେ ଡେଙ୍ଗାଥିବା ଓ ଅଗ୍ରଭାଗ ଗୋଜିଆ କରାଯାଇଥିବା ପତ୍ରକୁ ଭରିଦିଆଯାଏ । ମଝିପତ୍ରର ଉଭୟ ପାଖରେ ଟିକିଏ ଅଳ୍ପଉଚ୍ଚତାର ତିନିଟି କରି ପତ୍ର ଆଡବାଗରେ ରହିଥିବା ପତ୍ରରେ ଭରି ଦିଆଯାଏ । ପ୍ରତ୍ୟେକ ପତ୍ରର ତଳଭାଗରେ ସମାନ ଭାବରେ କଦଳୀପାଟୁଆ ରଖି ସିଲେଇ କରାଯାଏ । ତଳପତ୍ରର ଉଭୟ ପାଖରେ ଗୋଟିଏ କରି ଡୋର ସଂଯୁକ୍ତ ଥାଏ ।
- ବ୍ୟବହାର- ଦେବଦେବୀଙ୍କ ମଥାରେ ବନ୍ଧାଯାଏ ।

- **ଶିଳ ଶିଳପୁଆ :**

ପାରମ୍ପରିକ ଚଳଣିର ବିଶେଷ ଲୋକଉପକରଣ ହେଉଛି ଶିଳ ଓ ଶିଳପୁଆ । ଦେଢହାତ ଲମ୍ବ ,ହାତେ ଚଉଡ଼ା ଓ ଏକ ଚାଖଣ୍ଡ ଉଚ୍ଚତାର ଏକ ଚଉଆଂଶିଆ ପଥରରେ ଏହା ତିଆରି ହୋଇଥାଏ । ପ୍ରତିଘରେ ଶିଳ ଓ ପୁଆ ଥାଏ । ଓଡ଼ିଆର ସାଂସ୍କୃତିକ ଚଳଣି ସହ ଶିଳ ଓ ଶିଳପୁଆ ଜଡ଼ିତ । ମାଙ୍ଗଳିକ କାର୍ଯ୍ୟ ବ୍ୟତୀତ ବିଭିନ୍ନ ଓଷା ,ବ୍ରତ ,ପର୍ବ ପର୍ବାଣି ତଥା ବସୁମତୀ ସ୍ନାନ ,ମଙ୍ଗଳା ଠାକୁରାଣୀଙ୍କ ପଛେଇ ପୂଜା ,ବାଟ ଓଷା ,ବୁଧେଇ ଓଷା ,ସାବିତ୍ରୀ ବ୍ରତ , ଷଠୀ ଓଷା ପ୍ରଭୃତିରେ ଶିଳ ଶିଳପୁଆ ରଖି ପୂଜା କରାଯାଏ ।

- ଆବଶ୍ୟକ ଉପକରଣ – ବଉଳମାଳା ପଥର ,କୁଣ୍ଡା ପଥର ।
- ତିଆରି ପ୍ରଣାଳୀ – ସବୁ ପଥରରେ ଶିଳ ଶିଳପୁଆ ହୁଏନାହିଁ । ବଉଳମାଳା ପ୍ରଭୃତି ନିର୍ଦ୍ଦିଷ୍ଟ ପଥରକୁ ଚଉଆଂଶିଆ କରି ଶିଳ କେବଳ ପଥର କାରିଗରମାନେ ଶିଳ ତିଆରି କରନ୍ତି । ଏହାର ଉପର ଭାଗକୁ ପଥରକଟା ନିହାଣରେ ହାଣି ଚିକ୍କଣ କରାଯାଏ । ପୁଆକୁ ବର୍ତ୍ତୁଳାକାର କରି ଗଢାଯାଏ ।
- ବ୍ୟବହାର – ବିଭିନ୍ନ ଓଷା ,ବ୍ରତ ,ପର୍ବପର୍ବାଣିରେ ଭଗବାନଙ୍କ ପ୍ରତୀକ ରୂପେ ବ୍ୟବହାର କରାଯାଏ ।

- **ଘଡ଼ି :**

କେଉଁ ସୁଦୂର ଅତୀତରୁ ଆମର କୁମ୍ଭାର କାରିଗରମାନେ ମାଟିରେ ହାଣ୍ଡି ,ମାଠିଆ ,ଘୁମ ,ପଲମ ସହିତ ବିଭିନ୍ନ ପ୍ରକାରର ଘଡ଼ି ତିଆରି କରି ଆସୁଛନ୍ତି । କଳସ ଘଡ଼ି ,ବସନ୍ତରା ଘଡ଼ି , ଆକାଶଘଡ଼ି ,ଘିଅ ଘଡ଼ି ଭଳି ଅନେକ ପ୍ରକାରର ଘଡ଼ି ଆମର ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଘଡ଼ିରେ ନଡ଼ିଆ ଥୋଇଦେଲେ ତାହା ଦେବଦେବୀ ପାଲଟିଯାଏ । ଏହା ଆମ ସମାଜରେ ଅତି ଲୋକପ୍ରିୟ ଉପକରଣ ।

- ଆବଶ୍ୟକ ଉପକରଣ – ଚିକିଟା ମାଟି ,କୁମ୍ଭାର ଚକ ।
- ତିଆରି ପ୍ରଣାଳୀ – କୁମ୍ଭାରଚକରେ ଚିକିଟା ମାଟି ନେଇ କୁମ୍ଭାର ବିଭିନ୍ନ ପ୍ରକାରର ଘଡ଼ି ତିଆରି କରନ୍ତି ।
- ବ୍ୟବହାର- ବିଭିନ୍ନ ଓଷା ,ବ୍ରତ ,ପୂଜା ,ପାର୍ବଣରେ ବ୍ୟବହୃତ ହୋଇଥାଏ ।

- **ଦୀପ :**

  ହିନ୍ଦୁ ଧର୍ମରେ ଦୀପର ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପୂଜା-ପାଠ ସମୟରେ ସକାଳେ ଓ ସନ୍ଧ୍ୟାରେ ଭଗବାନଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରାଯାଏ । ଦୀପ ହେଉଛି ଜ୍ଞାନ ,ପ୍ରକାଶ ,ଆଲୋକ ,ଭୟନାଶକ ଏବଂ ବିପତ୍ତି ଓ ଅନ୍ଧକାର ବିନାଶର ପ୍ରତୀକ ।

- ଆବଶ୍ୟକ ଉପକରଣ – ମାଟି ।
- ତିଆରି ପ୍ରଣାଳୀ – କୁମ୍ଭାର ମାଟିକୁ ଚକଟି ଦୀପ ଆକୃତି ପ୍ରସ୍ତୁତ କରି ତାକୁ ଶୁଖାଏ ଓ ପୋଡ଼ିକି ଦୀପ ପ୍ରସ୍ତୁତ କରେ ।
- ବ୍ୟବହାର – ପ୍ରତ୍ୟେକ ପୂଜା ସମୟରେ ବ୍ୟବହାର କରାଯାଇଥାଏ ।

- **ଆଲଟ ଓ ଚାମର :**

  ଭଗବାନଙ୍କର ସମସ୍ତ ସେବା ମଧ୍ୟରୁ ଆଲଟ ଓ ଚାମର ସେବା ଅନ୍ୟତମ । ଠାକୁରଙ୍କୁ ଶୀତଳ ପବନ ଦେବା ପାଇଁ ଏହି ନୀତି ରହିଛି । ଆଳତି ସମୟରେ ଏହି ଆଲଟ ଓ ଚାମର ସେବା ଭଗବାନଙ୍କୁ ପ୍ରଦାନ କରାଯାଇଥାଏ ।

- ତିଆରି ପ୍ରଣାଳୀ -ଆଲଟ ଏକ ବଡପଙ୍ଖା । ଏହା କନାରେ ହୋଇଥିବା ଏକ ପଙ୍ଖା । ଚାମର ଚମରୀ ଗାଈର ଏକ ଅଂଶବିଶେଷକୁ ପ୍ରସ୍ତୁତ ହୋଇଥାଏ ।

- ବ୍ୟବହାର- ଦେବତାଙ୍କୁ ସନ୍ତୁଷ୍ଟି ପ୍ରସନ୍ନାର୍ଥେ କରାଯାଇଥାଏ ।

- **କଉଡ଼ି :**

  ହିନ୍ଦୁ ସଂସ୍କୃତିରେ 'କଉଡ଼ି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଓଷାବ୍ରତ ପୂଜା ପାର୍ବଣ ଆଦିରେ କଉଡ଼ିର ବ୍ୟବହାର ଦେଖିବାକୁ ମିଳିଥାଏ ।

- ତିଆରି ପ୍ରଣାଳୀ -ସମୁଦ୍ରଜାତ ଏକ ପ୍ରକାର ସାନ ଶାମୁକାର ହାଡ଼ରୁ ପ୍ରସ୍ତୁତ ହୋଇଥାଏ ।
- ବ୍ୟବହାର- ବିଭିନ୍ନ ଓଷା ,ବ୍ରତ ,ପୂଜା ,ପାର୍ବଣ ଯଥା ବୁଧେଇ ଓଷା ,ଷଠୀ ଓଷା ଆଦିରେ ବ୍ୟବହାର ଦେଖିବାକୁ ମିଳିଥାଏ ।

- **ଶଙ୍ଖ :**

ଓଡ଼ିଆ ସଂସ୍କୃତିରେ ଶଙ୍ଖର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତ୍ୟେକ ଓଷା ,ବ୍ରତ ,ପୂଜା ,ପାର୍ବଣରେ ଶଙ୍ଖର ବ୍ୟବହାର କରାଯାଇଥାଏ ।

- ତିଆରି ପ୍ରଣାଳୀ -ଶଙ୍ଖ ଏକ ଗେଣ୍ଡାଜାତୀୟ ,କିନ୍ତୁ ଅପେକ୍ଷାକୃତ ବଡ ସାମୁଦ୍ରିକ ପ୍ରାଣୀର କଠିନ ଶୁକ୍ଳବର୍ଣ୍ଣ ଆବରଣ ବା ଖୋଳ । ଶଙ୍ଖର ବର୍ଣ୍ଣ ଧଳା । ଏହା ମଧ୍ୟରୁ ମାଂସଗୁଡ଼ିକ ସଢିଗଲେ ଏହା ଜଳପାତ୍ର ରୂପେ ବ୍ୟବହୃତ ହୁଏ । ଏହାର ପୃଷ୍ଠଭାଗରେ ଏକ ମୁଣ୍ଡରେ ଆବର୍ତ୍ତ ବା ଭଉଁରୀ ଥାଏ । ସେହି ଭଉଁରୀର ମୁଣ୍ଡକୁ ଛିଦ୍ର କରି ସେହିବାଟେ ଫୁଙ୍କିଲେ ଉଚ୍ଚ ଓ ଗମ୍ଭୀର ସ୍ୱର ହୁଏ ।
- ବ୍ୟବହାର -ପ୍ରତ୍ୟେକ ଧର୍ମଭିତ୍ତିକ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ।

- **ଚଟ :**

ସାଧାରଣତଃ ତାଳପତ୍ରରେ ତିଆରି ଚଟ ବା ଚଟେଇ ଆଗରୁ ବସିବା ପାଇଁ ଆସନ ଭାବରେ ବ୍ୟବହୃତ ହେଉଥିଲା । ତାଳପତ୍ରକୁ କାଟି ପାଗ କରିବା ପରେ ଚଟ ବୁଣାଯାଉଥିଲା । ମୁଖ୍ୟତଃ ଚମାରମାନେ ଏହା ବୁଣୁଥିଲେ । ପୂଜା ସମୟରେ ଚଟ ଉପରେ ବସି ପୂଜକ ପୂଜାକାର୍ଯ୍ୟ କରିଥାନ୍ତି ।

- ଆବଶ୍ୟକ ଉପକରଣ -ଶୁଖିଲା ତାଳପତ୍ର ,ଏହାର ଖଡିକା ।
- ତିଆରି ପ୍ରଣାଳୀ – ପାଗ କରାଯାଇଥିବା ଶୁଖିଲା ତାଳପତ୍ରରୁ ମଞ୍ଜୁଆ ବା ଖଡିକା ବାହାର କରାଯାଇ ଏହା ବୁଣାଯାଏ । ପ୍ରଥମେ ଚାରିପାଞ୍ଚଟା ତାଳପତ୍ର ଲମ୍ବାବାଗରେ ରଖି ,ଏହା

ସହିତ ଆଡବାଗରେ ତଳ ଉପର କରି ଆଉ ଚାରି ପାଞ୍ଚୋଟି ତାଳପତ୍ର ଛନ୍ଦାଯାଏ । ଏଥିରେ ଲମ୍ବ ଓ ଚଉଡ଼ା ବାଗରେ ତାଳପତ୍ର ବୁଣାଯାଏ । ପ୍ରାୟ ଉଭୟ ପାଖ ଦୁଇଫୁଟ ବୁଣାଯିବା ପରେ ଶେଷରେ ମହୁଆ ବା ଖଡିକା ଦେଇ ତଳ ଉପର ଉଭୟ ପାଖରେ ବୁଣାଯାଏ । ଶେଷକୁ ପତ୍ରର ବହକା ଅନାବଶ୍ୟକ ଅଂଶକୁ କାଟି ଦିଆଯାଏ ।

- ବ୍ୟବହାର – ପୂଜା ସମୟରେ ବସିବା ନିମନ୍ତେ ବ୍ୟବହୃତ ହୋଇଥାଏ ।

- **ଚାନ୍ଦୁଆ :**

ଓଡ଼ିଆ ହସ୍ତଶିଳ୍ପର ଏକ ଉତ୍କୃଷ୍ଟ ନିଦର୍ଶନ ପିପିଲି ଚାନ୍ଦୁଆ । ଏହା ମୁଖ୍ୟତଃ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଲାଗିଥାଏ । ମୁଖ୍ୟତଃ ଦୋଳପୂର୍ଣ୍ଣମୀ ଅବସରରେ ଠାକୁରଙ୍କ ଦୋଳବିମାନରେ ସାଜସଜ୍ଜା ହେଉ କି ବିଭିନ୍ନ ମଠ ମନ୍ଦିରରେ ଠାକୁରଙ୍କ ମଥା ଉପରେ ଦେବା ପାଇଁ ଖୋଜା ପଡ଼େ କାରିଗର ହାତରେ ତିଆରି ହୋଇଥିବା ଚାନ୍ଦୁଆ ।

- ତିଆରି ପ୍ରଣାଳୀ -ଏହାର ଦୁଇ ପ୍ରକାର କୌଶଳ ଅଛି ପ୍ରଥମ ଆପ୍ଲିକ ଯେଉଁଠାରେ ଏକ କପଡ଼ା ଆକୃତି ଏକ ମୂଳସ୍ତର ଉପରେ ସିଲେଇ ହୁଏ ,ଦ୍ୱିତୀୟ ଓଲଟା ଆପ୍ଲିକ ଯେଉଁଠାରେ ଦୁଇସ୍ତରର କପଡ଼ା ରଖାଯାଇଥାଏ ,ଏବଂ ପରବର୍ତ୍ତୀ ସମୟରେ ଉପର ସ୍ତରରୁ ଏକ ଆକୃତି କଟାଯାଇ ନିମ୍ନ ସ୍ତରକୁ ପ୍ରକାଶ କରେ ,ଉଭୟ ଏକାଠି ସିଲେଇ ହେବା ପୂର୍ବରୁ । ଏହି ଶିଳ୍ପ ମୁଖ୍ୟତଃ ଏମ୍ବ୍ରୋଡୋରୀ ଏବଂ ସିଲେଇ ଅନ୍ତର୍ଭୁକ୍ତ । କପଡ଼ା ଖଣ୍ଡଗୁଡିକୁ ସଂଲଗ୍ନ କରିବା ପାଇଁ ନିର୍ମାତାମାନେ ସିଧା ସିଲେଇ ,ସାଟିନ ସିଲେଇ ,ବଟନ ହୋଲ ସିଲେଇ ବ୍ୟବହାର କରନ୍ତି । ବେଳେବେଳେ ସେମାନେ ଦର୍ପଣ କାର୍ଯ୍ୟ ଏବଂ ଅନେକ ସାଜସଜ୍ଜା ସିଲେଇ ମଧ୍ୟ କରନ୍ତି । ଚାନ୍ଦୁଆରେ ଅଙ୍କାଯାଉଥିବା ରାହୁମୁଣ୍ଡ ,ଶୁଆ ,କଦଳୀପତ୍ର ,ନୀଳଚକ୍ର ,ଗଦା ,ତୁଳସୀ ପତ୍ର ଓ ବେଲ ପତ୍ର ପରି ଆଦି ସୂକ୍ଷ୍ମ କାମ ଛୁଞ୍ଚି ସୂତାରେ ମହିଳାମାନେ କରନ୍ତି । ଏହାପରେ ପୁରୁଷ ଲୋକମାନେ ମେସିନରେ ଏସବୁ ଯୋଡ଼େଇ କରନ୍ତି ।
- ବ୍ୟବହାର- ରଥ ,ଦୋଳବିମାନ ,ମଠ ,ମନ୍ଦିର ଆଦିରେ ଏହାର ବ୍ୟବହାର କରାଯାଏ ।

- **ଅନ୍ୟାନ୍ୟ ଧର୍ମଭିତ୍ତିକ ଲୋକଉପକରଣ :**

ଉପରୋକ୍ତ ଲୋକଉପକରଣ ବ୍ୟତୀତ ଧର୍ମଭିତ୍ତିକ କାର୍ଯ୍ୟରେ ପ୍ରତ୍ୟେକ ସମୟରେ ବିଭିନ୍ନ ଉପକରଣ ବ୍ୟବହୃତ ହୋଇଥାଏ । ନିମ୍ନରେ ସେହି ସମ୍ପର୍କରେ ଆଲୋଚନା କରାଗଲା ।

- ଧାତୁନିର୍ମିତ ଉପକରଣ – ପିତ୍ତଳ ,ତମ୍ବା ,ରୂପା ଆଦି ଧାତୁକୁ ତରଳାଇ ବିଭିନ୍ନ ଆକୃତି ଦେଇ ଭିନ୍ନ ଭିନ୍ନ ଉପକରଣ ପ୍ରସ୍ତୁତ ହୋଇଥାଏ । ପିତ୍ତଳ ଓ ତମ୍ବାରୁ ଝୁଣା ଦାନୀ ,ଧୂପ ଦାନୀ ,ଥାଳି ,ଢାଳ ,ଘଣ୍ଟ,ଘଣ୍ଟି ,ଆଚମନୀ ,ଫୁଲ ଚାଙ୍ଗୁଡି ,ଦେବ ଦେବୀଙ୍କ ବିଗ୍ରହ ଓ ଅସ୍ତ୍ର ଆଦି ଧାର୍ମିକ କାର୍ଯ୍ୟରେ ବ୍ୟବହୃତ ଉପକରଣ ପ୍ରସ୍ତୁତ ହୋଇଥାଏ ।

  ସୁନା ,ରୂପାରୁ ଦେବଦେବୀଙ୍କର ବିଭିନ୍ନ ଅଳଙ୍କାର ,ମକୁଟ ,ବିଗ୍ରହ ,ସାଜସଜ୍ଜା ବିଭିନ୍ନ ଉପକରଣ ପ୍ରସ୍ତୁତ ହୋଇଥାଏ ।

- କାଷ୍ଠନିର୍ମିତ ଉପକରଣ – ଯେଉଁଠି ଯେଉଁ ଜିନିଷ ମଣିଷର ନିତ୍ୟ ବ୍ୟବହାର୍ଯ୍ୟ କାମରେ ଆସିଛି ସେଥିରେ କାଳକ୍ରମେ ସେ ନିଜ ସୃଜନଶୀଳତାର ସ୍ୱର୍ଶ ଦେବାକୁ ଚେଷ୍ଟା କରିଛି । ସେମିତି ଗୋଟିଏ ଆବଶ୍ୟକୀୟ ସାମଗ୍ରୀ ହେଉଛି କାଠ । ବିଭିନ୍ନ ପ୍ରକାର କାଠକୁ କଳାକୃତି ଅନୁସାରେ କାଟି ତାହାର ରୂପରେଖ ପ୍ରସ୍ତୁତ କରି ବିଭିନ୍ନ ଯନ୍ତ୍ରପାତି ସାହାଯ୍ୟରେ ଖୋଦେଇ କରି ବିଭିନ୍ନ ଉପକରଣ ପ୍ରସ୍ତୁତ ହୋଇଥାଏ ।

  ଧର୍ମଭିତ୍ତିକ ଉପକରଣ ଭାବେ ଠାକୁରଙ୍କ ରଥ ,ବିମାନ ,ଖଟୁଳି ,ରୁଖା ,ବ୍ୟାସାସନ ଆଦି କାଠରୁ ପ୍ରସ୍ତୁତ କରାଯାଇଥାଏ ।

- ପଥରନିର୍ମିତ ଉପକରଣ – ପଥର ଖୋଦନ କଳା ଓଡ଼ିଶା ହସ୍ତଶିଳ୍ପର ସବୁଠାରୁ ଲୋକପ୍ରିୟ ପଥରକୁ କାଟି ଖୋଦେଇ କରି ବିଭିନ୍ନ ଉପକରଣ ପ୍ରସ୍ତୁତ କରାଯାଇଥାଏ ।

  ବିଭିନ୍ନ ମନ୍ଦିର ,ମୂର୍ତ୍ତି ,ଚନ୍ଦନ ପେଡି ଆଦିରେ ପଥର ଖୋଦେଇ କଳା ଦେଖିବାକୁ ମିଳିଥାଏ ।

- ମୃତ୍ତିକାନିର୍ମିତ ଉପକରଣ – ମାଟି ମଣିଷର ନିତିଦିନିଆ ସାଥୀ । କୁମ୍ଭାରଟିଏ ମାଟିକୁ ଚକଟି ତାକୁ ବିଭିନ୍ନ ରୂପ ଦେଇ ଭିନ୍ନ ଭିନ୍ନ ଉପକରଣ ପ୍ରସ୍ତୁତ କରିଥାଏ ।

  ଠାକୁରଙ୍କ ବିଗ୍ରହ ,ଦୀପ ,ଘଡ଼ି ,ହାତୀ ,ଘୋଡ଼ା ,ତୁଳସୀ ଚଉରା ,ପ୍ରସାଦ ନିମନ୍ତେ ବ୍ୟବହୃତ ବିଭିନ୍ନ ପାତ୍ର କୁଡୁଆ ,ହାଣ୍ଡି ,ସରା ଇତ୍ୟାଦି ମାଟିରୁ ତିଆରି ହୋଇ ବିଭିନ୍ନ

ଧର୍ମଭିତ୍ତିକ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ । ଭଗବାନଙ୍କ ପ୍ରତିମା ସ୍ୱରୂପ ବିଗ୍ରହକୁ କୁମ୍ଭାରଟିଏ ଶୁଦ୍ଧପୂତ ମନରେ ପ୍ରସ୍ତୁତ କରିବା ସହ ଏହାକୁ ଜୀବନ୍ତ ରୂପ ପ୍ରଦାନ କରିଥାଏ ।

- ପୂଜାନିମିତ୍ତ ବ୍ୟବହୃତ ଅତ୍ୟାବଶ୍ୟକୀୟ ଉପକରଣ – ପୂଜା ସମୟରେ ଏଭଳି କେତେକ ସାମଗ୍ରୀ ତଥା ଉପକରଣ ରହିଛି ଯାହା ବିନା ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରେ ନାହିଁ । ଯଥା – ହଳଦୀ ,ସିନ୍ଦୂର ,ଦୁବ ,ବରକୋଳି ପତ୍ର ,ଚନ୍ଦନ ,ଅକ୍ଷତ ଚାଉଳ ,ସୂତା ,ପଇତା ,ବଳିତା ,ଘିଅ ଇତ୍ୟାଦି ।

ଏତତବ୍ୟତୀତ ବେତରୁ ପ୍ରସ୍ତୁତ ପୂଜା ଡ଼ାଲା ,ଫୁଲ ଚାଙ୍ଗୁଡି ଓ ବିଭିନ୍ନ ବାଦ୍ୟ ଖୋଳ ଝାଞ୍ଜ ,ମୃଦଙ୍ଗ ଆଦି ଅନେକ ପ୍ରକାର ଉପକରଣ ବିଭିନ୍ନ ଓଷା ,ବ୍ରତ ,ପୂଜା ,ପାର୍ବଣରେ ବ୍ୟବହୃତ ହୋଇଥାଏ । ଉପକରଣ ଧର୍ମଭିତ୍ତିକ କାର୍ଯ୍ୟକୁ ସ୍ୱୟଂସମ୍ପୂର୍ଣ୍ଣ କରିବାରେ ସହାୟକ ହୋଇଥାଏ । ଯେକୌଣସି ସାଧାରଣ ଉପକରଣ ହେଉ ନା କାହିଁକି ଭଗବାନଙ୍କ ସେବାରେ ଲାଗିହେବା ପରେ ତାର ମହତ୍ତ୍ୱ ବଢିଯାଏ । ଉପରୋକ୍ତ ସମସ୍ତ ଆଲୋଚନାରୁ ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣର ବୈଚିତ୍ର୍ୟ ସ୍ପଷ୍ଟ ଭାବେ ପ୍ରତିପାଦିତ ।

# ଚତୁର୍ଥ ଅଧ୍ୟାୟ

# ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣର ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ

ଓଡ଼ିଶା ଏକ ଧର୍ମପରାୟଣ ରାଜ୍ୟ । ଅତି ପ୍ରାଚୀନ କାଳରୁ ଓଡ଼ିଶାର ନରନାରୀ ସମାଜରେ ପୂଜିତ ଦେବାଦେବୀଙ୍କ ପୂଜା ଆରାଧନା କରି ଆପଣାର ଅଭୀଷ୍ଟ ସିଦ୍ଧି ପାଇଁ ପ୍ରାଥନା କରିଆସୁଛନ୍ତି । କାଳକ୍ରମେ ପୌରାଣିକ ତଥା ସାମାଜିକ ପରମ୍ପରା କ୍ରମେ ସମାଜରେ ଅସଂଖ୍ୟ ଦେବଦେବୀ ସୃଷ୍ଟି ହୋଇଛନ୍ତି । ସେହିଦେବତାଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ବିଭିନ୍ନ ପ୍ରକାର ନୀତି ,ନିୟମ ,ବିଧି ,ବ୍ୟବସ୍ଥା ଇତ୍ୟାଦିର ପ୍ରଣୟନ କରାଯାଇଛି । ଏହି ଧର୍ମୀୟ ଅନୁଷ୍ଠାନ ମଧ୍ୟରେ ଓଷା, ବ୍ରତ , ପର୍ବପର୍ବାଣି ଅନ୍ୟତମ । ଆପଣାର ଅଭୀଷ୍ଟ ସିଦ୍ଧି ପାଇଁ ଲୋକ ସାଧାରଣ ଉପବାସ ରହି ଦେବତାଙ୍କ ନିକଟରେ ଯେଉଁ ପୂଜାର୍ଚ୍ଚନା କରିଥାଏ ତାହା ହେଉଛି ଓଷାବ୍ରତ । ଏହା ବିଭିନ୍ନ ପରିବାର ମଧ୍ୟରେ ସୁଖ ଓ ଶାନ୍ତିର ଉତ୍ସଭାବରେ ରହିଅଛି । ସେହିଭଳି ଭାବେ ଓଡ଼ିଶାରେ ପର୍ବପର୍ବାଣିର ମୂଲ୍ୟ ଅତୀବ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ବାରମାସରେ ତେର ପର୍ବ ପାଳିତ ହୋଇଥାଏ ବୋଲି ଲୋକୋକ୍ତି ରହିଛି । ଓଡ଼ିଶାର ଶାସ୍ତ୍ରୀୟ ଭାବନା ,ଲୋକବିଶ୍ୱାସ ଓ ସାମୂହିକ ମହତ୍ତର ଭାବନାଯୋଗୁଁ ପର୍ଯ୍ୟାୟକ୍ରମେ ଅନେକ ପର୍ବପର୍ବାଣି ସୃଷ୍ଟି ହୋଇଛି । ଧର୍ମୀୟ ଭିତ୍ତି ମଧ୍ୟରୁ ବିଭିନ୍ନ ଓଷା ,ବ୍ରତ ,ପର୍ବପର୍ବାଣି ସୃଷ୍ଟି ହୋଇଛି । ଦେବ ପୂଜା , ଦେବତାଙ୍କ ସ୍ୱରୂପର ଅନୁଭବ ,ଦେବତାଙ୍କ ଅପୂର୍ବ ମହାତ୍ମ୍ୟ ସମ୍ପର୍କରେ ଅବଗତି ,ତାଙ୍କ ନିକଟରେ ଆତ୍ମସମର୍ପଣ ,ମନସ୍କାମନା ଓ ଆରାଧନା ହେଉଛି ପର୍ବପାଳନର ଆଭିମୁଖ୍ୟ । ଓଡ଼ିଶାରେ ପ୍ରତ୍ୟେକ ମାସରେ ବିଭିନ୍ନ ଓଷା ,ବ୍ରତ ,ପର୍ବପର୍ବାଣି ପାଳିତ ହୋଇଥାଏ । ଏହିସବୁ କାର୍ଯ୍ୟରେ ବିଭିନ୍ନ ପ୍ରକାର ଉପକରଣ ବ୍ୟବହୃତ ହୋଇଥାଏ । ଭକ୍ତ ପ୍ରଭୁଙ୍କ ନିକଟରେ ବିଭିନ୍ନ ଉପକରଣ ମାଧ୍ୟମରେ ନିଜର ଭାବ ଭକ୍ତି ଅର୍ପଣ କରିଥାଏ ।

ଭକ୍ତର ଭକ୍ତିକୁ ଅର୍ପଣ କରିବାର ଏକ ମାଧ୍ୟମ ଉପକରଣ । ଧର୍ମଭିତ୍ତିକ କାର୍ଯ୍ୟରେ ବ୍ୟବହୃତ ପ୍ରତ୍ୟେକ ଉପକରଣର ଧାର୍ମିକ ଆଧ୍ୟାତ୍ମିକ ଆବେଦନ ରହିଛି । ଓଡ଼ିଶାରେ ପାଳିତ ପ୍ରତ୍ୟେକ ଓଷା ,ବ୍ରତ ,ପୂଜା ,ପାର୍ବଣରେ ବ୍ୟବହୃତ ଉପକରଣଗୁଡ଼ିକ ମନରେ ଧାର୍ମିକ ଚେତନା ଜାଗ୍ରତ କରିବା ସହ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିଥାଏ ।

ନିମ୍ନରେ ଧର୍ମଭିତ୍ତିକ ଲୋକଉପକରଣର ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ ସମ୍ପର୍କରେ ଆଲୋଚନା କରାଗଲା ।

## ( ୪.୧ ) ଓଷା ,ବ୍ରତ ,ପର୍ବପର୍ବାଣି ,ଯାନିଯାତ୍ରାରେ ବ୍ୟବହୃତ ଲୋକଉପକରଣର ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ -

ଓଡ଼ିଶାରେ ପ୍ରତ୍ୟେକ ମାସରେ ବିଭିନ୍ନ ଓଷା ,ବ୍ରତ , ପୂଜା ,ପାର୍ବଣ ପାଳନ କରାଯାଇଥାଏ । ପ୍ରତ୍ୟେକ ଧର୍ମଭିତ୍ତିକ କାର୍ଯ୍ୟରେ ବିଭିନ୍ନ ଲୋକଉପକରଣ ବ୍ୟବହୃତ ହୋଇଥାଏ । ଭକ୍ତ ଭଗବାନଙ୍କ ନିକଟରେ ନିଜ ଭକ୍ତକୁ ଅର୍ପଣ କରିବାରେ ଉପକରଣ ସହାୟତା କରିଥାଏ । ବୈଶାଖରେ ବସନ୍ତରା ଠେକି , ଆଷାଢରେ ରଥ ,କାର୍ତ୍ତିକରେ ଆକାଶଦୀପ ,ଫାଲଗୁନରେ ଦୋଳବିମାନ ,ମାର୍ଗଶିର ମାଣବସାରେ ମାଣ ଖଟୁଳି ଆଦି ବ୍ୟବହୃତ ବିଭିନ୍ନ ଧର୍ମଭିତ୍ତିକ ଲୋକଉପକରଣ ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ ସମ୍ପର୍କରେ ଆଲୋଚନା କରାଗଲା ।

- **ବୈଶାଖରେ ବସନ୍ତରା:**

ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଇଛି । ଏହା ବୈଶାଖ ମାସରେ ପାଳିତ ହୋଇଥାଏ । ଏହିଦିନକୁ ଓଡ଼ିଆଙ୍କ ନବବର୍ଷ ଭାବେ ପାଳନ କରାଯାଇଥାଏ । ଏହି ସଂକ୍ରାନ୍ତି ଦିନ ପଣା ହେଉଥିବାରୁ ଓଡ଼ିଆମାନେ ଏହାକୁ ପଣା ସଂକ୍ରାନ୍ତି କହିଥାନ୍ତି । ଏହିଦିନଠାରୁ ରୌଦ୍ରତାପ ପ୍ରଚଣ୍ଡ ହୁଏ ବୋଲି ଲୋକେ ପଥିକମାନଙ୍କୁ ଜଳଛତ୍ର ଏବଂ ବ୍ରାହ୍ମଣମାନଙ୍କୁ ବ୍ୟଞ୍ଜନ ଓ ଛତ୍ରାଦି ଦାନ କରନ୍ତି ।

ଏହି ବୈଶାଖ ମାସର ଏକ ଅନନ୍ୟ ପରମ୍ପରା ବସନ୍ତରା ।ଖରାଦିନ ହୋଇଥିବାରୁ ପ୍ରବଳ ଗରମରୁ ରକ୍ଷା ପାଇବା ପାଇଁ ତୁଳସୀ ଚଉରା ଉପରେ ବସନ୍ତରା ବା ବସୁନ୍ଧରା ବେସ । ଗବକାଠ ବା ନଡ଼ିଆ ବାହୁଙ୍ଗାରେ ଛାମୁଡ଼ିଆ କରି ଗୋଟିଏ ଛିଦ୍ରଯୁକ୍ତ ମୃତ୍ତିକା ପାତ୍ର ବା ଠେକି ଶିକା ମାଧ୍ୟମରେ ଝୁଲାଇ ଦିଆଯାଏ । ଏଥିରୁ ଜଳ ବିନ୍ଦୁ ବିନ୍ଦୁ ହୋଇ ତୁଳସୀ ଚଉରା ଉପରେ ପଡ଼େ ଯାହାଦ୍ୱାରା ତୁଳସୀ ଚଉରା ଉତ୍ତପ୍ତ ଗ୍ରୀଷ୍ମତାପରୁ ରକ୍ଷା ପାଇବା ସହ ସତେଜ ରହିଥାଏ । ଏହିଭଳି ଭାବେ ଜଳଦାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଳଦାନ କରିବା । ତେଣୁ ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତି ଏକ ମହାନ ପର୍ବ ଭାବରେ ପାଳିତ ହୋଇଥାଏ । ଏହାକୁ ଠେକିବସା ବା ଘଡ଼ିବସା ସଂକ୍ରାନ୍ତି ମଧ୍ୟ କୁହାଯାଏ । ଜଳଦାନ ମହାପୂଣ୍ୟ ,ବସୁନ୍ଧରା ଠେକି ଏହି ବାର୍ତ୍ତା ଦିଏ ।

- **ଆଷାଢରେ ରଥ :**

ରଥଯାତ୍ରା ଆଷାଢ ମାସରେ ପଡ଼େ । ହିନ୍ଦୁମାନଙ୍କର ଏହା ଏକ ବଡପର୍ବ । ପୁରୀରେ ତିନିଠାକୁରଙ୍କ ପାଇଁ ତିନୋଟି ରଥ ପ୍ରସ୍ତୁତ ହୁଏ । ଆଷାଢ ମାସ ଶୁକ୍ଳ ପକ୍ଷ ଦ୍ଵିତୀୟା ତିଥିରେ ଏହି ଯାତ୍ରା ଆରମ୍ଭ ହୁଏ । ଏହାକୁ ଗୁଣ୍ଡିଚା ଯାତ୍ରା ମଧ୍ୟ କୁହାଯାଏ । ତିନିଠାକୁର ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି । ସେଠାରେ ସାତଦିନ ରହନ୍ତି । ଦଶମୀ ଦିନ ଶ୍ରୀମନ୍ଦିର ଫେରନ୍ତି । ଏହାକୁ ବାହୁଡ଼ାଯାତ୍ରା କୁହାଯାଏ । ପତିତଜନଙ୍କୁ ଉଦ୍ଧାର କରିବାପାଇଁ ମହାପ୍ରଭୁଙ୍କର ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଳିତ ହୋଇଥାଏ । ଅକ୍ଷୟ ତୃତୀୟାଠାରୁ ରଥକାର୍ଯ୍ୟ ଅନୁକୂଳ ହୋଇଥାଏ । ଏହା ଲୋକମାନଙ୍କ ମଧ୍ୟରେ ମୈତ୍ରୀ ,ପ୍ରୀତି ଓ ମାନବିକତା ପ୍ରଦାନ କରିଥାଏ । ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ରୀତ ହୋଇ ରଥାରୂଢ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥାନ୍ତି । ରଥଯାତ୍ରା ଆମ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି ସହ ଏକ ଧର୍ମୀୟ ବାତାବରଣ ସୃଷ୍ଟି କରିଥାଏ । ରଥର ଅନେକ ମହତ୍ତ୍ୱ ରହିଛି । ସମଗ୍ର ଭାରତବର୍ଷରେ ଦେବତାମାନଙ୍କ ନିମନ୍ତେ ଯେତେ ପ୍ରକାରର ରଥ ବ୍ୟବହାରରେ ଆସୁଛି, ତାହା ମଧ୍ୟରେ ଶ୍ରୀକ୍ଷେତ୍ରର ତିନିରଥ ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ । ବହୁପ୍ରାଚୀନ ସମୟରୁ ରଥତ୍ରୟର ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ । ଏତତବ୍ୟତୀତ ଅଶୋକାଷ୍ଟମୀ ଦିନ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ,ମାଆ ବିରଜାଙ୍କ ସିଂହଧ୍ୱଜ ରଥ ମଧ୍ୟ ଗଡ଼ିଥାଏ । ଓଡ଼ିଶାରେ ରଥର ବ୍ୟବହାର ଖୁବ ପ୍ରାଚୀନ । ବିଭିନ୍ନ ସମୟରେ ରଥର ବ୍ୟବହାର କରାଯାଇଥାଏ ।

- **ଜନ୍ମ ଉତ୍ସବ କର୍ମରେ ଷଠୀଘର :**

ନବପ୍ରସୂତି ସନ୍ତାନର ଆୟୁ ଆରୋଗ୍ୟ ଓ ନିର୍ବିଘ୍ନ ଜୀବନ ନିର୍ବାହ ପାଇଁ ଶିଶୁ ଜନ୍ମ ହେବାର ଷଷ୍ଠ ଦିବସର ସନ୍ଧ୍ୟାରେ ଷଷ୍ଠୀଦେବୀ ବା ଷଠୀଦେବୀଙ୍କୁ ପୂଜା କରାଯାଏ । ଷଠୀଦେବୀଙ୍କ ଉପାସନା କରିବା ପାଇଁ ଷଠୀଘର ପ୍ରସ୍ତୁତ ହୋଇଥାଏ । ଏଥିରେ କେବଳ ନାରୀମାନେ ଅଂଶଗ୍ରହଣ କରନ୍ତି । ଅନ୍ୟୂନ ସାତଜଣ ନାରୀ ଏହି ଷଠୀଘର ସହ ମାଆ ଓ ଶିଶୁକୁ ହୁଳହୁଳି ଦେଇ ବନ୍ଦାପନା କରନ୍ତି । ସନ୍ତାନମାନଙ୍କର ସୁଦୀର୍ଘ ଓ ସୁଖମୟ ଜୀବନ ଉଦ୍ଦେଶ୍ୟରେ ବିବାହିତା ନାରୀମାନେ ଷଠୀଓଷା ପାଳନ କରିଥାନ୍ତି । ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଏଇ ଓଷା ପାଳନ କରାଯାଏ । ଜନ୍ମିତ ଶିଶୁର ଛଅ ଦିନରେ ହେଉଥିବା ଉପଚାରରେ ମୁଖ୍ୟତଃ ଷଠୀଘର ବ୍ୟବହୃତ ହୋଇଥାଏ । ସେଇ ଷଠୀଦେବୀଙ୍କୁ ମାଆମାନେ ପିଲାମାନଙ୍କର କଲ୍ୟାଣ କାମନା କରି ଷଠୀ ଓଷା ପାଳନ କରନ୍ତି ।

- **କାର୍ତ୍ତିକରେ ଆକାଶଦୀପ :**

ଓଡ଼ିଆମାନଙ୍କର ଉତ୍କୃଷ୍ଟ ଧର୍ମମାସ କାର୍ତ୍ତିକ । ଏହି କାର୍ତ୍ତିକର ଏକ ଅନନ୍ୟ ପରମ୍ପରା ହେଉଛି ଆକାଶଦୀପ ପ୍ରଜ୍ଜ୍ୱଳନ । ଆକାଶଦୀପ ପ୍ରଜ୍ଜ୍ୱଳନ କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିଥାଏ । ପିତୃପୁରୁଷଙ୍କ ପଥକୁ ଆଲୋକିତ କରିବା ନିମନ୍ତେ ଚଉରାମୂଳେ ତଥା ଦେବାଳୟ ସମ୍ମୁଖରେ ଆକାଶଦୀପ ପ୍ରଜ୍ଜ୍ୱଳନ କରାଯାଏ । ଆକାଶଦୀପ ପ୍ରସ୍ତୁତି ନିମନ୍ତେ ସଳଖ ଲମ୍ବା ବାଉଁଶ ,ଶିକା ,ଶଗଡ଼ି ,ଝୋଟ ବା କତାରଶି ,ମାଟିହାଣ୍ଡି ,ସରା ଓ ମାଟିଦୀପର ଆବଶ୍ୟକ ହୋଇଥାଏ । ଚଉରାମୂଳରେ ଏକ ଲମ୍ବା ଓ ସଳଖ ବାଉଁଶ ପୋତିଥିବାରୁ କିଛି ତଳକୁ ଶଗଡ଼ି ବାନ୍ଧି ସେଥିରେ ଶିକା ମାଧ୍ୟମରେ ମାଟିହାଣ୍ଡି ରଖି ଓ ହାଣ୍ଡି ମଧ୍ୟରେ ଦୀପ ରଖି ଆକାଶଦୀପ ଜଳାଯାଏ ।

ମହାଳୟାଠାରୁ ପିତୃପୁରୁଷ ଦକ୍ଷିଣ ଦିଗରେ ରହିଥାନ୍ତି । ଦକ୍ଷିଣ ଦିଗ ହେଉଛି ଯମଦେବତାଙ୍କ ଅଧିଷ୍ଠାନ କ୍ଷେତ୍ର । ତେଣୁ ସନ୍ଧ୍ୟାସମୟରେ ଦୀପ ଦାନ କରି ପିତୃପୁରୁଷଙ୍କ ଆତ୍ମାକୁ ଆଲୋକିତ କରିଥାଏ । ଏହି ବିଧି ମାସକଯାକ ପାଳିତ ହୋଇଥାଏ । ଯେଉଁମାନେ ମାସସାରା ଦୀପ ଜଳାଇପାରନ୍ତି ନାହିଁ ;ସେମାନେ ପଞ୍ଚକରେ ଆକାଶଦୀପ ପ୍ରଜ୍ଜ୍ୱଳନ କରିଥାନ୍ତି । ଆଲୋକ ଓ ଆନନ୍ଦ ମାଧ୍ୟମରେ ଦିବ୍ୟାନୁଭୂତିର ସନ୍ଦେଶ ପ୍ରଦାନ କରିଥାଏ ଆକାଶଦୀପ । କାର୍ତ୍ତିକ ମାସର ପ୍ରତିଦିନ ବ୍ରତୀ ଦୀପଦାନ କରିବା ଦ୍ୱାରା ଧର୍ମବୃଦ୍ଧି ଘଟିଥାଏ । ଏହାଦ୍ୱାରା ସପ୍ତଜନ୍ମର ପାପରାଶି ଅତିଅଳ୍ପ ସମୟରେ ଦଗ୍ଧୀଭୂତ ହୋଇଯାଇଥାଏ । କାର୍ତ୍ତିକରେ ମୁଖ୍ୟତଃ ପିତୃପୁରୁଷଙ୍କୁ ଦୀପଦାନ ,ହବିଷ୍ୟାଳିମାନଙ୍କର ମାସସାରା କାର୍ତ୍ତିକ ବ୍ରତ ପାଳନ ଓ ଆକାଶଦୀପ ପ୍ରଜ୍ଜ୍ୱଳନ କରାଯାଇଥାଏ ।

ଆକାଶଦୀପଦାନ ଦ୍ୱାରା ମନୁଷ୍ୟ ବହୁବିଧ ଦୁଷ୍କୃତରୁ ଉଦ୍ଧାର ପାଇ ଶେଷରେ ବିଷ୍ଣୁଲୋକ ପ୍ରାପ୍ତ ହୋଇଥାଏ । ଏହି ଆକାଶଦୀପ ଆତ୍ମା ପରମାତ୍ମା ମଧ୍ୟରେ ଏକ ସମ୍ପର୍କ ସ୍ଥାପନର ପ୍ରତୀକ ବୋଲି କୁହାଯାଏ । ଆକାଶର ଯେତେ ଉଚ୍ଚରେ ଯିଏ କାର୍ତ୍ତିକ ଦୀପ ପ୍ରଦାନ କରନ୍ତି ସେ ନିଜର ସମ୍ପୂର୍ଣ୍ଣ କୁଳକୁ ଉଦ୍ଧାର କରି ବିଷ୍ଣୁଲୋକକୁ ଯାତ୍ରା କରନ୍ତି ।

- **ଫାଲଗୁନରେ ଦୋଳବିମାନ :**

ଓଡ଼ିଶାର ଏକ ବିଶେଷ ପର୍ବ ଦୋଳ ପୂର୍ଣ୍ଣିମା ଯାହା ଫାଲଗୁନ ମାସରେ ପାଳନ କରାଯାଇଥାଏ । ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ଆୟୋଜନ ବୋଲି ଗ୍ରହଣ କରାଯାଇପାରେ । ପ୍ରଭୁ ଜଗନ୍ନାଥଙ୍କ ପ୍ରଥମ ଯାତ୍ରା ଦୋଳଉତ୍ସବ । ସାଧାରଣତଃ ଏହି ଯାତ୍ରା ପାଞ୍ଚଦିନ ପାଇଁ ମହାସମାରୋହରେ ପାଳିତ ହୋଇ ରଜଦୋଳ ବା ପଞ୍ଚଦୋଳ ନାମରେ ନାମିତ

ହୋଇଥାଏ । କେତେକ ସ୍ଥାନରେ ଫାଲଗୁନ ମାସର ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ଛଅଦିନ ପର୍ଯ୍ୟନ୍ତ ଏହି ପର୍ବ ପାଳିତ ହୋଇଥାଏ । ସେଠାରେ ଛଅଦୋଳ ନାମରେ ନାମିତ ହେବାବେଳେ ଆଉ କେଉଁଠି ନଅଦିନ ପର୍ଯ୍ୟନ୍ତ ପାଳନ କରାଯାଇପାରେ । ସେଠାରେ ଏହାକୁ ନବଦୋଳ ବୋଲି ସାଧାରଣତଃ କୁହାଯାଇଥାଏ । ଅନେକ ସ୍ଥାନରେ ସାତଦିନ ଓ ଦଶଦିନ ଧରି ମଧ୍ୟ ଦୋଳଯାତ୍ରା ଆୟୋଜନ ହୋଇଥାଏ ।

ଫାଲଗୁନ ଶୁକ୍ଳଦଶମୀ ତିଥିଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ । ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ରାଧା ଓ କୃଷ୍ଣଙ୍କ ନିକଟରେ ଏହି ଦିନଠାରୁ ଅବିର ଅର୍ପଣ କରାଯାଇଥାଏ । ତେଣୁ ସ୍ୱଭାବତଃ ରାଧାକୃଷ୍ଣ ମନ୍ଦିରଗୁଡ଼ିକ ସେହିଦିନଠାରୁ ଉତ୍ସବ ମୁଖର ହୋଇଉଠିଥାଏ । ପୂର୍ଣ୍ଣିମା ପର୍ଯ୍ୟନ୍ତ ବୈଷ୍ଣବ ଧର୍ମାବଲମ୍ବୀମାନଙ୍କ ମତାନୁଯାୟୀ ବୃନ୍ଦାବନ ଗୋପୀମାନେ ସେମାନଙ୍କର ପରମାରାଧ୍ୟ ପରମ ପ୍ରେମିକ ଶ୍ରୀକୃଷ୍ଣଙ୍କ ସହ ଚାଚେରୀ ଖେଳିଥିଲେ । ତେଣୁ ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟ ଛୋଟ ବିମାନରେ ଚିତ୍ତାକର୍ଷକ ସାଜସଜ୍ଜା ସହିତ ମହାଆଡମ୍ବର ସହକାରେ ଗ୍ରାମର ପ୍ରତ୍ୟେକଙ୍କ ଦ୍ୱାରକୁ ନିଆଯାଇଥାଏ । ପ୍ରାୟତଃ ପ୍ରତ୍ୟେକ ଦ୍ୱାରରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯିବା ସଙ୍ଗେ ସଙ୍ଗେ ପୁରୋହିତଙ୍କୁ ମଧ୍ୟ ଦକ୍ଷିଣା ଦିଆଯାଇଥାଏ । ଠାକୁରମାନଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦ୍ୱାରରେ ଅର୍ପିତ ଭୋଗକୁ 'ଦ୍ୱାରୀ ଭୋଗ' କୁହାଯାଇଥାଏ । ଭଗବାନ ଭକ୍ତଙ୍କର ଏହା ହିଁ ପ୍ରତିପାଦିତ କରିବା ବୋଧହୁଏ ଦ୍ୱାରୀ ଭୋଗର ଉଦ୍ଦେଶ୍ୟ । ଭକ୍ତମାନେ ସବୁବେଳେ ଠାକୁର ଦର୍ଶନ ପାଇଁ ଭଗବାନଙ୍କ ପୀଠସ୍ଥଳୀରେ ଯାଇ ନୈବେଦ୍ୟ ଅର୍ପଣ କରୁଥିଲେ କିନ୍ତୁ ଦୋଳଉତ୍ସବ ପାଳନ କରାଯାଉଥିବାବେଳେ ତାଙ୍କର ସୁଉଚ୍ଚ ସିଂହାସନ ଉପରୁ ଠାକୁରେ ଓହ୍ଲାଇ ଆସୁଥିଲେ ରାଜଦାଣ୍ଡ ଉପରକୁ ,ଭକ୍ତର ଦ୍ୱାର ନିକଟକୁ । ଶ୍ରୀକୃଷ୍ଣ ଭକ୍ତମାନଙ୍କଠାରୁ ଭୋଗ ନେବାପାଇଁ ସେଇପରି ଦୋଳଉତ୍ସବ ବେଳେ ଚାଲିଯାଇଥାନ୍ତି ଭକ୍ତମାନଙ୍କ ଅତି ନିକଟକୁ – ଘର ନିକଟକୁ ।

ସୁତରାଂ ଏହା ଏକ ସର୍ବଭାରତୀୟ ପର୍ବ ଏବଂ ରାଧାକୃଷ୍ଣ ଏହି ପର୍ବର ଦେବତାଭାବରେ ପ୍ରତିଷ୍ଠା ଲାଭ କରିଛନ୍ତି । ଦୋଳଯାତ୍ରା ମଣିଷକୁ ଅନେକ ଶିକ୍ଷା ମଧ୍ୟ ଦେଇଥାଏ ।

ବାମନଚରଣ ମିଶ୍ର ଓ ଜୟକୃଷ୍ଣ ସାହୁ ଓଡ଼ିଶାର ଗ୍ରାମାଞ୍ଚଳରେ ଚାଚେରୀ ବିଜେ ସମ୍ପର୍କରେ ଲେଖିଛନ୍ତି :-

" ଠାକୁରଙ୍କୁ ଦୋଳିରେ ବସାଇ ଶୋଭାଯାତ୍ରାରେ ଗ୍ରାମ ଓ ନଗର ବୁଲାଯାଏ । ଠାକୁରଙ୍କ ସଙ୍ଗେ ଆଲଟ ,ଚାମର ,ଛତି ଓ ତ୍ରାସ ଆଦି ଚାଲିଥାଏ ଓ ବାଜା ବାଜୁଥାଏ । ଏପରି ବୁଲିବାକୁ ଚାଚେରୀ

କୁହନ୍ତି । ଠାକୁର ଏହି ଚାଚେରୀ ବୁଲାରେ ଘରେ ଘରେ ଭୋଗ ଖାଆନ୍ତି । ଖଇ ଉଖୁଡ଼ା ,ଚଣା ,କଷି ଆମ୍ବ ,କଦଳୀ ଓ ଖଜା ଆଦି ଠାକୁରଙ୍କଠାରେ ଭୋଗ ଲାଗେ । ଫୋଗୁବୋଳା ହେଉଥାଏ । ୬*

ଦୋଳଉତ୍ସବ ସମୟରେ ବିଭିନ୍ନ ପଡିଆରେ ମେଳଣ ଯାକଯମକରେ ଅନୁଷ୍ଠିତ ହୋଇଥାଏ । କେତେକ ବିଶିଷ୍ଟ ମେଳଣ ସ୍ଥାନ ଯଥା -ଓଳକଣା ,ଧର୍ମଶାଳା ,ଯାଜପୁର ,ବଳଙ୍ଗା ,ହରିରାଜପୁର ,ବୈରୀ ,ମାହାଙ୍ଗା ଇତ୍ୟାଦିରେ ଦୋଳବିମାନ ଏକତ୍ରିତ ହୋଇଥାଏ । ଓଡ଼ିଆ ଜନଜୀବନର ଏକ ମୂର୍ତ୍ତିମନ୍ତ ଆଶା ଓ ଆନନ୍ଦର ପ୍ରତୀକ ଦୋଳପର୍ବ । ସମସ୍ତେ ଆନନ୍ଦିତ ହୋଇ ଖୁସି ମନରେ ଏହିପର୍ବକୁ ପାଳନ କରନ୍ତି ।

- **ଚୈତ୍ରରେ ଘଟପାଟୁଆ :**

ପାରମ୍ପରିକ ଲୋକବିଶ୍ୱାସର ଅନ୍ୟତମ ଦୃଢ ତଥା ଶକ୍ତି ଉପାସନାଭିତ୍ତିକ ଧାର୍ମିକ ଅନୁଭବ ହେଉଛି ଘଟପାଟୁଆ । ଓଡ଼ିଶାରେ ଶାକ୍ତ ପରମ୍ପରାରେ ଘଟପାଟୁଆର ଅସାଧାରଣ ଭୂମିକା ଆଜିବି ଅତୁଟ । ଏଥିରେ ଘଟପୂଜା ପରମ୍ପରାର ଭ୍ରାମ୍ୟମାଣ ଅବସ୍ଥା ଦେଖାଯାଏ । ଶାରଳା ,ମଙ୍ଗଳା , ଚର୍ଚ୍ଚିକା ,ହିଙ୍ଗୁଳା ,ଭଗବତୀ ,କୁତାମଚଣ୍ଡୀ ପ୍ରଭୃତି ଦେବୀପୀଠର ପୂଜକମାନେ ଚୈତ୍ର ମାସରେ ଦେବୀଙ୍କ ପ୍ରତୀକ ଭାବରେ ଘଟସ୍ତମ୍ଭ ମଥାରେ ଥୋଇ ଗାଁ ଗାଁ ବୁଲି ଦେବୀ ମହିମା ପ୍ରଖ୍ୟାପନ କରିବା ସହିତ ଭକ୍ତମାନଙ୍କୁ ପାଦୋଦକ ବାଣ୍ଟନ୍ତି । ଲୋକେ ମଧ ନିଜ ନିଜ ଦାଣ୍ଡରେ ପାହାଡାପାରି ଘଟସ୍ତମ୍ଭ ପାଇଁ ଆସନ ବ୍ୟବସ୍ଥା କରନ୍ତି । ପାଟୁଆଙ୍କୁ ଦକ୍ଷିଣା ଦିଅନ୍ତି ଓ ମାଆଙ୍କ ଘଟକୁ ମୁଣ୍ଡିଆ ମାରି ନିଜ ନିଜ ମାନସିକ ଜଣାନ୍ତି ।

ପାଟୁଆମାନେ ଅର୍ଦ୍ଧନାରୀ ପୁରୁଷ ହୋଇ ଏକ ଘଟସ୍ତମ୍ଭକୁ ମୁଣ୍ଡରେ ଥୋଇ ଗ୍ରାମ ପରିକ୍ରମା କରନ୍ତି । ତାଙ୍କର ଜଣେ ସହଯୋଗୀ ତାଙ୍କ ସହିତ ଘଣ୍ଟ ବଜାନ୍ତି । ଘଣ୍ଟ ବାଦ୍ୟର ତାଳେ ତାଳେ ଏମାନେ ନୃତ୍ୟ ପରିବେଷଣ କରନ୍ତି । ଏହା ହେଉଛି ପ୍ରସିଦ୍ଧ 'ଘଟପାଟୁଆ' ନୃତ୍ୟ । କେତେକ ପାଟୁଆ ଗୋଡ଼ରେ ରଣପା ପିନ୍ଧି ,ମଥାରେ ଘଟସ୍ତମ୍ଭ ରଖି ଅତି ଚିତ୍ତାକର୍ଷକ ନୃତ୍ୟ କରନ୍ତି । ଓଡ଼ିଶାର ଏହି ଘଟପାଟୁଆ ନୃତ୍ୟ ତନ୍ତ୍ରଭିତ୍ତିକ ଓ ଆଧ୍ୟାତ୍ମିକ ଲୋକନୃତ୍ୟ ଭାବେ ସୁବିଖ୍ୟାତ ।

- **ମଙ୍ଗଳା ଓଷାରେ ପଣ୍ଡେଇ :**

ଓଡ଼ିଶାର ନାରୀମାନେ ଧର୍ମବିଶ୍ୱାସୀ ତଥା ଈଶ୍ୱରପ୍ରେମୀ । ଏହି ଗଭୀର ଦେବଦେବୀ ବିଶ୍ୱାସରୁ ଓଡ଼ିଶାରେ ପିଲା ପରିବାରର ମଙ୍ଗଳ ମନାସ କରି ମଙ୍ଗଳବାର ଓଷା ପାଳନ କରାଯାଏ । ଏହି ଓଷାରେ ଦେବୀ ହେଉଛନ୍ତି ମା ମଙ୍ଗଳା । ମା ମଙ୍ଗଳାଙ୍କୁ ଉପାସନା କରିବା ପାଇଁ କେବଳ ନାରୀମାନେ ପଣ୍ଡେଇ ପୂଜା କରନ୍ତି । କୁହାଯାଏ ଯେ ପଥପ୍ରାନ୍ତରେ ଏହି ଓଷା କରାଯାଉଥିବାରୁ ଏହି ଓଷାକୁ "ପଣ୍ଡେଇ ଓଷା " କୁହାଯାଇଥାଏ । ଏଇ ଓଷା ଚୈତ୍ର ମାସ ମଙ୍ଗଳବାରରେ ଅନୁଷ୍ଠିତ ହୁଏ ଓ ବାଟରେ ପଣ୍ଡେଇ ଖୋଳି ,ଏଥିରେ ହଳଦୀ ପାଣି ଢାଳି ,ଶିଳପୁଆକୁ ଚନ୍ଦନ ,ସିନ୍ଦୂର ,ଫୁଲ ଦେଇ ପୂଜା କରାଯାଏ । ସରଳ ଗ୍ରାମ୍ୟନାରୀମାନଙ୍କର ଧର୍ମୀୟ ଭାବନା ,ଭକ୍ତିମତ୍ତା ବେଶ୍ ପ୍ରତିଫଳିତ ଏହି ଓଷା ମଧ୍ୟରେ ।

- **ସତ୍ୟନାରାୟଣ ବ୍ରତରେ ସତ୍ୟପୀର ଖଟୁଲି :**

ସତ୍ୟନାରାୟଣବ୍ରତର ପ୍ରମୁଖ ଦେବତା ନାରାୟଣ । ଏହାଙ୍କ ସହିତ ଆଦିତ୍ୟ ,ଗଣେଶ ,ଶିବ ଓ ଦୁର୍ଗାଙ୍କର ପଞ୍ଚଦେବତା ଉପାସନା ଅନୁଷ୍ଠିତ ହୋଇଥାଏ । ପରବର୍ତ୍ତୀ ପରିସ୍ଥିତିରେ ଏହା ସହିତ ମୁସଲମାନ ସମ୍ପ୍ରଦାୟର ପ୍ରମୁଖ ଦେବତା ,ସତ୍ୟପୀରଙ୍କୁ ସଂଯୁକ୍ତ କରାଯାଇଛି । ଫଳତଃ ପୂଜା ସମୟରେ ସତ୍ୟପୀର ଉପାସନା କରାଯାଏ । ବାଲୁକା ମଞ୍ଚର ଚାରିକୋଣରେ ଚାରିଗୋଟି କାଣ୍ଡ ପୋତାଯାଏ । ବେଦି ଉପରେ ଖଟୁଲି ଓ ଏହା ଉପରେ ନୂତନ ବସ୍ତ୍ର ପକାଯାଏ । ବସ୍ତ୍ରର ଚାରିକୋଣରେ ଚାରୋଟି ଓ ମଧ୍ୟଭାଗରେ ଗୋଟିଏ କରି ଗୋଟାପାନ ଉପରେ ଗୋଟାଏ ଲେଖାଏଁ ପାଚିଲା କଦଳୀ ରଖାଯାଇ ମୁକାମ ସ୍ଥାପନ କରାଯାଏ । ପାଚିଲା କଦଳୀ ,ଶର୍କରା ,କ୍ଷୀର ,ଘୃତ ଏବଂ ଗହମ ଗୁଣ୍ଡରେ ଶିରିଣି ପ୍ରସ୍ତୁତ କରାଯାଇ ଦେବତାମାନଙ୍କୁ ନୈବେଦ୍ୟ କରାଯାଏ । ଏହା ସହିତ କଳସପୂଜା , ଗ୍ରାମଦେବୀ ,ଦଶଦିଗପାଳ ଓ ନବଗ୍ରହଙ୍କ ପୂଜା ମଧ୍ୟ ଅନୁଷ୍ଠିତ ହୋଇଥାଏ । ଶେଷରେ ବିଭୁବନ୍ଦନାମୂଳକ ପାଲା ଗାନ କରି ,ସବୁରି ମଙ୍ଗଳ କାମନା କରାଯାଏ । ହରିବୋଲ ଓ ହୁଳହୁଳି ସହିତ ବ୍ରତ ଉଦଯାପିତ ହୁଏ । କାଶୀବାସୀ ବ୍ରାହ୍ମଣ ସୀତାନନ୍ଦ ପ୍ରଥମେ ଏଇ ବ୍ରତ ସମ୍ପର୍କରେ ଚେତନା ସୃଷ୍ଟି କରିଥିଲେ । ୭* ଏହାପରେ ଏହି ବ୍ରତର ବ୍ୟାପକ ପ୍ରଚାର ପ୍ରସାର ହେଲା । ନିଜ ନିଜ ସନ୍ତାନର ସୁସ୍ଥ ,ନିରାମୟ ଓ ଦୀର୍ଘ ଜୀବନ କାମନା କରି ଅନେକ ବ୍ରତଚାରୀ ଏଇ ବ୍ରତ ପାଳନ କରୁଛନ୍ତି । ସମୟକ୍ରମେ ସତ୍ୟନାରାୟଣ ବ୍ରତ ସତ୍ୟପୀର ପାଲାରେ ରୂପାନ୍ତରିତ ହେଲା ।

- **ମାର୍ଗଶିର ମାଣବସା ଓଷାରେ ମାଣ ଖଟୁଲି :**

ଦେବୀମାନଙ୍କ ମଧ୍ୟରେ ଧାନ୍ୟ ଓ ଧନର ଦେବୀ ଭାବରେ ଲକ୍ଷ୍ମୀଙ୍କର ପୂଜା ବିଶେଷ ପ୍ରଚଳିତ । ସେ ସ୍ୱତନ୍ତ୍ର ଦେବୀ ଭାବରେ ମାର୍ଗଶିର ଗୁରୁବାର ବା ଧାନମାଣିକା ଓଷା ,ସୁଦଶା ବ୍ରତ ଓ ନିତ୍ୟାନି ମହାଲକ୍ଷ୍ମୀ ବ୍ରତରେ ଆରାଧିତା ହୁଅନ୍ତି । ମାର୍ଗଶିର ମାସ ପ୍ରତି ଗୁରୁବାର ଓଡ଼ିଶାର ଏକ ବଡପର୍ବ ରୂପେ ପରିଗଣିତ ହୁଏ । ବୁଧବାର ଦିନ ଗୃହିଣୀମାନେ ଘରଦ୍ୱାର ଲିପାପୋଛା କରି ସୁନ୍ଦର ଭାବେ ଚିତା ପକାଇଥାନ୍ତି । ଶତଦଳ ପଦ୍ମ ଏବଂ ଲକ୍ଷ୍ମୀଙ୍କର ପାଦ ନୂତନ ଚାଉଳର ପିଠଉରେ ଲେଖି ,କାନ୍ଥରେ ମଧ୍ୟ ଝୋଟି ଚିତା ପକାଇଥାନ୍ତି । ଗୁରୁବାର ଦିନ କୋଠି ଲେଖି ଲକ୍ଷ୍ମୀ ଦେବୀଙ୍କର ପ୍ରତୀକ ରୂପେ ନୂତନ ଧାନକୁ ଭରି ,ନୂତନ ବସ୍ତ୍ର ଏବଂ ଚନ୍ଦନାଦି ଖଟୁଲି ବା ପିଢାରେ ରଖି ପୂଜା କରିଥାନ୍ତି । ମାଣ ବସାଇବା ପୂର୍ବରୁ ସେଇ ମାଣଟିକୁ ଧୋଇ ନାଲି ମାଟିରେ ସୁନ୍ଦର କରି ଲିପି ଚିତା ମଧ୍ୟ ଦିଆଯାଇଥାଏ । ନୂତନ ଚାଉଳର ପିଠାପଣା କରି ବିଭିନ୍ନ ରକମର ନୈବେଦ୍ୟ ବାଢନ୍ତି ଗୃହିଣୀମାନେ । ସାମ୍ୟ ମୈତ୍ରୀର ଶୁଭଶଙ୍ଖ ଏହି ପର୍ବରେ ପ୍ରତିଧ୍ୱନିତ । ଶୁଚି ଶୁଦ୍ଧ ନ୍ୟାୟବାନ ନହେଲେ ଯେ ଜୀବନରେ ଅନେକ ଦୁର୍ଦ୍ଦିନ ଆସେ ,ଏହା ଲକ୍ଷ୍ମୀଦେବୀଙ୍କର ବାଣୀ ।

- **ପୋଥି ପାଠରେ ଓ ଷୋଳପାଳି ମଙ୍ଗଳବାର ଓଷାରେ ରୁଖା :**

ରୁଖା ଉପରେ ଜଳନ୍ତା ଦୀପ ରଖାଯାଇ ଏହା ନିକଟରେ ବଇଠାରେ ପୁରାଣ ଓ ଭାଗବତ ପୋଥି ପ୍ରଭୃତି ଥୋଇ ପାଠ କରାଯାଏ । ଏତତବ୍ୟତୀତ ରୁଖା ଷୋଳପାଳି ମଙ୍ଗଳବାର ଓଷାରେ ମଧ୍ୟ ବ୍ୟବହୃତ ହୋଇଥାଏ ।

ଷୋଳପାଳି ମଙ୍ଗଳବାର ଓଷା ଗୋଟିଏ ମାନସିକ ଓଷା । ମାନସିକ କରିଥିବା ଓଷେଇତୀ କୁମାର ପୂର୍ଣ୍ଣିମାଠାରୁ ଦୋଳପୂର୍ଣ୍ଣିମା ଭିତରେ ପଡୁଥିବା ମଙ୍ଗଳବାରମାନଙ୍କରେ ଏହା ପାଳନ କରନ୍ତି । ଏହି ଓଷାର ବିଧି ଅନୁସାରେ ଷୋହଳ କୁମ୍ଭ ,ଷୋହଳ ନଡ଼ିଆ ,ଷୋହଳ ଗୁଆ ସ୍ଥାପନ କରି ଷୋହଳ ମାଳ ପିନ୍ଧାନ୍ତି । ଷୋହଳ ରୁଖା ଷୋହଳ ବଇଠାରେ ଷୋହଳ ଦୀପ ଜାଳନ୍ତି । ଷୋହଳ ଖିଅ ସୂତାରେ ଷୋହଳ ଗଣ୍ଠି ପଡି ବ୍ରତ ଡୋରକ କରନ୍ତି ,ଷୋହଳ ନାଡ ଦୁବ ନାଗି କରନ୍ତି । ଷୋହଳ ମଣ୍ଡା ଭୋଗ ବାଢନ୍ତି । ୮* ସମ୍ପ୍ରତି ଏହି ଓଷାର ବିଶେଷ ପ୍ରଚଳନ ଲକ୍ଷ୍ୟ କରାଯାଏ ନାହିଁ ।

ଏହି ଓଷା କରିବା ଦ୍ୱାରା ଲୋକେ ଧନ ,ଧାନ୍ୟ ,ପୁତ୍ର ଓ ସୌଭାଗ୍ୟବନ୍ତ ହେବା ଘଟଣା ଲୋକବିଶ୍ୱାସରୁ ପ୍ରତିପନ୍ନ ହୋଇଥାଏ ।

- **ବିଭିନ୍ନ ଓଷାବ୍ରତରେ ଶିଳ ଶିଳପୁଆ :**

ପାରମ୍ପରିକ ଚଳଣିର ବିଶେଷ ଉପକରଣ ଶିଳ ଶିଳପୁଆ । ଓଡ଼ିଆମାନେ ପାଳନ କରୁଥିବା ବିଭିନ୍ନ ଓଷା ,ବ୍ରତ ,ପର୍ବପର୍ବାଣିରେ ଶିଳ ଶିଳପୁଆର ବ୍ୟବହାର ହୋଇଥାଏ । ଯଥା :- ବୁଧେଇ ଓଷା ,ସାବିତ୍ରୀ ବ୍ରତ ,ଷଠୀ ଓଷା ,ପଛେଇ ଓଷା ,ବାଟ ଓଷା ,ବସୁମତୀ ସ୍ନାନ ଇତ୍ୟାଦି ।

- ଶିବ ଶକ୍ତି ବା ଉମା ମହେଶ୍ୱରଙ୍କୁ ଯୁଗ୍ମ ଦେବତା ଭାବରେ ପୂଜା କଲାଭଳି ,ମାତୃତାନ୍ତ୍ରିକ ଯୁଗରେ ମାତା ପୁତ୍ରକୁ ଏକତ୍ର ପୂଜା କରାଯାଉଥିବାର ବିଧି ପ୍ରଚଳିତ ଥିବାର ଲକ୍ଷ୍ୟ କରାଯାଏ । ବୁଧେଇ ଓଷାରେ ଶିଳ ଶିଳପୁଆ ପୂଜାରୁ ଏହାର ସୂଚନା ମିଳେ । ୯* ଏହି ଓଷା ଭାଦ୍ରବ ମାସରେ ପାଳନ କରାଯାଇଥାଏ । ଶିଳ ଶିଳପୁଆକୁ ଧୋଇ ଶିଳରେ ହଳଦୀ କଉଡ଼ି ମାଧ୍ୟମରେ ଭଗବାନଙ୍କ ଆକୃତି ପ୍ରଦାନ କରି ପୂଜା କରାଯାଏ ଭାଦ୍ରବମାସର ପ୍ରତ୍ୟେକ ବୁଧବାର ସନ୍ଧ୍ୟାରେ ।
- ସାବିତ୍ରୀ ବ୍ରତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ସଧବା ନାରୀ ନିଜ ସ୍ୱାମୀଙ୍କର ସୁନ୍ଦର ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ ଲାଗି ପାଳନ କରିଥାନ୍ତି । ଜ୍ୟେଷ୍ଠ ମାସର ଅମାବାସ୍ୟା ଦିନ ବ୍ରାହ୍ମଣଙ୍କ ଦ୍ୱାରା ପୂଜାକର୍ମ ଆରମ୍ଭ କରାଯାଇଥାଏ । ଗୋଟିଏ ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଇ ,ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ଯତ୍ନରେ ସଜାଇ ସାବିତ୍ରୀ ଦେବୀ ରୂପେ ସ୍ଥାପନା କରି ଧୂପ ,ଦୀପ ,ଗନ୍ଧ ,ପୁଷ୍ପ ଅର୍ପଣ କରନ୍ତି । ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳକାଟି ଗଣପତି ଘଟ ସ୍ଥାପନା କରାଯାଏ । ପାଚିଲା ଆମ୍ବ ,ପଣସ ,ସପୁରୀ ,ତାଳସଜ ,ନଡ଼ିଆ ,କଦଳୀ ପ୍ରଭୃତି ନାନା ଜାତିର ପକ୍ୱଫଳ ଓ ଧୁଆମୁଗ ନୈବେଦ୍ୟ ରୂପେ ବଢାଯାଏ । ସାବିତ୍ରୀ ବ୍ରତ ନିଷ୍ଠାର ସହିତ ପାଳନ କରି ପ୍ରତ୍ୟେକ ନାରୀ ପତିପ୍ରାଣା ଓ ପତି ସୋହାଗିନୀ ହେବାକୁ ଈଶ୍ୱରଙ୍କ ପାଦତଳେ ଭକ୍ତି ମନରେ ପ୍ରଣତି ବାଢନ୍ତି ।
- ଓଡ଼ିଶାର କୃଷିଭିତ୍ତିକ ତଥା ଏକ ପ୍ରମୁଖ ପର୍ବ ରଜପର୍ବ । ରଜପର୍ବରେ ବସୁମତୀ ମାତା ରଜସ୍ୱଳା ହୋଇଥାନ୍ତି । ରଜପର୍ବର ଏକ ପ୍ରମୁଖ ଦିନ ବସୁମତୀ ସ୍ନାନ । ରଜେଇତୀମାନେ ଓ ଅନ୍ୟ ସ୍ତ୍ରୀ ଲୋକମାନେ ବସୁମତୀ ଗାଧୁଆ ଦିନ ରାତି ପାହାନ୍ତା ବା ରାତି ସରି ଆସିଲାବେଳକୁ ତେଲ ହଳଦୀ ଲଗାଇ ନଦୀ ସରୋବରକୁ ଗାଧୋଇ ଯାଆନ୍ତି । ସେମାନେ ସୂର୍ଯ୍ୟୋଦୟ ପୂର୍ବରୁ ଗାଧୁଆ ପାଧୁଆ ଶାଢ଼ୀ କଜ୍ଜ୍ୱଳ ସିନ୍ଦୂର ଲଗାଇ ,ଆୟ ଅଳଙ୍କାର ପିନ୍ଧି ,ଭଲ ଲୁଗାପଟା ପିନ୍ଧି ଚଉରା ମୂଳକୁ ଆସି ଚଉରା ଲିପାପୋଛା କରନ୍ତି ଏବଂ ତାର

ଗୋଟିଏ ପାହାଚରେ ଧୁଆ ହୋଇଥିବା ପିଢାଟିଏ ଥୋଇ ତା ଉପରେ ଶିଳ ଶିଳପୁଆକୁ ଠିଆ ବରଗରେ ବା ଡେରିବା ଭଳି ରଖନ୍ତି ଓ ତା ପାଖରେ 'ଲଙ୍ଗଳ ଲୁହା ' ଟିଏ ଡେରି ଦେଇ ରଖିଥାନ୍ତି । ଜଣେ ସଧବା ବୟସ୍କା ନାରୀ ଏହାକୁ ତେଲ ହଳଦୀ ଲଗାଇଦେଇ ହୁଳହୁଳି ପକାଇ ଗାଧୋଇଦିଆନ୍ତି ଏବଂ ଗାଧୋଇ ଦେବାପରେ ଚନ୍ଦନ ସିନ୍ଦୂର ପିନ୍ଧାଇ ଦେଇ ଫୁଲ ଦିଅନ୍ତି ଓ ନଡ଼ିଆ ଭାଙ୍ଗି ନଡ଼ିଆ ପାଣି ତାହା ଉପରେ ଦେଇ ,ଭୋଗ ଲଗାନ୍ତି । ସେ ସେଠାରେ ଶିଳ ଶିଳପୁଆ ଓ ଲଙ୍ଗଳ ଲୁହାକୁ ଘିଅ ଦୀପଜାଳି ବନ୍ଦାପନା କରନ୍ତି ,ଧୂପ ଦିଅନ୍ତି ଓ ଭୋଗ ଲଗାଇ ବସୁଧାରେ ପଞ୍ଚାମୃତ ଢଳାଯାଏ । ବସୁମତୀ ଗାଧୁଆ ପରେ ବସୁଧା ଶୁଦ୍ଧ ହୁଅନ୍ତି । ଚଉରା ପାଖେ ପୂଜା ପରେ ଲଙ୍ଗଳ ଲୁହାଟି ହଳିଆ ବା କୃଷକକୁ ଦିଆଯାଏ । ସେ ତାହା ଲଙ୍ଗଳରେ ଯୋଚି ବିଲକୁ ହଳ କରିବା ଲାଗିଯାଏ । ୧୦*

ଏହିଭଳି ଭାବେ ଅନ୍ୟାନ୍ୟ ଓଷା ,ବ୍ରତ ଆଦିରେ ଶିଳ ଶିଳପୁଆକୁ ଭଗବାନଙ୍କ ପ୍ରତୀକ ଭାବେ ରଖି ପୂଜା କରାଯାଏ ।

- **ପୂଜା ବିଧିରେ ପୋଥି :**

ଆମ ସଂସ୍କୃତିରେ ପୋଥି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବିଭିନ୍ନ ଧାର୍ମିକ କାର୍ଯ୍ୟରେ ପୋଥି ପୂଜାର ବିଧି ରହିଛି । ଯଥା -ସତ୍ୟନାରାୟଣ ପୂଜା ,ଦଶହରା ପୂଜା ,ଭାଗବତ ଟୁଙ୍ଗୀ ଆଦିରେ ପୋଥିକୁ ବିମାନ ,ଖଟୁଳି ପ୍ରଭୃତିରେ ରଖି ପୂଜା କରାଯାଉଥିଲା । ତାଳପତ୍ର ପୋଥି ,ପୁରାଣ ,ଭାଗବତ ,ରାମାୟଣଠାରୁ ଆରମ୍ଭ କରି ବିଭିନ୍ନ ପୋଥିକୁ ପୂଜାର୍ଚ୍ଚନା କରାଯାଇଥାଏ ।

- **ମା ବୃନ୍ଦାବତୀଙ୍କ ପ୍ରତିରୂପ ଚଉରା :**

ଓଡ଼ିଆ ସଂସ୍କୃତିରେ ଚଉରାର ଏକ ପ୍ରମୁଖ ଭୂମିକା ରହିଛି । ଚଉରା ହେଲେ ଗୃହଦେବୀ ବୃନ୍ଦାବତୀ । ପ୍ରତି ଓଡ଼ିଆଣୀ ସକାଳେ ଏଥିରେ ପାଣି ଦିଅନ୍ତି । ଚଉରା ଉପରେ ତୁଳସୀ ଗଛ ପୋତି ଦିଆଯାଇଥାଏ । ସନାତନ ଧର୍ମରେ ସବୁଠୁ ପବିତ୍ର ଗଛ ହେଉଛି ତୁଳସୀ ।  ତୁଳସୀ ପବିତ୍ରତା ,ଭକ୍ତି ଓ ନିରାମୟତାର ପ୍ରତୀକ ,ଯାହା ସନାତନ ସଂସ୍କୃତିରେ ବହୁ ଗୁରୁତ୍ୱ ରଖେ । ତୁଳସୀକୁ ମାତା ଲକ୍ଷ୍ମୀଙ୍କ ପାର୍ଥୀବ ଅବତାର ରୂପେ ଗ୍ରହଣ କରାଯାଏ । ଏଣୁ ଏହାକୁ ପୁରାଣରେ ବୈଷ୍ଣବୀ ,ବିଷ୍ଣୁବଲ୍ଲଭା ,ହରି ପ୍ରୀୟା ,ବିଷ୍ଣୁପ୍ରୀୟା, କୃଷ୍ଣପ୍ରୀୟା ,ବୃନ୍ଦାବତୀ ରୂପେ ବର୍ଣ୍ଣନା କରାଯାଇଛି । କଳାତୁଳସୀକୁ ଶ୍ୟାମ ତୁଳସୀ ବା କୃଷ୍ଣତୁଳସୀ ,ସବୁଜ ତୁଳସୀକୁ ଶ୍ରୀତୁଳସୀ ବା ରାମ ତୁଳସୀ କୁହାଯାଏ ।

ପ୍ରତିଦିନ ଓଡ଼ିଆ ଘରଣୀମାନେ ଗାଧୋଇସାରି ଚଉରାକୁ ଧୋଇ ପରିଷ୍କାର କରନ୍ତି ଓ ଏଥିରେ ଲାଗିଥିବା ତୁଳସୀ ଗଛମୂଳରେ ପାଣି ଦେଇ ଫୁଲ ,ଧୂପ ଦେଇ ଭୋଗ ଲଗାନ୍ତି । ସନ୍ଧ୍ୟାରେ ସଞ୍ଜବତୀ ଦେଇ ଚଉରାକୁ ପ୍ରଣାମ କରନ୍ତି । ଅଧିକାଂଶ ଓଷା ,ବ୍ରତ ,ପୂଜା ଏହି ଚଉରା ମୂଳେ ହିଁ କରାଯାଇଥାଏ ।

- **ସାଜସଜ୍ଜାରେ ଚାନ୍ଦୁଆ :**

ଓଡ଼ିଆ ହସ୍ତଶିଳ୍ପର ଏକ ଉତ୍କୃଷ୍ଟ ନିଦର୍ଶନ ପିପିଲି ଚାନ୍ଦୁଆ । ଚାନ୍ଦୁଆ କେବଳ ଘରର ଶୋଭାବର୍ଦ୍ଧନ କରେନାହିଁ ,ଏହା ମୁଖ୍ୟତଃ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଲାଗିଥାଏ । ମୁଖ୍ୟତଃ ଦୋଳପୂର୍ଣ୍ଣମୀ ଅବସରରେ ଠାକୁରଙ୍କ ଦୋଳବିମାନରେ ସାଜସଜ୍ଜା ହେଉ କି ବିଭିନ୍ନ ମଠ ମନ୍ଦିରରେ ଠାକୁରଙ୍କ ମଥା ଉପରେ ଦେବା ପାଇଁ ଖୋଜା ପଡ଼େ କାରିଗର ହାତ ତିଆରି ଚାନ୍ଦୁଆ । ତେବେ ଏଥିରେ ମୁଖ୍ୟତଃ ଛତ୍ରି , ତ୍ରାସ ,ଆଲଟ ବିମାନ ,କୋଥଳି ,ବଟୁଆ ବିଶେଷ କରି ମହାପ୍ରଭୁଙ୍କ ଘୋଷାଯାତ୍ରା ପାଇଁ ରଥ କପଡ଼ା ଆଦି ଜିନିଷ ତିଆରି କରାଯାଉଛି ।

- **ଅନ୍ୟାନ୍ୟ ଧର୍ମଭିତ୍ତିକ ଲୋକଉପକରଣର ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ :**
  ଉପରୋକ୍ତ ସମସ୍ତ ଧର୍ମଭିତ୍ତିକ ଲୋକଉପକରଣ ବ୍ୟତୀତ ଆଡପଙ୍ଖା ,ଶ୍ରୁବ ,ସ୍ରୁଚ ,ଘଡ଼ି ,ଦୀପ ,ଆଲଟ ,ଚାମର ,କଉଡ଼ି ,ଶଙ୍ଖ ଚଟ ,ବିଭିନ୍ନ ଧାତୁ ,କାଷ୍ଠ ,ପଥର ,ମୃତ୍ତିକା ନିର୍ମିତ ଆଦି ପ୍ରତ୍ୟେକ ଉପକରଣ ଧାର୍ମିକ ଆଧ୍ୟାତ୍ମିକ ଭାବନା ସୃଷ୍ଟିରେ ସହାୟକ ହୋଇଥାନ୍ତି ।

- ଦୀପ ଜ୍ଞାନର ପ୍ରତୀକ । ଦୀପ ଜୀବନର ପ୍ରତୀକ । ଦୀପ ,ସଳିତା ,ତେଲ ମିଶି ଦୀପ ଲଗାଯାଏ ,ଯେତେବେଳେ ଦୀପର ତେଲ ସରିଯାଏ ସେ ଆପେ ଲିଭିଯାଏ । ମଣିଷ ଆୟୁଷ ମଧ୍ୟ ଏଭଳି ଧୀରେ ଧୀରେ ସରିଯାଏ । ଦୀପଦାନର ନିୟମ ହେଉଛି ଘୃତଦୀପ ଦେବତାଙ୍କ ଦକ୍ଷିଣ ଭାଗରେ ,ତୈଳଦୀପ ଦେବତାଙ୍କ ବାମ ଭାଗରେ ,ଶୁକ୍ଳବର୍ଣ୍ଣର ବର୍ତ୍ତି ହୋଇଥିଲେ ଦକ୍ଷିଣ ଭାଗରେ ,ରକ୍ତ ବର୍ଣ୍ଣର ବର୍ତ୍ତି ହୋଇଥିଲେ ବାମ ଭାଗରେ ଦେବ । ଦୀପ ଦେବତାଙ୍କ ଦକ୍ଷିଣ ବା ଅଗ୍ର ଭାଗରେ ଓ ଧୂପ ଦେବତାଙ୍କ ବାମ ଭାଗରେ ଓ ଅଗ୍ର ଭାଗରେ ଦିଆଯାଏ।୧୧* ଦୀପର ଆମ ସଂସ୍କୃତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।
- ଯଜ୍ଞ କର୍ମରେ ବ୍ୟବହୃତ ଶ୍ରୁବ ଓ ସ୍ରୁଚ ବ୍ରହ୍ମ ସଦୃଶ ଅଟନ୍ତି ।

- ଘଡ଼ି ଏକ ପ୍ରମୁଖ ଧର୍ମଭିତ୍ତିକ ଲୋକଉପକରଣ । ପ୍ରତ୍ୟେକ ପୂଜାରେ ଘଡ଼ିର ଆବଶ୍ୟକତା ହୋଇଥାଏ । ଘଡିକୁ ଆଦ୍ୟ ଦେବତା ଗଣେଶଙ୍କ ପ୍ରତୀକ ଭାବେ ପୂଜା କରାଯାଏ । ଘଟର ପରିଧି ୩୬ ଆଙ୍ଗୁଳ ,ଉଚ୍ଚ ୧୬ ଆଙ୍ଗୁଳ ,କଣ୍ଠ ୪ ଆଙ୍ଗୁଳ ,ମୁଖ ୬ ଆଙ୍ଗୁଳ ଓ ମୂଳ ୫ ଆଙ୍ଗୁଳ ହେବା ବିଧେୟ । ସୁନା ,ରୂପା ,ତମ୍ବା ,କଂସା ,ମୃତ୍ତିକା ,ପାଷାଣ ଓ କାଚ ନିର୍ମିତ କଳସ ହୋଇଥିବ ଏବଂ ତାହାର କୌଣସି ସ୍ଥାନରେ ଛିଦ୍ର କିମ୍ବା କୌଣସି କ୍ଷତ ( ଚିହ୍ନ ) ନଥିବ ,ସେହି ପାତ୍ରରେ ଦେବତମାନଙ୍କ ପ୍ରୀତି ଉଦ୍ଦେଶ୍ୟରେ ଘଟପୂଜା ହୁଏ । ୧୨*
- ଶଙ୍ଖ ହିନ୍ଦୁ ଧର୍ମ ଅନୁସାରେ ଅତି ଶୁଭଦାୟକ ଓ ଧନବର୍ଦ୍ଧକ ବୋଲି ବିବେଚିତ । ଶଙ୍ଖଧ୍ୱନି ଧାର୍ମିକ ଭାବନା ସୃଷ୍ଟି କରେ । ଶଙ୍ଖରୁ ଧ୍ୱନିରୁ ନିର୍ଗତ ଓଁକାର ଧ୍ୱନିର ଶକ୍ତି ବହୁତ । ଶଙ୍ଖରେ ଦେବତାମାନେ ପାଣି ପିଇଲେ ସନ୍ତୁଷ୍ଟ ହୁଅନ୍ତି ।

ଏତତବ୍ୟତୀତ ଅନ୍ୟାନ୍ୟ ଧର୍ମଭିତ୍ତିକ ଉପକରଣ ଆଡପଙ୍ଖା ,ଆଲଟ ,ଚାମର ,କଉଡ଼ି ,ଚନ୍ଦନ,ସିନ୍ଦୂର ,କଜ୍ଜ୍ୱଳ ,ହଳଦୀ ,ଅକ୍ଷତ ଚାଉଳ ,ବଳିତା ଆଦି ଭଗବାନଙ୍କ ସେବାରେ ବ୍ୟବହୃତ ହେବା ସହ ଆଧ୍ୟାତ୍ମିକତା ସୃଷ୍ଟି କରିବାରେ ସହାୟକ ହୋଇଥାଏ । ଏହା ସହ ଭଗବାନଙ୍କୁ ପୂଜା ତଥା ନିଜ ଭକ୍ତି ଅର୍ପଣ କରୁଥିବା ଭକ୍ତ ଶୁଦ୍ଧପୁତ ଭାବେ ସମସ୍ତ ରୀତିନୀତି ,ଉପଚାର ବିଧି ପାଳନ କରିବା ଆବଶ୍ୟକ।

ଆଧ୍ୟାତ୍ମିକ ଶବ୍ଦର ଆକ୍ଷରିକ ଅର୍ଥ ଈଶ୍ୱର ସମ୍ବନ୍ଧୀୟ ଅନୁଚିନ୍ତା । ଆତ୍ମା ଈଶ୍ୱର ଚିନ୍ତାରେ ବ୍ୟାପୃତ ହେଲେ ଯେଉଁ ଭାବ ସଂଜାତ ହୁଏ ତାହାକୁ ଆଧ୍ୟାତ୍ମିକ ଭାବନା ବୋଲି କୁହାଯାଇଥାଏ । ଈଶ୍ୱରଙ୍କ ପ୍ରତି ଗଭୀର ବିଶ୍ୱାସ ,ଭକ୍ତି ,ଅନୁରକ୍ତି ,ସ୍ନେହ ,ପ୍ରେମ ହିଁ ଆଧ୍ୟାତ୍ମ ଚେତନାର ଏକ ଏକ ଦିଗ । ସ୍ୱତଃପ୍ରବୃତ୍ତ ଭାବରେ ହୃଦୟରେ ଏହା ଜାତ ହୁଏ । ଏହି ଆଧ୍ୟାତ୍ମିକ ଓ ଧର୍ମୀୟ ଭାବନା ସୃଷ୍ଟି ନିମନ୍ତେ ଉପରୋକ୍ତ ଲୋକଉପକରଣ ସହାୟତା କରିଥାଏ । ଭକ୍ତ ମନରେ ଧାର୍ମିକ ଓ ଆଧ୍ୟାତ୍ମିକ ଚିନ୍ତା ଚେତନା ଜାଗ୍ରତ କରାଇବାର ମାଧ୍ୟମ ଏହି ସମସ୍ତ ଉପକରଣ ।

# ପଞ୍ଚମ ଅଧ୍ୟାୟ

# ଓଡ଼ିଆ ସାହିତ୍ୟରେ ଧର୍ମଭିତ୍ତିକ ଲୋକଉପକରଣ

ଲୋକସଂସ୍କୃତିର ମୂଳ ଉପାଦାନ ବିଭିନ୍ନ ଲୋକଉପକରଣ ଉପରେ ନିର୍ଭର କରେ । ପ୍ରତିଟି ଉପକରଣ ଆମ ସଂସ୍କୃତିର ପ୍ରାଥମିକ ଉପାଦାନ । ପ୍ରତିଟି ଉପକରଣ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଗଢଣ । ଏହି ଗଢଣଗୁଡ଼ିକ ହେଉଛି ଲୋକସଂସ୍କୃତିର ମୂଳଉତ୍ସ । ଏଗୁଡିକର ଆକାର ,ପ୍ରକାର ଓ କାର୍ଯ୍ୟଧାରାକୁ ନେଇ ସୃଷ୍ଟି ହୋଇଛି ଲୋକସଂସ୍କୃତି ,ଯାହାର ମୌଖିକ ରୂପାୟନ ଲୋକସାହିତ୍ୟ । ଲୋକସାହିତ୍ୟର ପରବର୍ତ୍ତୀ ରୂପ ଲିଖିତ ସାହିତ୍ୟ । ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ଦିଗରେ ବିଭିନ୍ନ ଧର୍ମଭିତ୍ତିକ ଲୋକଉପକରଣ ସମ୍ପର୍କରେ ନିମ୍ନରେ ବିଶଦ ଭାବେ ବର୍ଣ୍ଣନା କରାଗଲା ।

## ( ୫.୧ ) ଲୋକସାହିତ୍ୟରେ ଧର୍ମଭିତ୍ତିକ ଲୋକଉପକରଣ –

ଲୋକଗୀତ ,ଢଗଢମାଳି ,ବୋଲି ,ପ୍ରବାଦ ,ପ୍ରବଚନ ପ୍ରତ୍ୟେକ କ୍ଷେତ୍ରରେ ଲୋକଉପକରଣଗୁଡିକର ଅମୂର୍ତ୍ତ ରୂପାୟନ ଘଟିଛି । ଅନୁରୂପ ଭାବରେ ଲୋକଗପ ,ଲୋକନୃତ୍ୟ ,ଲୋକନାଟ୍ୟ ଓ ଲୋକନାଟକରେ ଆହାର୍ଯ୍ୟ ଭାବରେ ମଧ୍ୟ ଲୋକଉପକରଣଗୁଡିକର ଉପଯୋଗ ଚିତ୍ତାକର୍ଷକ ହୋଇଥାଏ । ନିମ୍ନରେ ଲୋକସାହିତ୍ୟରେ ଧର୍ମଭିତ୍ତିକ ଲୋକଉପକରଣର କେତେଗୋଟି ସାଧାରଣ ଦୃଷ୍ଟାନ୍ତର ଅବତାରଣା କରାଯାଇପାରେ ।

- ଦୀପ – ବୁଢାକରଣ ,ଦୀପ ତେଜି କଲେ ହାତ ଚିକ୍କଣ ।
- ପୋଥି – ହଜାରେ ପୋଥି ପଢଇ ଶୁଆ ,ବିରାଡି ଦେଖିଲେ ଅଚାବୁଆ ।
- ଚାମର – ଶ୍ୱେତ ବର୍ଣ୍ଣ ଚାମର ଯେସନ ସୁନ୍ଦର ,କଢିକଢି ଲମ୍ବାଇ ଯେ ମୁକୁତା ମାଳ ମାଳ ।
- ଚାନ୍ଦୁଆ – ମଂଡିଲେକ ବେଦୀ ବାଳୀ ବାନ୍ଧିଲେ ଚାନ୍ଦୁଆ
  ବିରିମୁଗ ଚାଉଳର ରଖିଲେ ଓଳିଆ ।
- ଘଣ୍ଟ- ଦେଉଳ ଦୁଆର ଛାଡ ଛାଡ ନ କର ଆଉ ଘଣ୍ଟ ମାଡ଼ ।
- ରୁଖା – ବେଦୀ ଚାରିପାଖେ ରୁଖା ।
  ଦିନ ଚାଲିଗଲେ ପାଇବ ଦେଖା ହେ

ମନୁ ନ ଭୁଲିବ ସଖା ।

- ଶିଳ – ଶିଳଶିଳପୁଆ ଧୋଇ ଥୋଇଲେକ ଆଣି

  ମିଳିଲେ ଅନେକ ନାରୀ ଅହ୍ୟ ଯେ ଘରଣୀ ।

- ଷଠୀଘର – ଛ ଦିନ ରାତିରେ ଯେଣେ ଷଠୀଘର କଲେ

  ପୁର ନାରୀମାନେ ଷଠୀ ବନ୍ଦାପନା କଲେ । ୧୩*

- ଷଠୀଘର ସମ୍ପର୍କରେ 'ଉତ୍କଳ ଗାଉଁଲି ଗୀତ'ର ସଂଗ୍ରାହକ ଚକ୍ରଧର ମହାପାତ୍ର ଷଠୀଘର ମଙ୍ଗଳରେ କହିଛନ୍ତି –

" ଶ୍ରୀକୃଷ୍ଣ ଜନମ ହେଲେ ଗୋପନବରର

ଛଦିନ ରାତ୍ରରେ ତହିଁ ହେଲା ଷଠୀଘର । ୧।

ଗୋପପୁର ନାରୀମାନେ ଆନନ୍ଦ ହୋଇଲେ

ଶ୍ରୀନବର ଷଠୀଘର ମଣ୍ଡଣି ସେ କଲେ । ୨ ।

ଷଠୀଦେବୀ ପୂଜା କଲେ ଅହ୍ୟ ନାରୀ ମିଳି

ବନ୍ଦାଇଲେ ଷଠୀଦେବୀ ଗୁଆ ଘୃତ ଜାଳି । ୩ ।

ଗାଆଣିଏ ଗୀତ ଗାଇ ଦେଲେ ହୁଳହୁଳି

ଷଠୀପୂଜା ସାରି ବିଦା ହେଲେ ସର୍ବବାଳୀ । ୪ ।"

(ଷଠୀଘର ମଙ୍ଗଳ ) ୧୪*

- ଦୀପକୁ ନେଇ ଲକ୍ଷ୍ମଣ କୁମାର ପରିଡ଼ା ତାଙ୍କ 'ଉତ୍କଳ ପ୍ରହେଳୀ ଓ ପହଳି ' ରେ ପହେଳି କହିଛନ୍ତି –

" ଥାଳିଏ ପରାଏ ଫଳାରେ ବାଟ

ଥଣ୍ଟ ଗୋଜା ହୋଇ ବଡ ଉଝଟ

ଥାଏ ତା ଭିତରେ ଆଲୁଅ ରସ

ଥାପଣ୍ଡେ ଲମ୍ବ ଗୋଟାଏ ସେ କିସ

ଥବିରେ ଥାଏ

ଥୟ ନୋହି ରାତ୍ରେ ଛଟା ଦେଖାଏ ।" (ଦୀପ ) ୧୫*

- ଦେଖୁଛୁ ଚନ୍ଦନ ପୋଛୁଛୁ କାଠ । ( ଚନ୍ଦନ ) ୧୬*
- ଓଡ଼ିଆ ଲୋକକାହାଣୀରେ ମଧ୍ୟ ଧର୍ମଭିତ୍ତିକ ଉପକରଣ ଯଥା -ଖଟୁଳି ,ବିମାନ ,ଦୀପ ଆଦି ବିଭିନ୍ନ ଉପକରଣର ପ୍ରୟୋଗ ଦେଖିବାକୁ ମିଳିଥାଏ । ବିଭିନ୍ନ ଓଷାବ୍ରତ କାହାଣୀଗୁଡ଼ିକରେ ଏହିସବୁ ଉପକରଣ ବର୍ଣ୍ଣନା ଦେଖାଯାଇଥାଏ । ଉଦାହରଣ ସ୍ୱରୂପ ଷଠୀ ଓଷା ଓ ବୁଧେଇ ଓଷା କଥାରେ ଶିଳ ଶିଳପୁଆ ଉପକରଣର ପ୍ରୟୋଗ ଦେଖିବାକୁ ମିଳେ ।

ଲୋକସାହିତ୍ୟରେ ଏହିଭଳି ଧର୍ମଭିତ୍ତିକ ଲୋକଉପକରଣର ପ୍ରୟୋଗ ଦେଖିବାକୁ ମିଳେ ।

## (୫.୨) ପୁରାଣ ଶାସ୍ତ୍ରରେ ଧର୍ମଭିତ୍ତିକ ଲୋକଉପକରଣ -

ବିଭିନ୍ନ ପୁରାଣ ଓ ଧର୍ମ ଆଧାରିତ ଗ୍ରନ୍ଥରେ ଧର୍ମଭିତ୍ତିକ ଲୋକଉପକରଣର ମହତ୍ତ୍ୱ ତଥା ବ୍ୟବହାର ସମ୍ପର୍କରେ ବର୍ଣ୍ଣନା ରହିଛି । ନିମ୍ନରେ ତାହାର କେତେକ ଦୃଷ୍ଟାନ୍ତ ପ୍ରଦାନ କରାଗଲା ।

- ସ୍କନ୍ଦ ପୁରାଣ ( ଉତ୍କଳ ଖଣ୍ଡ ) ରେ ଦ୍ୱିଚତ୍ୱାରିଂଶ ଅଧ୍ୟାୟରେ 'ଦୋଳଯାତ୍ରା ମହୋତ୍ସବ ବର୍ଣ୍ଣନ ' ରେ ଦୋଳବିମାନ ଦୋଳଗୋବିନ୍ଦଙ୍କୁ ଦର୍ଶନ କଲେ କଣ ହୁଏ ସେହି ପ୍ରସଙ୍ଗରେ କୁହାଯାଇଛି-

" ପ୍ରଭୁଙ୍କ ଦୋଳନ କରେ ଦର୍ଶନ ଯେ ଜନ
ତାହାର ଅଶେଷ ପାପ ହୁଅଇ ବହନ ।
ପ୍ରଭୁଙ୍କୁ ଦୋଳ ଉପରେ ଯେ କରେ ଦର୍ଶନ
ତ୍ରିବିଧ ପାପରୁ ମୁକ୍ତ ହୁଏ ସେହି ଜନ । " ୧୭*

- ପୁନଶ୍ଚ ସ୍କନ୍ଦ ପୁରାଣ(ଉତ୍କଳ ଖଣ୍ଡ ) ରେ ପଞ୍ଚବିଂଶ ଅଧ୍ୟାୟରେ 'ରଥ ନିର୍ମାଣ ଓ ରଥ ପ୍ରତିଷ୍ଠା 'ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ନିର୍ମାଣ ଓ ପ୍ରତିଷ୍ଠା ,ରଥର ବିଭିନ୍ନ ନାମ ,ରଥର ମହିମା ଆଦି ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ରଥର ଚକ ସମ୍ପର୍କରେ କୁହାଯାଇଛି –

"ଜଗନ୍ନାଥ ରଥଚକ୍ର ଷୋଡଶ ସଂଖ୍ୟକ
ଚତୁର୍ଦ୍ଦଶ ବଳରାମଙ୍କର ରଥ ଚକ୍ର ।
ସୁଭଦ୍ରାଙ୍କ ରଥ ଚକ୍ର ସଂଖ୍ୟାରେ ଦ୍ୱାଦଶ । " ୧୮*

- କାର୍ତ୍ତିକ ମାସର ଆକାଶଦୀପ ସମ୍ପର୍କରେ ପଦ୍ମପୁରାଣ (ସ୍ୱର୍ଗ ଖଣ୍ଡ) ର ପଞ୍ଚତ୍ରିଂଶ ଅଧ୍ୟାୟରେ 'ଦୀପଦାନ ମାହାତ୍ମ୍ୟ ' ପ୍ରସଙ୍ଗରେ କୁହାଯାଇଛି –

" କାର୍ତ୍ତିକ ବ୍ରତ ମହିମା କହିବା ବୁଝାଇ
ସେ ବ୍ରତ କଲେ ଯେ କି କି ଫଳ ତହିଁ ପାଇ ।

x x x

ଆକାଶେ ଦୀପ ଦିଅଇ ତାହାର ଶରୀରେ
ବ୍ରହ୍ମହତ୍ୟା ଆଦି ପାପ ଛାଡ଼ିଯାନ୍ତି ଦୂରେ ।

x x x

ଯେ କାର୍ତ୍ତିକେ ବିଷ୍ଣୁ ଗୃହେ ଜଳେ ଘୃତଦୀପ
ତା ଦେହ ଛାଡ଼ି ପଳାଇଯାନ୍ତି ସବୁ ପାପ ।" ୧୯*

- କାର୍ତ୍ତିକ ମାସରେ ଦୀପଦାନର ଫଳଶ୍ରୁତି ସମ୍ପର୍କରେ ମହର୍ଷି ମନୁ ତାଙ୍କ ସଂହିତାରେ ଉଲ୍ଲେଖ କରିଛନ୍ତି ; " ଦୀପଦଶ୍ଚକ୍ଷୁରୁତ୍ତମମ୍ । " ୨୦*
  ଅର୍ଥାତ ଦୀପଦାନ କରୁଥିବା ବ୍ୟକ୍ତି ଉତ୍ତମ ନେତ୍ର ଜ୍ୟୋତି ପ୍ରାପ୍ତ ହୁଅନ୍ତି । ଜଣେ କୋଟି ସହସ୍ର ପାପ କରିଥାଉ ପଛକେ ଅର୍ଦ୍ଧନିମେଷ ମାତ୍ର ଦୀପଦାନ କଲେ ମଧ ତାର ପାପ ବିଲୟ ହୋଇଥାଏ । ଗୃହରେ ହେଉ ଅବା ଅଗଣାରେ ହେଉ କାର୍ତ୍ତିକ ମାସରେ ବାସୁଦେବଙ୍କ ସମ୍ମୁଖରେ ଦୀପଦାନ ମହାଫଳ ଦାୟକ ହୋଇଥାଏ ।
- ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ମାଣବସା ପୂଜାର ବିଧି ସମ୍ପର୍କରେ କୁହାଯାଇଛି –
  " ମାର୍ଗଶିର ମାସରେ ଯେ ଆଦ୍ୟ ଗୁରୁବାର । ସେଦିନ ଉଷାରୁ ଶେଯ ଛାଡ଼ି ତତପର ।।
  ଗୋମୟ ଜଳରେ ଘର ଦୁଆର ଲିପିବ । ଲକ୍ଷ୍ମୀ ଦେବୀ ପାଦପଦ୍ମ ଚିତାକୁ ଲେଖିବ ।।
  ନୂଆମାଣ ଗୋଟିଏ ଅଣାଇ ଯତ୍ନେ ବେଗେ । ଧୋଇ ଧାଇ କରି ତାକୁ ଶୁଖାଇବ ଆଗେ ।।
  ତାହାକୁ କରିବ ନାନାଚିତ୍ର ଯେ ବିଚିତ୍ର । ଚାଉଳକୁ ବାଟି ଚିତା ଲେଖିବ ସମସ୍ତ ।।
  ତହୁଁ ସ୍ନାନ କରି ଆସି ହୋଇ ସୁଚିମନ୍ତ । ଚଉକି ବା ଖଟୁଳିଏ ଆଣିବ ତୁରିତ ।।
  ତାକୁ ଧୋଇ ରଖି ତା ଉପରେ ରଖିବ ନୂଆଁ ଧାନ । ରଙ୍ଗକଳା ନୋହି ହୋଇଥିବ ଶୁକ୍ଳବର୍ଣ୍ଣ।।
  x x x x x
  ପ୍ରଥମରେ ବାଳ ଧୂପ ତାପରେ ସଙ୍ଖୁଡି । ଏପରି କରିବ ତିନି ଧୂପକୁ ସଜାଡ଼ି ।।" ୨୧*

* ଭକ୍ତକବି ରାମଦାସଙ୍କ ବିରଚିତ ବୈଶାଖ ମାହାତ୍ମ୍ୟରେ ତୁଳସୀକୁ ଜଳଦାନ ତଥା ଜଳଦାନର ମହତ୍ତ୍ୱ ସମ୍ପର୍କରେ ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି –

" କ୍ଷୁଧା ତୃଷାର୍ତ୍ତୀ ଜନ ଆଣି । ସମ୍ପୂର୍ଣ୍ଣେ ଦେବ ପଣାପାଣି ।।

ସେ ପୁଣ୍ୟ କ୍ଷୟ ହି ନ ଯାଇ । ଧରଣୀ ଯେତେଦିନ ଥାଇ ।।

X X X

ଯେ ଜଳଦାନ ଦେଇଥାଇ । ସେ ନର ସ୍ୱର୍ଗ ଭୋଗ ପାଇ ।। " ୨୨*

* ମହାଦେବ ଦାସଙ୍କ କାର୍ତ୍ତିକ ମାହାତ୍ମ୍ୟ ଏକ ଅନନ୍ୟ କୃତି । ଏଥିରେ ଷଷ୍ଠ ଅଧ୍ୟାୟରେ କାର୍ତ୍ତିକ ମାସରେ ଆକାଶଦୀପ ଦାନର ମାହାତ୍ମ୍ୟ ସମ୍ପର୍କରେ କୁହାଯାଇଛି –

"ଜାଗର ଜାଳି ସନ୍ଧ୍ୟାକାଳେ । ବସାଇ ଦେବତାଙ୍କ ଆଳେ ।।
ନୋହିଲେ ତୁଳସୀ ଅଗ୍ରତେ । ଦୀପ ବସାଇ ଶୁଦ୍ଧ ଚିତ୍ତେ ।।
ବିଷ୍ଣୁଙ୍କୁ ନମସ୍କାର କରି । ଜନ୍ମାଦି ପାପଭରା ହରି ।।
ପୁଣି କାର୍ତ୍ତିକ ଦୀପଦାନେ । ଧର୍ମବର୍ଦ୍ଧିତ ଦିନେ ଦିନେ ।।
ଉଚ୍ଚେ ଯେ ସଂଯୋଜଇ ଦୀପ । କିସ କରିବା ତାର ତପ ।।
ସପତ ଜନ୍ମ ପାପ ରାଶି । ତୃତୀୟ ସମ୍ବତ୍ସରେ ନାଶି ।।
ପାପ ନଥିଲେ ପୁଣ୍ୟବଢେ । ଅନ୍ତେ ଗରୁଡ ଧ୍ୱଜେ ଚଢେ ।।
ଗୋବିନ୍ଦ ସଙ୍ଗେ ସଙ୍ଗ ହୋଇ । ବୈକୁଣ୍ଠ ଭୁବନକୁ ଯାଇ ।।
ଏମନ୍ତ ଦୀପଦାନ ଫଳ । କାର୍ତ୍ତିକେ ଶୁଣ ମହୀପାଳ ।। " ୨୩*

ଅର୍ଥାତ , ସନ୍ଧ୍ୟା ସମୟରେ ଯିଏ ଦେବତାଙ୍କ ଆଳୟରେ ଓ ତୁଳସୀ ମୂଳରେ ବିଷ୍ଣୁଙ୍କୁ ନମସ୍କାର କରି ଦୀପ ଜାଳିଲେ ଜନ୍ମ ଜନ୍ମର ପାପ ନାଶ ହୁଏ । ଯିଏ ଉଚ୍ଚରେ ଦୀପ ସଂଯୋଜନ କରେ ତାର ତପ ଦ୍ୱାରା ସାତ ଜନ୍ମର ପାପ ନାଶ ହୁଏ । ପୁଣ୍ୟ ବଢିଥାଏ । ଅନ୍ତକାଳରେ ଗରୁଡ ଧ୍ୱଜରେ ଚଢି ଗୋବିନ୍ଦ ସଙ୍ଗହୋଇ ବୈକୁଣ୍ଠ ଭୁବନ ଗମନ କରିଥାନ୍ତି ।

* ଷଠୀ ଓଷା କଥା ବହିରେ ଶିଳଶିଳପୁଆର ବ୍ୟବହାର ସମ୍ପର୍କରେ ଲେଖାଯାଇଛି –
" ମାଟି ଟୋକେଇ ଘେନି ଗଲେ ,ନଣନ୍ଦ ଭାଉଜ ଅଇଲେ ଲିପାପୋଛା କଲେ ,ଚିତା ପଇତା ଦେଲେ ,ଓଷା ସାମଗ୍ରୀ କଲେ ,ବୁଡ଼ ସାରି ଅଇଲେ ,ଛ ତିଅଣ କଲେ ,ଛ ପିଠା କଲେ

,ଶିଳଶିଳପୁଆ ଗାଧୁଆଇ ଦେଲେ ,ହଳଦିକନା ବନ୍ଧାଇ ଦେଲେ ,ଷଠୀଦଉଲା କଲେ ,ଛଅଗଣ୍ଠୀ ପୋଡ଼ିଲେ ଛଅ ଖିଅ ସୂତା କଲେ ଛଅକେରା ଦୁବ କଲେ ,ଷଠୀ ଚାଉଳ ବାନ୍ଧିଲେ ଯୁଇ ଡାଳ ଆଣିଲେ ,ଛେନା ପଣା କଲେ । ଛଅ ତିଅଣ ଛ ଚକୁଳି ବାଢିଲେ । ଶାଶୁ ବୋହୁ ଓଷା ପୂଜିଲେ । " ୨୪*

- ଶ୍ରୀ ସତ୍ୟନାରାୟଣ ବ୍ରତ ପୂଜା ବହିରେ ସତ୍ୟପୀର ପୂଜା ବିଧି ସମ୍ପର୍କରେ କୁହାଯାଇଛି –

" ହିନ୍ଦୁ ମୁସଲମାନ ସର୍ବେ । ବସିଲେ ଯାଇଁ ଏକଠାବେ ।।
ଉତ୍ତମ ବ୍ରାହ୍ମଣ ଡାକିଣ । ପୂଜାର ସାମଗ୍ରୀ ଖଞ୍ଜିଣ ।।
ପୂଜା ସ୍ଥାନରେ ରମ୍ଭାବୃକ୍ଷ । ସ୍ଥାପିଲେ ନେଇ ଚାରିପାଖ ।।
ଉପରେ ଚାନ୍ଦୁଆ ଟାଣିଲେ । ଚ୍ୟୁତ ପତ୍ରାଦି ଲମ୍ବାଇଲେ ।।
ସତ୍ୟପୀରଙ୍କ ପୂଜା ପାଇଁ । ଆସ୍ଥାନେ ଶୁକ୍ଳପାଟ ଥୋଇ ।।
ପଞ୍ଚାମୃତାଦି ପୂଜା ଦ୍ରବ୍ୟ । ପାରୁଶେ ରଖିଲେ ସରବ ।।
ପଞ୍ଚଦେବଙ୍କୁ ପୂଜା କଲେ । କୂଳ ଗୋତ୍ରାଦି ଉଚ୍ଚାରିଲେ ।।
ସତ୍ୟପୀରଙ୍କ ପୂଜା ବ୍ରତ । ବ୍ରାହ୍ମଣେ କରି ବିଧିମତ ।।
ଆନନ୍ଦମନେ କଥା ଶୁଣି । ବିପ୍ରେ ଦକ୍ଷୀଣା ଦେଇ ପୁଣି ।।
ପ୍ରସାଦ ଖାଇଲେ ଆନନ୍ଦେ । ଏଥିଉତ୍ତାରୁ ସଭା ମଧ୍ୟେ ।।" ୨୫*

ପୁରାଣଶାସ୍ତ୍ରରେ ଏହିଭଳି ଭାବେ ଧର୍ମଭିତ୍ତିକ ଲୋକଉପକରଣ ପ୍ରୟୋଗ ଓ ତାହାର ମହତ୍ତ୍ୱ ସମ୍ପର୍କରେ ସୂଚନା ମିଳେ ।

## ( ୫.୩ ) ଆଧୁନିକ ସାହିତ୍ୟରେ ଧର୍ମଭିତ୍ତିକ ଲୋକଉପକରଣ –

- ଗାଳ୍ପିକ ରବୀନ୍ଦ୍ରନାରାୟଣ ମିଶ୍ର ତାଙ୍କ 'ଆକାଶଦୀପ ' ଗଳ୍ପସଂକଳନସ୍ଥ 'ଆକାଶଦୀପ' ଗଳ୍ପରେ ଯେଉଁଥିରେ ସୁରଭି ତା ପିଲାଦିନ ବଂଧୁକୁ ତା ଦୁଃଖ ଦୂର ନିମନ୍ତେ ସାହାଯ୍ୟ କରିବା ନିମନ୍ତେ ପରୋକ୍ଷରେ 'କାର୍ତ୍ତିକ ହବିଷ ଓ ଆକାଶଦୀପ ଖର୍ଚ୍ଚ' ଲେଖି ତାଙ୍କ ସ୍ୱାମୀ ମନି ଅର୍ଡର୍ କରିଥିଲେ । ୨୬*
- କବି ସଚ୍ଚିଦାନନ୍ଦ ରାଉତରାୟ ତାଙ୍କ 'ଛୋଟ ମୋର ଗାଁଟି' ଲୋକପ୍ରିୟ କବିତାରେ ଷଠୀଘର ଓ ଆକାଶଦୀପ ସମ୍ପର୍କରେ କହିଛନ୍ତି –

- "ମାଟିର ସେଇ ସରଗ ମୋର,
  ସେଇଠି ଅଛି ମୋ ଷଠୀଘର ।
  ଜଳିବ ପୁଣି ସେଇଠି ଶେଷେ
  ମୋହରି ଚିତା ନିଆଁଟି ! ଛୋଟ ମୋର ଗାଁଆଟି !!" ୨୭*
- "ହବିଷ ଖାଇ ଚଉରା ମୂଳେ
  ନିତି ସେ ଆସି ପ୍ରଣତି ଢାଳେ
  ଆକାଶଦୀପ ହୋଇ ଯେ ଜଳେ
  ଭୋକିଲା ତାର 'ସାହା'ଟି ।। ଛୋଟ ମୋର ଗାଁଆଟି !!" ୨୮*

- ଡକ୍ଟର ଅଜୟ କୁମାର ମିଶ୍ର ତାଙ୍କ 'ଲୁପ୍ତପ୍ରାୟ ଲୋକସଂସ୍କୃତି' ପୁସ୍ତକରେ ବିଭିନ୍ନ ଧର୍ମଭିତ୍ତିକ ଲୋକଉପକରଣର ଗଠନବିଧି ଓ ବ୍ୟବହାର ସମ୍ପର୍କରେ ଗଦ୍ୟ ରୂପ ସହ ପଦ୍ୟ ରୂପର ସଂଯୋଜନା କରିଛନ୍ତି । ନିମ୍ନରେ କେତେକ ଉପକରଣର ଗଠନବିଧି ଓ ବ୍ୟବହାର ସମ୍ପର୍କରେ ସଂଯୋଜିତ ପଦ୍ୟ ରୂପ ସମ୍ପର୍କରେ ଦୃଷ୍ଟାନ୍ତ ପ୍ରଦାନ କରାଗଲା ।

- "ଚଉରା ଚୌପାଶେ ପୋତି ଚାରିଖୁଣ୍ଟ ଛାମୁଡିଆଟିଏ କରି
  ଛାମୁଡ଼ିଆ ତଳେ ଓହଳା ଥାଏଟି ଶିକାଟାରେ କଣାଘଡ଼ି ।
  ଢାଳିଲେ ଘଡ଼ିରେ ପାଣି ,
  କଣାବାଟ ଦେଇ ଚଉରା ଉପରେ ପଡେ ବୁନ୍ଦା ବୁନ୍ଦା ଜାଣି ।
  ବଇଶାଖ ମାସେ ,ତପନ ଉତ୍ତାପେ ତପତ ହୁଅଇ ଧରା
  ପଣା ସଂକ୍ରାନ୍ତିରେ ଚଉରା ଉପରେ ଟଙ୍ଗାଯାଏ ବସନ୍ତରା ,
  ତହିଁ ପଣା ଭୋଗ ଲାଗେ ,
  ଚଉରାମୂଳରେ ମୁଣ୍ଡିଆ ମାରିକି କେ କେତେ ମନାସ ମାଗେ । " (ବସନ୍ତରା ) ୨୯*
- "ଦୃଶ୍ୟ ଚଳନ୍ତି ଦେଉଳ ସମାନ
  କମକୁଟ କାଠେ ଗଢା ବିମାନ ।
  ଚାରିଗୋଡେ ଦୁଇ ବାଉଁଶ ଛନ୍ଦା
  ଶକତ ରଶିରେ ହୁଅଇ ବନ୍ଧା ।
  ଚାରି କାନ୍ଧିଆ ଆଗପଛ ହୋଇ

କାନ୍ଧରେ ବିମାନ ନିଅନ୍ତି ବୋହି ।

ଘଣ୍ଟ ଖୋଳ ଝାଞ୍ଜ ବାଇଦ ତାଳ

ଦେଖଣା ଲୋକେ ଲଗାନ୍ତି ଗହଳ ।

ଫଗୁଣ ମାସରେ ଦୋଳଗୋବିନ୍ଦ

ଫଗୁ ଖେଳନ୍ତି ହୋଇଣ ଆନନ୍ଦ ।

ମେଲଣ ଯାତରା ଚାଚେରୀ ଭୋଗ

ଫଗୁଖେଳେ ତୁଟେ ଚରମରୋଗ ।" ( ଦୋଳବିମାନ ) ୩୦*

- "ଫଗୁଣରେ ଦୋଳ,ଚଇତେ ନାଚ ଘଟପାଟୁଆ

କାଠଖୁଣ୍ଟ ଘଟ ପାଟ-ଭକ୍ତାର ମଥାରେ ଥୁଆ ।

ଶାରଳା ,ମଙ୍ଗଳା ,ଚର୍ଚ୍ଚିକା ହିଙ୍ଗୁଳା ମା ଭଗବତୀ

ଚଇତି ପାଟୁଆ ମୁଣ୍ଡରେ ଗାଁ ଶଙ୍ଖୋଳିଯାନ୍ତି ।

ହଳଦୀ ସିନ୍ଦୂର କଜ୍ଜଳ ଚୁଆ ଚନ୍ଦନ ଫୁଲେ

ମୁଣ୍ଡେ ଥୋଇ ସଜଘଟକୁ ଗାଁଆ ଗାଁଆରେ ବୁଲେ ।

ଘଣ୍ଟ ଶବ୍ଦ କରି ସଭିଙ୍କୁ ଦେଇ ପାଦୁକପାଣି

ବାଣ୍ଟେ ବୁଲି ବୁଲି ମାଆଙ୍କ କୃପାକଣିକା ଜାଣି ।"  ( ଘଟପାଟୁଆ ) ୩୧*

- "ପଟାଖଣ୍ଡକୁ ଦିଫାଳ କରିଣ ,ଶିଳ୍ପୀ ଥୋଇଚି ଗଢି ବ୍ୟାସାସନ ।

ପଟା ମଧ୍ୟେ ଖୋଳି ରନ୍ଧ୍ର କେତୋଟି ,ଫାଡିଦେଲେ ଏହା ଖୋଲି ଯାଏଟି ।

ପୋଥିମାନ ରଖା ଏହା ଉପରେ ,ଯତନେ ପଢନ୍ତି ଦୀପାଲୋକରେ ।

ଗାଁ ଭାଗତ ଗୋସେଇଁ ପୀଠରେ ,ବ୍ୟାସାସନ ଥୁଆ ଭକତିଭରେ ।" ( ବ୍ୟାସାସନ ) ୩୨*

ଏହିପରି ଭାବରେ ସାହିତ୍ୟରେ ବିଭିନ୍ନ ଧର୍ମଭିତ୍ତିକ ଲୋକଉପକରଣର ପ୍ରୟୋଗ ଦେଖିବାକୁ ମିଳିଥାଏ ।

# ଷଷ୍ଠ ଅଧ୍ୟାୟ

# ସାମ୍ପ୍ରତିକ କାଳରେ ଧର୍ମଭିତ୍ତିକ ଲୋକଉପକରଣ

ଧର୍ମଭିତ୍ତିକ ଲୋକଉପକରଣ କହିଲେ ଆମର ଧର୍ମଧାରା ସହିତ ସମ୍ପୃକ୍ତ ହୋଇଥିବା ଅନେକ ଜିନିଷକୁ ବୁଝାଇବ ଯଥା -ବସନ୍ତରା ,ଦୋଳବିମାନ ,ଷଠୀଘର ,ଆକାଶଦୀପ,ପଞ୍ଚେଇ ,ସତ୍ୟପୀର ଖଟୁଳି ,ଶିଳଶିଳପୁଆ ଇତ୍ୟାଦି । ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣର ଅବସ୍ଥିତି ଆସ୍ତେ ଆସ୍ତେ କ୍ଷୟ ଆଡ଼କୁ ଗତିକଲାଣି । କେତେକ ଧର୍ମଭିତ୍ତିକ ଉପକରଣ କ୍ଷୟ ହୋଇ ଆସୁଥିବାବେଳେ ଆଉ କେତେକ ଉପକରଣ ଏବେ ମଧ୍ୟ ଅକ୍ଷୁଣ୍ଣ ଭାବେ ବ୍ୟବହାର ହେଉଛି । ନିମ୍ନରେ ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣର ଅବସ୍ଥିତି ଓ ଧର୍ମଭିତ୍ତିକ ଲୋକଉପକରଣ ସଂରକ୍ଷଣ କ୍ଷେତ୍ରରେ ବିଭିନ୍ନ ସଂଗ୍ରହାଳୟ ଆଦିର ଭୂମିକା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଗଲା ।

## ( ୬.୧ ) ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣ -

ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣରେ ବିଭିନ୍ନ ପରିବର୍ତ୍ତନ ପରିଦୃଷ୍ଟ ହୁଏ । କେତେକ ଉପକରଣ ବର୍ତ୍ତମାନ ମଧ୍ୟ ଅକ୍ଷୁଣ୍ଣ ଭାବେ ବ୍ୟବହୃତ ଯଥା – ବସନ୍ତରା ,ରଥ ,ଆକାଶଦୀପ,ଦୋଳବିମାନ ,ଆଡପଙ୍ଖା ,ମାଣ ଖଟୁଳି ,ଆଲଟ ,ଚାମର ଇତ୍ୟାଦି । କେତେକ ଉପକରଣ ବର୍ତ୍ତମାନ ଆସ୍ତେ ଆସ୍ତେ କ୍ଷୟ ଆଡ଼କୁ ଗତି କରୁଛି ଯଥା – ଷଠୀଘର ,ପଞ୍ଚେଇ ,ବ୍ୟାସାସନ , ଭୋଗେଇ ଇତ୍ୟାଦି ।

- ବୈଶାଖ ମାସରେ ବସନ୍ତରାର ବ୍ୟବହାର ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି । ମା ବୃନ୍ଦାବତୀଙ୍କୁ ଖରା ଦାଉରୁ ରକ୍ଷା ନିମନ୍ତେ ଛାମୁଡ଼ିଆ କରି ସେଥିରେ ଘଡ଼ି ଝୁଲାଇ ବୁନ୍ଦା ବୁନ୍ଦା ଜଳ ପ୍ରଦାନ କରାଯାଇଥାଏ । ବର୍ତ୍ତମାନ ମଧ୍ୟ ବସନ୍ତରା ଠେକିର ବ୍ୟବହାର କରାଯାଉଛି ।
- ଆଷାଢରେ ରଥଯାତ୍ରାରେ ରଥର ବ୍ୟବହାର ପରମ୍ପରାକ୍ରମେ ପ୍ରାଚୀନ ସମୟରୁ ବର୍ତ୍ତମାନ ତଥା ଆଗାମୀ ଦିନ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ହୋଇରହିବ । ରଥ ସହ ଜଗନ୍ନାଥ ସଂସ୍କୃତି ଜଡ଼ିତ । ଶ୍ରୀଲିଙ୍ଗରାଜଙ୍କ ରଥଯାତ୍ରା ,ମା ବିରଜାଙ୍କ ରଥଯାତ୍ରାରେ ମଧ୍ୟ ରଥର ବ୍ୟବହାର

ହୋଇଥାଏ। ରଥଯାତ୍ରା ସମୟରେ ଅନେକ ସ୍ଥାନରେ ଛୋଟରୁ ଆରମ୍ଭ କରି ବଡ ଅନେକ ରଥ ଦେଖିବାକୁ ମିଳିଥାଏ ।

- ଚଳନ୍ତି କାଳରେ ମାଟିଘର ନାହିଁ କି ସେଇ ମାଟିକାନ୍ଥ ମଧ୍ୟ ନାହିଁ । ନିଜଘରେ ପିଲା ଜନ୍ମ ହେଉନଥିବାରୁ ଘରେ ଏନ୍ତୁଡି ଜଳୁନାଇଁ । ତେଣୁ ଷଠୀଘରକୁ ଚଳନ୍ତି ସମୟରେ ଜନସାଧାରଣ ପ୍ରାୟତଃ ଆଉ ପାଳନ କରୁନାହାନ୍ତି ଯାହାଫଳରେ ଏହି ସୁନ୍ଦର ସଂସ୍କୃତି ଆସ୍ତେ ଆସ୍ତେ କ୍ଷୟ ହୋଇଗଲାଣି ।
- କାର୍ତ୍ତିକ ମାସର ଏକ ଅନନ୍ୟ ପରମ୍ପରା ଆକାଶଦୀପ । ଧର୍ମମାସ କାର୍ତ୍ତିକର ଏକ ବିଶେଷ ପରମ୍ପରା ଭାବେ ବର୍ତ୍ତମାନ ମଧ୍ୟ ଏହା ପ୍ରଚଳିତ ଅଛି । ହବିଷ୍ୟାଳୀମାନେ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ କାର୍ତ୍ତିକ ବ୍ରତ ପାଳନ ସମୟରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି । ଅଁଳା ନବମୀଠାରୁ ନହେଲେ ପଞ୍ଚୁକ ପାଞ୍ଚଦିନ ବର୍ତ୍ତମାନ ସମୟରେ ଦେବାଳୟ ସମ୍ମୁଖରେ ଆକାଶଦୀପ ପ୍ରଜ୍ୱଳନ ହେଉଛି । ଗ୍ରାମମାନଙ୍କରେ ସନ୍ଧ୍ୟାରେ ସମସ୍ତେ ଏକତ୍ରିତ ହୋଇ ଦେବାଳୟ ନିକଟରେ ଆକାଶଦୀପ ପ୍ରଜ୍ୱଳନ କରନ୍ତି । ଏହି ଆକାଶଦୀପ ପ୍ରଜ୍ୱଳନ ପରମ୍ପରା ଆଗରୁ ଥିଲା ,ବର୍ତ୍ତମାନ ଅଛି ଏବଂ ଆଗକୁ ମଧ୍ୟ ଅକ୍ଷୁଣ୍ଣ ହୋଇରହିବ ।
- ଫଗୁଣ ମାସରେ ପ୍ରଭୁ ଦୋଳଗୋବିନ୍ଦଙ୍କ ଚାଚେରୀ ଲୀଳାରେ ବ୍ୟବହୃତ ହେଉଥିବା ବିମାନ ହେଉଛି ଦୋଳବିମାନ । ଏହି ଦୋଳବିମାନ ପରମ୍ପରା ଏବେ ମଧ୍ୟ ଅକ୍ଷୁଣ୍ଣ ହୋଇରହିଛି । ବର୍ତ୍ତମାନ ସମୟରେ କାଷ୍ଠନିର୍ମିତ ଦୋଳବିମାନ ସହ ସୁନା ଓ ରୂପା ନିର୍ମିତ ବିମାନ ମଧ୍ୟ ବ୍ୟବହୃତ ହେଉଛି ।
- ମଙ୍ଗଳବାର ଓଷାରେ ପନ୍ଥେଇ ପୂଜାର ବ୍ୟବହାର ଏବେ ମଧ୍ୟ ରହିଛି । କିନ୍ତୁ ରାସ୍ତା ଆଉ ଆଗଭଳି ନାହିଁ କଂକ୍ରିଟ ରାସ୍ତାରେ ଆଉ ପନ୍ଥେଇ ଖୋଳାଯାଉନି । କାଗଜ ଠୋଲା ବା ପତ୍ରରେ ଭୋଗ ଦିଆଯାଉଛି । କେତେକ ସ୍ଥାନରେ ମାଟିରେ ପନ୍ଥେଇ ଆକୃତି କରି ମଧ୍ୟ ପୂଜା କରାଯାଉଛି ।
- ପାରମ୍ପରିକ ଲୋକବିଶ୍ୱାସର ଅନ୍ୟତମ ଦୃଢ ତଥା ଶକ୍ତି ଉପାସନାଭିତ୍ତିକ ଧାର୍ମିକ ଅନୁଭବ ହେଉଛି ଘଟପାଟୁଆ । ଓଡ଼ିଆ ଶାକ୍ତ ପରମ୍ପରାରେ ଘଟପାଟୁଆର ଅସାଧାରଣ ଭୂମିକା ଆଜି ବି ଅତୁଟ ହୋଇରହିଛି ।
- ପୋଥି ,ପୁରାଣ ପଢିବାରେ ବ୍ୟବହୃତ ବ୍ୟାସାସନର ବ୍ୟବହାର କମିଗଲାଣି । ଭାଗବତ ଟୁଙ୍ଗୀର ସଂଖ୍ୟା କମିଗଲାଣି । ବ୍ୟାସାସନର ଖୁବ କମ ବ୍ୟବହାର ଦେଖିବାକୁ ମିଳୁଛି ।

- ଦୀପ ରଖିବା ନିମନ୍ତେ ବ୍ୟବହୃତ ରୁଖା ବର୍ତ୍ତମାନର ଆଲୁଅ ବ୍ୟବସ୍ଥା ଥିବା ସମୟରେ ଆଉ ବ୍ୟବହୃତ ହେଉନାହିଁ ।
- ମାଣ ଖଟୁଳି ମାର୍ଗଶିର ମାସ ଗୁରୁବାର ଓଷା ଦିନ ବ୍ୟବହାର କରାଯାଇଥାଏ । ଏହାର ବ୍ୟବହାର ସର୍ବଦା ଅକ୍ଷୁଣ୍ଣ ହୋଇରହିଛି ।
- ଆଗରୁ ଭୋଗେଇରେ ଆମେ ଭୋଗ ନେଇକି ଯାଉଥିଲୁ ଏବଂ ଭୋଗ ସମର୍ପଣ କରୁଥିଲୁ । କିନ୍ତୁ ବର୍ତ୍ତମାନ ସମୟରେ ତା ଜାଗାରେ ଠୁଙ୍ଗା ,ପଲିଥିନ ଜରି ବ୍ୟବହାର ହେଉଛି ଯାହାଦ୍ୱାରା ଠାକୁରଙ୍କୁ ଉପହାସ କଲାଭଳି ମନେହେଉଛି । ଭୋଗେଇ ବ୍ୟବହାର ମଧ୍ୟ କମିଗଲାଣି । ମାଟିଦୀପ ବଦଳରେ କ୍ୟାଣ୍ଡେଲ୍ ଆଦିର ବ୍ୟବହାର ମଧ୍ୟ ହେଉଛି ।
- ମାଟିଘଡ଼ି ତଥା ପିତ୍ତଳ ଘଡ଼ିର ସମସ୍ତ ପୂଜା ସମୟରେ ବ୍ୟବହାର ହୋଇଥାଏ । ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ ଘଡ଼ିର ମଧ୍ୟ ବ୍ୟବହାର ହେଲାଣି । କଦଳୀ ପତ୍ର ,ପଦୁଅ ପତ୍ର ଆଦିରେ ଭୋଗ ସମର୍ପଣ ହେଉଥିଲା । ବର୍ତ୍ତମାନ ସମୟରେ ଯେକୌଣସି କାଗଜ ,ଠୋଲା ଆଦି ବ୍ୟବହାର ହେଉଛି ଯାହାଦ୍ୱାରା ଆଧ୍ୟାତ୍ମିକ ଦିଗର ଅବକ୍ଷୟ ଘଟୁଛି । ପୂଜା ଥାଳି ବଦଳରେ ବର୍ତ୍ତମାନ ପଲିଥିନ ଜରିରେ ଭୋଗ ନେଇକି ଯାଉଛନ୍ତି । ତେଣୁ ଏହି ସହଜ ଉପଲବ୍ଧ ଜିନିଷ ଦ୍ୱାରା ମଣିଷର ମନୋବୃତ୍ତି ଧର୍ମଭିତ୍ତିକ ଚିନ୍ତନରେ ରହୁନାହିଁ ଏହା ଏକ ଶସ୍ତା ମନୋବୃତ୍ତିର ପରିଚୟ ଦେଉଛି ।

ସେହିଭଳି ଘରେଘରେ ଆଉ ଦୁବ ,ବରକୋଳି ଗଛ ,ବେଲଗଛ ,ଆମ୍ବ ଗଛ ,ଫୁଲ ଗଛ ନାହିଁ । ବାହାରେ ବଜାରରେ ଏସବୁର ବିକ୍ରୟ ହେଲାଣି । ଚନ୍ଦନ ପେଡ଼ିରେ ଚନ୍ଦନ ନ ଘୋରି ବଜାରର ପ୍ୟାକେଟ ଚନ୍ଦନ ବ୍ୟବହାର ହେଉଛି । ବାଦ୍ୟର ବ୍ୟବହାର ହେଲେ ମଧ୍ୟ ସେଭଳି ଆଉ ଆଧ୍ୟାତ୍ମିକ ପରିବେଶ ରହୁନାହିଁ । ମନ୍ଦିରରେ ପୂଜା ତଥା ଆଳତି ସମୟରେ ଘଣ୍ଟ ଆଦି ବଦଳରେ କେତେକ ସ୍ଥଳେ ମେସିନ ଘଣ୍ଟ ବ୍ୟବହାର ହେଉଛି । ଆଧୁନିକତାର ସ୍ପର୍ଶରେ ଡି.ଜେ.ର ବ୍ୟବହାର ଆଧ୍ୟାତ୍ମିକତାକୁ ନଷ୍ଟ କରୁଛି । ଆଡମ୍ବରପୂର୍ଣ୍ଣ ତଥା ଜାକଜମକ ପୂଜା ଭିତରେ ପୂଜାର ସେହି ଧାର୍ମିକ ଓ ଶାନ୍ତ ପରିବେଶ ନଷ୍ଟ ହେଉଛି । ମଣିଷ ମନରେ ବିଶେଷ ଭାବରେ ଭକ୍ତି ଆଉ ଦେଖିବାକୁ ମିଳୁନାହିଁ । ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣର ଅବସ୍ଥିତି ଏହି ପ୍ରକାରର ।

## ( ୬ .୨ ) ଧର୍ମଭିତ୍ତିକ ଲୋକଉପକରଣର ସଂରକ୍ଷଣ -

ପ୍ରାଚୀନ ,ଦୁର୍ଲଭ ,ଲୁପ୍ତ ତଥା ଅବକ୍ଷୟମୁଖୀ ସାମଗ୍ରୀର ସୁବ୍ୟସ୍ଥିତ ସମାହାରର ସ୍ଥାନ ହେଉଛି ସଂଗ୍ରହାଳୟ । ଏଠାରେ ଆମ ଜୀବନଚର୍ଯ୍ୟା ,କଳା ,ସଂସ୍କୃତି ,ଇତିହାସ ଓ ବୈଜ୍ଞାନିକ ମହତ୍ତ୍ୱ ରଖୁଥିବା ସାମଗ୍ରୀ ସାଇତା ହୋଇ ରହିଥାଏ । ସଂଗ୍ରହାଳୟର ଉଦ୍ଦେଶ୍ୟ ଅନେକ ପୁରାତନ ସାମଗ୍ରୀ ଓ ନଥିପତ୍ର ସଂଗ୍ରହ ସଂରକ୍ଷଣଠାରୁ ଆରମ୍ଭ କରି ଗବେଷଣା ,ଜନସାଧାରଣଙ୍କୁ ଅତୀତ ପ୍ରତି ମୋହାଚ୍ଛନ୍ନ କରିବା ପାଇଁ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ ସାରା ବିଶ୍ୱରେ ବିଭିନ୍ନ ପ୍ରକାରର ସଂଗ୍ରହାଳୟ ରହିଛି । ଆମ ଦେଶରେ ଜାତୀୟଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସଂଗ୍ରହାଳୟ ରହିଛି । ଆମ ରାଜ୍ୟରେ ମଧ୍ୟ ଛୋଟବଡ଼ କେତେକ ଆକର୍ଷଣୀୟ ସଂଗ୍ରହାଳୟ ରହିଛି । ଓଡ଼ିଶାର ରାଜ୍ୟ ସଂଗ୍ରହାଳୟଠାରୁ ଆରମ୍ଭ କରି ଜନଜାତି ସଂଗ୍ରହାଳୟ ପର୍ଯ୍ୟନ୍ତ ଅନେକ ସଂଗ୍ରହାଳୟ ସର୍ବଦା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସିଛି । କେତେକ ସଂଗ୍ରହାଳୟ ସରକାରୀ ଅନୁଦାନରେ ପରିଚାଳିତ ଓ କେତେକ ବ୍ୟକ୍ତି ନିଜ ଉଦ୍ୟମରେ ସଂଗ୍ରହାଳୟ ପ୍ରତିଷ୍ଠା କରିଛନ୍ତି । ବର୍ଷବର୍ଷର କଠିନ ପରିଶ୍ରମ ,ନିଷ୍ଠା ,ପୁରୁଣା ଜିନିଷ ପ୍ରତି ଅହେତୁକ ଦୁର୍ବଳତା ସେମାନଙ୍କୁ ସଂଗ୍ରାହକର ପରିଚୟ ଦେଇଛି । ସେହିଭଳି ଭାବରେ ଧର୍ମଭିତ୍ତିକ ଲୋକଉପକରଣ ସଂରକ୍ଷଣ କ୍ଷେତ୍ରରେ ବିଭିନ୍ନ ସଂଗ୍ରହାଳୟର ଭୂମିକା ରହିଛି । ନିମ୍ନରେ କେତେକ ସଂଗ୍ରହାଳୟର ଦୃଷ୍ଟାନ୍ତ ଦିଆଗଲା ।

### କ) ଆଧ୍ୟାତ୍ମିକ ଓ ଧାର୍ମିକ ପରମ୍ପରା ସଂରକ୍ଷଣ ଓ ସମ୍ବାହନରେ ମିଶ୍ରଶାଳ:

କଟକର ମଧୁପାଟଣାସ୍ଥ ମିଶ୍ରଘରେ ରହିଛି ଲୁପ୍ତ ସାମଗ୍ରୀର ଅନନ୍ୟ ସଂଗ୍ରହାଳୟ 'ମିଶ୍ରଶାଳ' । ଏଠାରେ ବିଭିନ୍ନ ଲୁପ୍ତ ସାମଗ୍ରୀକୁ ସୁସଜ୍ଜିତ କରିରଖିଛନ୍ତି ଡକ୍ଟର ଅଜୟ କୁମାର ମିଶ୍ର । ଏକାଧାରରେ ସେ ଜଣେ ଶିକ୍ଷାବିତ ,ଲେଖକ ,ଲୋକସାହିତ୍ୟ ,ଲୋକସଂସ୍କୃତି ଗବେଷକ । ଲୁପ୍ତ ଚାଷ ଉପକରଣ ,ରୋଷେଇ ଉପକରଣ ,ଧର୍ମଭିତ୍ତିକ ଉପକରଣ ଆଦିକୁ କ୍ଷୁଦ୍ରାକାରରେ ସେ ନିଜ ହାତରେ ତିଆରି କରି 'ମିଶ୍ରଶାଳ' ସଂଗ୍ରହାଳୟରେ ସାଇତି କରି ରଖିଛନ୍ତି । ଯାହା ବର୍ତ୍ତମାନ ଶିକ୍ଷାର୍ଥୀ ,ଲୋକସଂସ୍କୃତି ଗବେଷକ ,ସାଧାରଣ ଜନତାଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ୨୦୨୦ ମସିହାରୁ ପ୍ରଫେସର ଡକ୍ଟର ଅଜୟ କୁମାର ମିଶ୍ର ଲୁପ୍ତ ଗ୍ରାମୀଣ ପାରମ୍ପରିକ ଉପକରଣକୁ ନେଇ ସଂଗ୍ରହାଳୟ କରିବା ପାଇଁ ଆରମ୍ଭ କରିଥିଲେ । ଲୁପ୍ତ ସାମଗ୍ରୀ ସଂଗ୍ରହ କରିବା ପରିବର୍ତ୍ତେ ସେ ନିଜେ ବିଭିନ୍ନ ପାରମ୍ପରିକ ଉପକରଣ ତିଆରି କରିବାରେ ଲାଗିଲେ । ବର୍ତ୍ତମାନ ସୁଦ୍ଧା ୧୬୦ ପ୍ରକାର ସାମଗ୍ରୀ

ତିଆରି କରି ନିଜ ସଂଗ୍ରହାଳୟରେ ସୁସଜ୍ଜିତ କରି ରଖିଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସ୍କୁଲ ,କଲେଜ ,ରାଜ୍ୟସ୍ତରୀୟ ଶିଶୁମେଳା ଆଦିଯାଇ ଏହି ଗ୍ରାମୀଣ ପାରମ୍ପରିକ ଉପକରଣକୁ ପ୍ରଦର୍ଶନ କରି ଅତୀତ ପ୍ରତି ସଚେତନ କରି ଲୋକସଂସ୍କୃତି ସମ୍ବନ୍ଧରେ ଧାରଣା ଦିଅନ୍ତି ।

ମିଶ୍ରଶାଳ ସଂଗ୍ରହାଳୟରେ ଧର୍ମଭିତ୍ତିକ ଲୋକଉପକରଣ ଭାବେ ରହିଛି ଆକାଶଦୀପ ,ଆଡପଙ୍ଖା ,ଘଟପାଟୁଆ ,ଚାନ୍ଦୁଆ ,ଦୋଳବିମାନ ,ପଞ୍ଜେଇ ପୋଥି ,ବସନ୍ତରା ,ବ୍ୟାସାସନ,ଶ୍ରୁବ ,ସ୍ରୁଚ ,ସତ୍ୟପୀର ଖଟୁଳି ,ରୁଖା ଇତ୍ୟାଦି ଯାହା ଆମ ଆଧ୍ୟାତ୍ମିକ ଓ ଧାର୍ମିକ ପରମ୍ପରାକୁ ଦର୍ଶାଉଛି । ଧର୍ମ ଲୋକଦେଖାଣିଆ ନୁହେଁ ,ଏହାର ଜୀବନ ସହିତ ଥିବା ବିଜ୍ଞାନ ସମ୍ମତ ଓ ଆଧ୍ୟାତ୍ମିକ ଦିଗ ପ୍ରତି ସଚେତନତା ଆଣିବାରେ ,ମିଶ୍ରଶାଳ ବାର୍ତ୍ତବହର ଭୂମିକା ନିର୍ବାହ କରୁଛି ।

**ଖ ) ଧର୍ମଭିତ୍ତିକ ଲୋକଉପକରଣ ସଂରକ୍ଷଣରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ :**

୧୯୩୨ ମସିହାରେ ୱିଲିୟମ ଜୋନ୍ସ ,ଘନଶ୍ୟାମ ଦାସ ,ଏନ.ସି. ବାନାର୍ଜୀ ,ହରେକୃଷ୍ଣ ମହତାବଙ୍କ ପରି କିଛି ଐତିହାସିକ ଏବଂ ପ୍ରଫେସର କଟକର ରେଭେନ୍ସା କଲେଜରେ ଏକ ସଂଗ୍ରହାଳୟ ସ୍ଥାପନ କରିଥିବା ଜଣାଯାଏ । ୧୯୪୫ -୪୬ ମସିହାରେ ଏହା ପୁରୁଣା ଭୁବନେଶ୍ୱରର ବ୍ରହ୍ମାନନ୍ଦ କୋଠାକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ଓଡ଼ିଶା ସରକାର ଏହାକୁ ରାଜ୍ୟ ସଂଗ୍ରହାଳୟର ମାନ୍ୟତା ଦେଇଥିଲେ ।

ଧର୍ମଭିତ୍ତିକ ଉପକରଣ ଭାବେ ଏଠାରେ ବିଭିନ୍ନ ପ୍ରାଚୀନ ମୂର୍ତ୍ତି ,ଧାତୁନିର୍ମିତ ଉପକରଣ ,ମୃତ୍ତିକା ନିର୍ମିତ ଉପକରଣ ଆଦି ସ୍ଥାନ ପାଇଛି ।

ଏହିଭଳି ଭାବେ ବିଭିନ୍ନ ସଂଗ୍ରହାଳୟରେ ଧର୍ମଭିତ୍ତିକ ଲୋକଉପକରଣ ସଂରକ୍ଷିତ ହୋଇରହିଛି ।

# ଉପସଂହାର

ଲୋକସଂସ୍କୃତି ଲୋକଜୀବନ ଧାରା ସହ ନିବିଡ଼ଭାବେ ଜଡ଼ିତ । ଲୋକସଂସ୍କୃତିର ଏକ ମୁଖ୍ୟ ଉପାଦାନ ଲୋକଉପକରଣ ବା ଲୋକଗଢଣ । ମଣିଷର ଆବଶ୍ୟକତାରୁ ଲୋକଉପକରଣର ସୃଷ୍ଟି। ପ୍ରତିଟି ଉପକରଣ ଆମ ସଂସ୍କୃତିର ପ୍ରାଥମିକ ଉପାଦାନ । ଲୋକଉପକରଣର ବିବିଧ ରୂପ ମଧ୍ୟରୁ ଧର୍ମଭିତ୍ତିକ ଲୋକଉପକରଣ ଅନ୍ୟତମ । ଧର୍ମଭିତ୍ତିକ ଲୋକଉପକରଣ କହିଲେ ଆମ ଧର୍ମଧାରା ସହ ସମ୍ପୃକ୍ତ ଅନେକ ଜିନିଷକୁ ବୁଝାଇବ । ଯାବତୀୟ ପୂଜା ,ପାର୍ବଣ ,ଓଷା ,ବ୍ରତ ସହିତ ସମ୍ପୃକ୍ତ ଲୋକଉପକରଣଗୁଡିକ ହେଉଛି ଧର୍ମଭିତ୍ତିକ ଲୋକଉପକରଣ ।

ଓଡ଼ିଶା ସର୍ବଧର୍ମ ସମନ୍ୱୟର ପୀଠ । ବୈଦିକ ଯୁଗରୁ ଆରମ୍ଭ କରି ଓଡ଼ିଶାରେ ବିଭିନ୍ନ ଧର୍ମର ଅଭ୍ୟୁତ୍ଥାନ ଘଟିଛି । ବୌଦ୍ଧ ,ଜୈନ ,ନାଥ ,ଶୈବ ,ଶାକ୍ତ ,ବୈଷ୍ଣବ ,ମହିମା ଧର୍ମ ଆଦି ଧର୍ମଧାରା ଓଡ଼ିଶାରେ ପ୍ରଚଳିତ ହୋଇଆସିଛି । ଶ୍ରୀଜଗନ୍ନାଥ ଉତ୍କଳୀୟ ଧର୍ମଧାରଣା ଓ ସଂସ୍କୃତି ସହ ଜଡ଼ିତ । ଏହିସବୁ ଧର୍ମ ସହ ସଂଶ୍ଳିଷ୍ଟ ହୋଇ ଓଡ଼ିଶାରେ ବିଭିନ୍ନ ଧର୍ମାନୁଷ୍ଠାନ ପାଳନ ହେଉଛି ।

ବାରମାସରେ ତେର ପର୍ବ ନ୍ୟାୟରେ ଓଡ଼ିଶାରେ ବିଭିନ୍ନ ପ୍ରକାର ଓଷା ,ବ୍ରତ ,ପୂଜା ପାର୍ବଣ ପାଳିତ ହୋଇଥାଏ । ଏହିସବୁ କାର୍ଯ୍ୟରେ ବ୍ୟବହୃତ ଉପକାରଣଗୁଡିକ ଧର୍ମଭିତ୍ତିକ ଲୋକଉପକରଣର ଅନ୍ତର୍ଭୁକ୍ତ । ଓଡ଼ିଆ ଧର୍ମଭିତ୍ତିକ ଲୋକଉପକରଣଗୁଡିକ ହେଉଛି ବସନ୍ତରା , ରଥ ,ଷଠୀଘର ,ଆକାଶଦୀପ ,ଦୋଳବିମାନ ,ଘଟପାଟୁଆ ,ଆଡପଙ୍ଖା ,ପଛେଇ ,ବ୍ୟାସାସନ, ସତ୍ୟପୀର ଖଟୁଳି ,ଶ୍ରୁବ ,ସ୍ରୁଚ ,ରୁଖା ,ପୋଥି ,ଶିଳଶିଳପୁଆ ,ଘଡ଼ି ,ଭୋଗେଇ ,ଦୀପ ,ଚାନ୍ଦୁଆ,ଚଉରା ,ଶଙ୍ଖ ,ମାଣ ଖଟୁଳି ,ଆଳଟ ,ଚାମର ,ବିଭିନ୍ନ ଧାତୁନିର୍ମିତ ,କାଷ୍ଠନିର୍ମିତ ,ପଥର ନିର୍ମିତ ,ମୃତ୍ତିକା ନିର୍ମିତ ଉପକରଣ ,ଚନ୍ଦନ,ସିନ୍ଦୂର ଇତ୍ୟାଦି ।

ପ୍ରତ୍ୟେକ ଧର୍ମଭିତ୍ତିକ ଉପକରଣର କିଛି ନା କିଛି ବିଶେଷତ୍ୱ ରହିଛି । ଯେକୌଣସି ଉପକରଣ ଧର୍ମଭିତ୍ତିକ କାର୍ଯ୍ୟରେ ବ୍ୟବହୃତ ହେଲେ ତାର ମହତ୍ତ୍ୱ ଦ୍ୱିଗୁଣିତ ହୋଇଯାଏ । ଏହାଦ୍ୱାରା ବିଭିନ୍ନ ବୃତ୍ତିଧାରୀ ମଧ୍ୟ ପେଟ ପୋଷିଥାନ୍ତି । ଏହା ଆମ ସଂସ୍କୃତିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ପ୍ରତ୍ୟେକ ଉପକରଣର ଗଠନବିଧି ଓ ସ୍ୱତନ୍ତ୍ର ବ୍ୟବହାର ମଧ୍ୟ ରହିଛି ।

ପ୍ରତ୍ୟେକ ଧର୍ମଭିତ୍ତିକ ଲୋକଉପକରଣର ଧାର୍ମିକ ଓ ଆଧ୍ୟାତ୍ମିକ ଦିଗ ରହିଛି । ଏହିସବୁ ଉପକରଣ ଆମ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଇଥାଏ । ସାହିତ୍ୟରେ ମଧ୍ୟ ଏହିସବୁ

ଉପକରଣ ପ୍ରୟୋଗ ସମ୍ପର୍କରେ ସୂଚନା ମିଳେ । ଲୋକସାହିତ୍ୟର ବିଭିନ୍ନ ବିଭାଗ ଲୋକଗୀତ ,ଲୋକକାହାଣୀ ,ଲୋକୋକ୍ତି ,ବିଭିନ୍ନ ପୁରାଣ ,ଧର୍ମଗ୍ରନ୍ଥ ,କବିତା ,ଗଳ୍ପ ଆଦିରେ ଧର୍ମଭିତ୍ତିକ ଲୋକଉପକରଣର ସୂଚନା ମିଳେ ।

ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣରେ ବିଭିନ୍ନ ପରିବର୍ତ୍ତନ ଦେଖାଦେଇଛି । କେତେକ ଉପକରଣ ଅକ୍ଷୁଣ୍ଣ ଭାବେ ଏବେ ବ୍ୟବହାର ହେଉଥିଲେ ମଧ୍ଯ କେତେକର ବ୍ୟବହାର କମିଗଲାଣି । ଧର୍ମଭିତ୍ତିକ ଲୋକଉପକରଣ ସଂରକ୍ଷଣ କ୍ଷେତ୍ରରେ ମିଶ୍ରଶାଳ ,ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଆଦିର ଭୂମିକା ଦେଖିବାକୁ ମିଳିଥାଏ ।

ଯେକୌଣସି ଧର୍ମ ଓ ଧର୍ମଭିତ୍ତିକ ଚଳଣି ବିଜ୍ଞାନ ସହ ସମ୍ପୃକ୍ତ । ଧର୍ମ ଆମ ଜୀବନରେ ବିଶେଷ ପ୍ରଭାବ ମଧ୍ଯ ପକାଇଥାଏ । ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ତେଣୁ ବର୍ତ୍ତମାନ ପିଢିର ବ୍ୟକ୍ତିବିଶେଷ ଏହିସବୁ ଧର୍ମଭିତ୍ତିକ ଲୋକଉପକରଣର ଗଠନ ,ଉପଯୁକ୍ତ ବ୍ୟବହାର ଆଦି ସମ୍ପର୍କରେ ଜାଣିବା ନିତାନ୍ତ ଆବଶ୍ୟକ । ଆମ ଜୀବନରେ ଧର୍ମଭିତ୍ତିକ ଲୋକଉପକରଣର ଯଥେଷ୍ଟ ଆବଶ୍ୟକତା ରହିଛି ।

## ସହାୟକ ଗ୍ରନ୍ଥ ଓ ପତ୍ରପତ୍ରିକା ସୂଚନା


୧) ଦାଶ ,ଆର୍ତ୍ତତାଣ ଓ ନାୟକ ,ଶ୍ୟାମସୁନ୍ଦର – ବୃହତ ଠାକୁର ପୂଜା ପଦ୍ଧତି ,କଟକ ,ଧର୍ମଗ୍ରନ୍ଥ ଷ୍ଟୋର ,୨୦୧୭

୨) ଦାସ ,ହରପ୍ରସାଦ (ସଂ) – ସଚ୍ଚିଦାନନ୍ଦ ରାଉତରାୟଙ୍କ ଶ୍ରେଷ୍ଠ କବିତା ,ଭୁବନେଶ୍ୱର,ଚତୁରଙ୍ଗ ପ୍ରକାଶନୀ, ୧୯୯୬

୩ ) ପଣ୍ଡା,ଚିତ୍ତରଞ୍ଜନ (ସଂ) -ଓଡ଼ିଆ ଲୋକସଂସ୍କୃତି ଓ ଲୋକସାହିତ୍ୟ ପାଞ୍ଚକଥା ,କଟକ,ଜଗନ୍ନାଥ ରଥ ,୨୦୨୧

୪ ) ପଣ୍ଡା ,ପ୍ରଦୀପ୍ତ କୁମାର -ଓଡ଼ିଶାର ଧର୍ମଧାରା ,କଟକ ,ବୁକ୍ସ ଆଣ୍ଡ ବୁକ୍ସ ,୧୯୮୨

୫) ପଣ୍ଡା ,ଭଗବାନ -ଓଡ଼ିଶାର ଧର୍ମ ,କଟକ ,ଗ୍ରନ୍ଥ ମନ୍ଦିର ,୧୯୭୯

୬) ପଟ୍ଟନାୟକ ,ଅରବିନ୍ଦ -ଓଡ଼ିଶାରେ ଲୋକଧର୍ମର ପରମ୍ପରା ,କଟକ ,ଭାରତ ଭାରତୀ ,୨୦୧୨

୭ ) ପଟ୍ଟନାୟକ ,ପଠାଣି (ସଂ)-ଓଡ଼ିଶାର ପର୍ବପର୍ବାଣି ଓଷାବ୍ରତ ଯାନିଯାତ୍ରା ,କଟକ ,ଓଡ଼ିଶା ବୁକ ଷ୍ଟୋର,୧୯୭୯

୮) ପରିଡ଼ା ,ଲକ୍ଷ୍ମଣ କୁମାର -ଉତ୍କଳ ପ୍ରହେଳୀ ଓ ପହଳି (ଦ୍ୱିତୀୟ ଭାଗ),ଭୁବନେଶ୍ୱର,ନିଶାମଣି ପ୍ରକାଶନୀ, ୧୯୯୪

୯) ପ୍ରଧାନ କୃଷ୍ଣଚନ୍ଦ୍ର – ଲୋକସଂସ୍କୃତିର ତାତ୍ତ୍ୱିକ ଓ କଳାତ୍ମକ ବିଭବ,କଟକ ,ବିଦ୍ୟାପୁରୀ ,୨୦୨୧

୧୦) ମିଶ୍ର ,ଅଜୟ କୁମାର -ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି ,କଟକ,ବିଜୟିନୀ ପବ୍ଲିକେଶନସ,୨୦୨୪

୧୧) ମିଶ୍ର ,ଅଜୟ କୁମାର -ଲୁପ୍ତପ୍ରାୟ ଲୋକସଂସ୍କୃତି ,କଟକ ,ଅକ୍ଷର ,୨୦୨୩

୧୨) ମିଶ୍ର, କାହ୍ନୁଚରଣ- ଓଡ଼ିଆ ସାହିତ୍ୟରେ ଧର୍ମଧାରା ,ଭୁବନେଶ୍ୱର,ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ,୧୯୯୭

୧୩) ମିଶ୍ର ,ରବୀନ୍ଦ୍ରନାରାୟଣ -ଆକାଶଦୀପ,କଟକ,କାହାଣୀ ପ୍ରକାଶନୀ ,୧୯୯୬

୧୪)ମହାନ୍ତି,ଭଗବାନ -ଆମ ପର୍ବପର୍ବାଣୀ,ଭୁବନେଶ୍ୱର,ଓଡ଼ିଶା ସାହିତ୍ୟ ଏକାଡ଼େମୀ ,୧୯୭୯

୧୫ ) ମହାପାତ୍ର ,ଚକ୍ରଧର -ଉତ୍କଳ ଗାଉଁଲି ଗୀତ ,କଟକ ,କଟକ ପବ୍ଲିଶିଂ ପ୍ରେସ ,୧୯୭୧

୧୬) ସାହୁ ,ନାରାୟଣ -ଓଡ଼ିଆ ପ୍ରବାଦ ପ୍ରବଚନ ଓ ରୂଢି ,ଭୁବନେଶ୍ୱର ,ଜ୍ଞାନଯୁଗ ପବ୍ଲିକେଶନ ,୨୦୧୦

୧୭) କରଶର୍ମା ,ଗୋପୀନାଥ -ପଦ୍ମପୁରାଣ (ସ୍ୱର୍ଗ ଖଣ୍ଡ ) ,କଟକ ,ଧର୍ମଗ୍ରନ୍ଥ ଷ୍ଟୋର

୧୮) ଗର୍ଗବଟୁ ,ଶ୍ରୀରତ୍ନାକର -ବୈଶାଖ ମାହାତ୍ମ୍ୟ ,କଟକ ,ଶ୍ରୀରାଧାରମଣ ପୁସ୍ତକାଳୟ

୧୯ ) ଦାସ,ବଳରାମ -ଲକ୍ଷ୍ମୀପୁରାଣ ,ଗଞ୍ଜାମ ,ପୂର୍ଣ୍ଣଚନ୍ଦ୍ର ପୁସ୍ତକାଳୟ

୨୦ ) ଦାସ,ମହାଦେବ -କାର୍ତ୍ତିକ ମାହାତ୍ମ୍ୟ ,କଟକ ,ଓଡ଼ିଶା ଜଗନ୍ନାଥ କମ୍ପାନୀ

୨୧ )ବଡପଣ୍ଡା ,ଶ୍ରୀକୃଷ୍ଣଚନ୍ଦ୍ର – ସନାତନ ଧର୍ମ ସଂସ୍କୃତି ଓ ପରମ୍ପରା ,ଭୁବନେଶ୍ୱର

୨୨) ମିଶ୍ର ,ଶ୍ରୀ ହରିହର (ଅନୁବାଦକ )-ସ୍କନ୍ଦ ପୁରାଣ (ଉତ୍କଳ ଖଣ୍ଡ ) ,କଟକ ,ଧର୍ମଗ୍ରନ୍ଥ ଷ୍ଟୋର

୨୩ )ଷଠୀ ଓଷା କଥା -ଗଞ୍ଜାମ ,ସନ୍ନ୍ୟାସୀ ପୁସ୍ତକାଳୟ

୨୪ ) ଶ୍ରୀସତ୍ୟନାରାୟଣ ବ୍ରତ ପୂଜା -ଶ୍ରୀ ନାରାୟଣ ଭରସା ମେହେର

୨୫ ) ଉମାକାନ୍ତ ମିଶ୍ର (ସଂ)-ସକାଳ ସିନ୍ଦୂରା ,୧୬-୨୨ ଫେବ୍ରୁୟାରୀ,୨୦୨୫

୨୬) ଉମାକାନ୍ତ ମିଶ୍ର (ସଂ)-ସକାଳ ସିନ୍ଦୂରା ,୨୩ ଫେବ୍ରୁୟାରୀ -୧ ମାର୍ଚ୍ଚ ,୨୦୨୫

୨୭ ) ଉତ୍କଳ ପ୍ରସଙ୍ଗ -ଡିସେମ୍ବର ସଂଖ୍ୟା ,୨୦୧୫ ,ଶରତ ଚନ୍ଦ୍ର ପରିଡ଼ା ,ଆକାଶଦୀପ

# ପ୍ରାନ୍ତଟୀକା


୧) କାହ୍ନୁଚରଣ ମିଶ୍ର -ଓଡ଼ିଆ ସାହିତ୍ୟରେ ଧର୍ମଧାରା ,ପୃ.୨

୨) କୃଷ୍ଣଚନ୍ଦ୍ର ପ୍ରଧାନ -ଲୋକସାହିତ୍ୟର ତାତ୍ତ୍ୱିକ ଓ କଳାତ୍ମକ ବିଭବ ,ପୃ.୧୩୪ -୧୩୫

୩ ) ତତ୍ରୈବ -ପୃ.୧୩୬

୪ )ଅଜୟ କୁମାର ମିଶ୍ର -ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି ,ପୃ.୧୯

୫) ତତ୍ରୈବ-ପୃ.୨୦

୬) ଅରବିନ୍ଦ ପଟ୍ଟନାୟକ -ଓଡ଼ିଶାରେ ଲୋକଧର୍ମର ପରମ୍ପରା ,ପୃ.୪୦୦

୭) ଅଜୟ କୁମାର ମିଶ୍ର – ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି ,ପୃ.୧୩୫

୮) ଅରବିନ୍ଦ ପଟ୍ଟନାୟକ -ଓଡ଼ିଶାରେ ଲୋକଧର୍ମର ପରମ୍ପରା ,ପୃ.୨୯୧

୯) ତତ୍ରୈବ-ପୃ.୩୦୧

୧୦) ତତ୍ରୈବ-ପୃ.୪୩୬

୧୧)ପଣ୍ଡିତ ଶ୍ରୀ ଆର୍ତ୍ତତ୍ରାଣ ଦାଶ ଓ ପଣ୍ଡିତ ଶ୍ୟାମସୁନ୍ଦର ନାୟକ -ବୃହତ ଠାକୁର ପୂଜା ପଦ୍ଧତି, ପୃ.୬୩

୧୨) ତତ୍ରୈବ-ପୃ.୪୭

୧୩) ଅଜୟ କୁମାର ମିଶ୍ର -ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି ,ପୃ.୬୭-୭୩

୧୪ ) ଚକ୍ରଧର ମହାପାତ୍ର -ଉତ୍କଳ ଗାଉଁଲି ଗୀତ,ପୃ.୮୧

୧୫ ) ଲକ୍ଷ୍ମଣ କୁମାର ପରିଡ଼ା -ଉତ୍କଳ ପ୍ରହେଳୀ ଓ ପହଳି ,ପୃ.୪

୧୬) ନାରାୟଣ ସାହୁ -ଓଡ଼ିଆ ପ୍ରବାଦ ପ୍ରବଚନ ଓ ରୂଢ଼ି ,ପୃ.୮୨

୧୭ ) ଶ୍ରୀହରିହର ମିଶ୍ର (ଅନୁବାଦକ) -ସ୍କନ୍ଦ ପୁରାଣ (ଉତ୍କଳ ଖଣ୍ଡ ),ପୃ.୧୪୩

୧୮ )   ତତ୍ରୈବ-ପୃ.୮୧

୧୯ ) ଗୋପୀନାଥ କରଶର୍ମା -ପଦ୍ମପୁରାଣ (ସ୍ୱର୍ଗ ଖଣ୍ଡ ) ,ପୃ.୧୩୮-୧୩୯

୨୦) ଉତ୍କଳ ପ୍ରସଙ୍ଗ -ଡିସେମ୍ବର ସଂଖ୍ୟା ,ପୃ.୫୮

୨୧) ବଳରାମ ଦାସ -ଲକ୍ଷ୍ମୀ ପୁରାଣ ,ପୃ.୩

୨୨) ଶ୍ରୀରତ୍ନାକର ଗର୍ଗବଟୁ -ବୈଶାଖ ମାହାତ୍ମ୍ୟ ,ପୃ.୫

୨୩) ମହାଦେବ ଦାସ- କାର୍ତ୍ତିକ ମାହାତ୍ମ୍ୟ ,ପୃ.୨୫

୨୪)ଷଠୀ ଓଷା କଥା -ପୃ.୨

୨୫)ଶ୍ରୀ ସତ୍ୟନାରାୟଣ ବ୍ରତ ପୂଜା -ପୃ.୮୦ -୮୧

୨୬ )ରବୀନ୍ଦ୍ରନାରାୟଣ ମିଶ୍ର -ଆକାଶଦୀପ,ପୃ,୨୦୦

୨୭) ହରପ୍ରସାଦ ମିଶ୍ର (ସଂ)-ସଚ୍ଚିଦାନନ୍ଦ ରାଉତରାୟଙ୍କ ଶ୍ରେଷ୍ଠ କବିତା ,ପୃ.୧

୨୮) ତତ୍ରୈବ-ପୃ.୪

୨୯) ଅଜୟ ମିଶ୍ର -ଲୁପ୍ତପ୍ରାୟ ଲୋକସଂସ୍କୃତି ,ପୃ.୧୭୨

୩୦) ତତ୍ରୈବ-ପୃ .୧୧୯

୩୧) ତତ୍ରୈବ-ପୃ.୫୯

୩୨) ତତ୍ରୈବ-ପୃ.୧୯୧

# ପରିଶିଷ୍ଟ

# ସାକ୍ଷାତକାର




ମୋର ନିବନ୍ଧ "ଓଡିଆ ଧର୍ମଭିତ୍ତିକ ଲୋକଉପକରଣ : ଏକ ଅନୁଶୀଳନ" ସମ୍ପର୍କରେ କେତେକ ତଥ୍ୟ ସଂଗ୍ରହ ପାଇଁ ଲୁପ୍ତ ସଂସ୍କୃତିର ବାର୍ତ୍ତାବହ ,ମିଶ୍ରଶାଳର ପ୍ରାଣପ୍ରତିଷ୍ଠାତା ଓଡ଼ିଶା ଲୋକସଂସ୍କୃତିର ପ୍ରଖ୍ୟାତ ଗବେଷକ ଓ ସାହିତ୍ୟିକ ଡକ୍ଟର ଅଜୟ କୁମାର ମିଶ୍ରଙ୍କୁ ତାଙ୍କ ପ୍ରତିଷ୍ଠିତ ମିଶ୍ରଶାଳରେ ତା ୧୨/୦୨/୨୦୨୫ରିଖରେ ସାକ୍ଷାତ କରିଥିଲି । ସାକ୍ଷାତ କରିବା ସମୟରେ ମୋର ଆଗ୍ରହ ଦୃଷ୍ଟିରୁ କେତେକ ପ୍ରଶ୍ନର ଉତ୍ତର ସେ ସହୃଦୟତାର ସହ ଦେଇଛନ୍ତି । ନିମ୍ନରେ ମୋର ପ୍ରଶ୍ନ ଓ ସାକ୍ଷାତକର୍ତ୍ତାଙ୍କ ଉତ୍ତର ପ୍ରଦାନ କରାଗଲା ।

କ) ଧର୍ମଭିତ୍ତିକ ଲୋକଉପକରଣ ଅର୍ଥ ଓ ବିଶେଷତ୍ୱ କଣ ?

ଧର୍ମଭିତ୍ତିକ ଲୋକଉପକରଣ କହିଲେ ଆମର ଧର୍ମଧାରା ସହ ସମ୍ପୃକ୍ତ ହୋଇଥିବା ଅନେକ ଜିନିଷକୁ ବୁଝାଯିବ ଯଥା -ହାତ ଘଣ୍ଟି ,ଘଣ୍ଟ ,ମୃଦଙ୍ଗ ,ଖୋଳ ଆଦି ବାଦ୍ୟ ,ଚାମର ,ଆଲଟ ଆଦି ସାଧାରଣ ଉପକରଣ ଇତ୍ୟାଦି। ଏମିତି ଅନେକ ଉପାଦାନକୁ ନେଇ ଆମର ଧର୍ମଭିତ୍ତିକ ଲୋକଉପକରଣ ପରିପୁଷ୍ଟ ହୋଇଛି ।

ଖ) ସଂକ୍ଷେପରେ କହିଲେ ଧର୍ମଭିତ୍ତିକ ଲୋକଉପକରଣର ଅର୍ଥ ଓ ଏହାର ବିଶେଷତ୍ୱ କଣ ?

ଯୋଡି ମହୁରୀ ,ଯୋଡି ନାଗରା ବାଜିଲେ ଲୋକ ଭାବନ୍ତି ବାହାଘର ହେଉଛି ,ଏହିଭଳି ଭାବରେ ସଂକ୍ଷେପରେ କହିଲେ ଯେତେବେଳେ ମନ୍ଦିରରେ ଘଣ୍ଟ ବାଜେ ସେତେବେଳେ ତାହା ସନ୍ଧ୍ୟା ଆଳତିର ସୂଚନା ଦିଏ ଓ ସକାଳ ଧୂପ ଉଠେ ସେତେବେଳେ ମଧ ଘଣ୍ଟ,ପଖୌଜ ଆଦି ବାଜେ ସେଥିରୁ ପ୍ରଭୁଙ୍କର ଧୂପ ବା

ଭୋଗ ଲାଗୁଛି ବୋଲି ଜଣାଯାଏ । ତେଣୁ ଆମର ଧର୍ମଧାରା ସହିତ ଲୋକଉପକରଣ ଏଭଳି ଜଡ଼ିତ ଯେ ବାଦ୍ୟନାଦରୁ ,ହୁଳହୁଳି ଶବ୍ଦରୁ ଗୋଟେ ମାଙ୍ଗଳିକ କାର୍ଯ୍ୟ ହେଉଛି ବୋଲି ଜଣାପଡ଼େ । ଏହିଭଳି ଶବ୍ଦ ସବୁ ଗୋଟେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ । ଏହି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମଣିଷର ମନ ଆଧ୍ୟାତ୍ମିକ ଜଗତକୁ ଗତି କରେ ।

ଗ) ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣର ଅବସ୍ଥିତି ସମ୍ପର୍କରେ ଆପଣଙ୍କ ମତ କଣ ?

ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣର ଅବସ୍ଥିତି ଆସ୍ତେ ଆସ୍ତେ ଅବକ୍ଷୟ ଆଡକୁ ଗତିକଲାଣି । ଆମେ ଯେତେବେଳେ ପୂଜା କରିବାକୁ ଯାଉ , ଧର୍ମଭିତ୍ତିକ ଉପକରଣ ଭାବେ ସେତେବେଳେ ପୂଜାଥାଳି ନେଇକି ଯାଉଥିଲୁ । କିନ୍ତୁ ବର୍ତ୍ତମାନ ପଲିଥିନ ଜରିରେ ଭୋଗ ଇତ୍ୟାଦି ନେଇକି ଯାଉଛୁ । ଆଗରୁ ବରଡାପତ୍ର ଭୋଗେଇରେ ଆମେ ଭୋଗ ନେଇକି ଯାଉଥିଲୁ ଏବଂ ତାହାକୁ ସମର୍ପଣ କରୁଥିଲୁ । ବର୍ତ୍ତମାନ ତା ଜାଗାରେ କାଗଜ ଠୁଙ୍ଗା ,ପଲିଥିନ ଜରି ଏହାକୁ ନେଇ ଠାକୁରଙ୍କୁ ଦେଲେ ଠାକୁରଙ୍କୁ ଉପହାସ ହେଲାଭଳି ଲାଗୁଛି । ତେଣୁ ଆମର ମନୋବୃତ୍ତି ଧର୍ମଭିତ୍ତିକ ଚିନ୍ତନ ଭିତରେ ଯେତିକି ନାହିଁ ଏସବୁ ସହଜ ଉପଲବ୍ଧ ଜିନିଷ ନେଇ ଆମେ ଗୋଟେ ଶସ୍ତା ମନୋବୃତ୍ତିର ପରିଚୟ ଦେଉଛୁ ।

ଘ) ବର୍ତ୍ତମାନ ସମାଜରେ ଲୋକମାନେ ଧର୍ମଭିତ୍ତିକ ଲୋକଉପକରଣ ସମ୍ପର୍କରେ କାହିଁକି ଜାଣିବା ଦରକାର?

ଯେକୌଣସି ଧର୍ମ ଓ ଧର୍ମଗତ ଚଳଣି ବିଜ୍ଞାନ ସହ ସମ୍ପୃକ୍ତ । ଆମର ପିତ୍ତଳ ଥାଳି ,କଂସା ଥାଳି ଏସବୁ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ଖବରକାଗଜ ପାରି ତା ଉପରେ ମଧ୍ୟ ଭୋଗ ସମର୍ପଣ କରିଦେଉଛେ। କଦଳୀ ପତ୍ର ,ଶାଳପତ୍ର ,ପଦ୍ମପତ୍ରରେ ମଧ୍ୟ ଭୋଗ ସମର୍ପଣ ହେଉଥିଲା । ଥାଳିର ଧାତବ ଅଂଶ ହିତକର । ଧାତୁ ସହ ଭୋଗ ଯେତେବେଳେ ଘନିଷ୍ଠ ହେଉଥିଲା ଭୋଗ ସହିତ ସେତେବେଳେ ତାର ଗୋଟେ ସ୍ୱାସ୍ଥ୍ୟଗତ ଉପଚାର ହେଉଥିଲା । କିନ୍ତୁ ବର୍ତ୍ତମାନ ଲୋକ ନ ଜାଣି ନ ଶୁଣି ଯେକୌଣସି କାଗଜ ,ଠୋଲାଠାରୁ ଆରମ୍ଭ କରି ଜରି ବ୍ୟବହାର କରିବା ଦ୍ୱାରା ସେମାନଙ୍କର ଆଧ୍ୟାତ୍ମିକ ଦିଗର ଅବକ୍ଷୟର ସୂଚନା ମିଳିବା ସହ ସେମାନେ ଜାଣୁନାହାନ୍ତି ଯେ ଆମର ଥାଳିରେ ବଢାଯାଉଥିଲା ପ୍ରସାଦ । ଥାଳି ସହିତ ପ୍ରସାଦର ଯେଉଁ ଘନିଷ୍ଠତା ଥିଲା ଯେଉଁ ମାଟି ଜିନିଷରେ କଳସ ବସୁଥିଲା ବର୍ତ୍ତମାନ ପ୍ଲାଷ୍ଟିକ କଳସରେ କଳସ ବସୁଛି । ମାଟି ସହିତ ଜଳର ଯେଉଁ ଘନିଷ୍ଠତା ସେ ବିଷୟରେ ଲୋକଙ୍କର ଧାରଣା ହିଁ ନାହିଁ ଏବଂ ସେମାନେ ଜାଣିବା ଉଚିତ ଏହି ଅନ୍ତରାଳରେ କେଉଁ କେଉଁ ଦିଗ ବା ବୈଜ୍ଞାନିକ କାରଣ ଅଛି ।

ଙ) ଆମ ଜୀବନରେ ଧର୍ମଭିତ୍ତିକ ଲୋକଉପକରଣର ଆବଶ୍ୟକତା କଣ ?

ଆମ ଜୀବନରେ ଧର୍ମଭିତ୍ତିକ ଲୋକଉପକରଣର ଆବଶ୍ୟକତା ଯଥେଷ୍ଟ ଅଛି । କାରଣ ଆମେ ଯେତେବେଳେ ଠାକୁର ଘରଟିଏ କରିଛେ ବା ଦିଅଁ ଘର କରିଛେ ଚନ୍ଦନ କାଠ ,ଦୀପ ,ଧୂପଦାନୀ ,ଘଣ୍ଟ ,ଘଣ୍ଟି ,ପିତ୍ତଳ ଥାଳି କିମ୍ବା କଂସା ଥାଳି ଏସବୁ ଜିନିଷର ଆବଶ୍ୟକତା ରହିଛି । ଏସବୁ ଜିନିଷର କାର୍ଯ୍ୟ ହେଉଛି ଏସବୁ ଜିନିଷ ଯେଉଁଠି ରହୁଛି ,ସେଠି ଗୋଟେ ଧାର୍ମିକ ବା ଧର୍ମ କର୍ମ ହେବ ବୋଲି ଜଣାପଡ଼େ । ତା ଭିତରେ ଗୋଟେ ମାନସିକ ଶୁଦ୍ଧତା ପାଇଁ ଆମର ଏସବୁ ସଂସ୍କାର କରିବାକୁ ପଡେ । ଜଳରେ ଧୌତ କରି ଏଗୁଡ଼ିକୁ ପରିଶୁଦ୍ଧ କରାଯାଏ ।

ଚ) ଚଳନ୍ତି ସମୟରେ ଧର୍ମଭିତ୍ତିକ ଲୋକଉପକରଣ ସଂରକ୍ଷଣରେ ମିଶ୍ରଶାଳର ଭୂମିକା କଣ ?

ମିଶ୍ରଶାଳ ,ପାରମ୍ପରିକ ସଂସ୍କୃତିର ରକ୍ଷାକବଚ ଭାବେ ,ଚଳନ୍ତି ସମୟ ସାମନାରେ ଏକ ନୂଆ ଭାଗବତ । ଏହା ଅତୀତ ସହ ଭାବଗତ ସମ୍ବନ୍ଧ ଯୋଡିବା ସହ ,ଚଳନ୍ତି ସମୟର ଚଳଣିରେ ପରିଦୃଷ୍ଟ ସକଳ ଅସଙ୍ଗତିର ନିରାକରଣ ନିମିତ୍ତ ପ୍ରଯତ୍ନ ଜାରି ରଖିଛି ।

ଚଳନ୍ତି ସମୟରେ ଧର୍ମକୁ ଆଖିଠାର ମାରୁଥିବା ଲୋକଙ୍କୁ ସତର୍କ ଓ ସଚେତନ କରାଉଛି । ଧର୍ମ ଲୋକଦେଖାଣିଆ ନୁହେଁ ,ଏହାର ଜୀବନ ସହିତ ଥିବା ବିଜ୍ଞାନସମ୍ମତ ଓ ଆଧ୍ୟାତ୍ମିକ ଦିଗ ପ୍ରତି ସଚେତନତା ଆଣିବାରେ ,ମିଶ୍ରଶାଳ ବାର୍ତ୍ତବହର ଭୂମିକା ନିର୍ବାହ କରୁଛି ।

■



ନାମ : ଜୟଶଙ୍କର ମହାରଣା

ବୟସ : ୨୨ ବର୍ଷ

ବୃତ୍ତି : ଛାତ୍ର । ଦୋଳଉତ୍ସବର ଦୋଳବିମାନ ସହ ୬ବର୍ଷ ହେବ ଜଡ଼ିତ ହେବା ସହ ସଂକୀର୍ତ୍ତନ ମଣ୍ଡଳୀରେ ସଦସ୍ୟ ଅଛନ୍ତି ।

ସ୍ଥାନ : ହରିପୁର ,ଦୋଳମୁଣ୍ଡାଇ ,କଟକ

ତାରିଖ : ୨୦ ଫେବ୍ରୁୟାରୀ ୨୦୨୫

ପ୍ରସଙ୍ଗ : ଦୋଳବିମାନର ଗଠନ ଓ ବ୍ୟବହାର ସମ୍ପର୍କରେ

ଓଡ଼ିଆ ଜାତିର ଅନନ୍ୟ ପର୍ବ ଦୋଳ । ଦୋଳ ପର୍ବ ଆସିଲେ ମନକୁ ଆସେ ଦୋଳବିମାନର କଥା । ଦୋଳପୂର୍ଣ୍ଣମୀ ଅଥବା ବିଭିନ୍ନ ପର୍ବପର୍ବାଣିରେ ଠାକୁରଙ୍କୁ ଦୋଳବିମାନରେ ବିଭିନ୍ନ ସ୍ଥାନ ପରିକ୍ରମଣ ଉଦ୍ଦେଶ୍ୟରେ ନିଆଯାଇଥାଏ । ଆସ୍ଥାନକୁ ଯାଇ ପୁନର୍ବାୟ ଦୋଳବିମାନରେ ଠାକୁର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

ବିଶ୍ୱନିଅନ୍ତା ବିଶ୍ୱକର୍ମା କାରିଗର ହାତର କୁହୁକ ସ୍ପର୍ଶରେ ଜୀବନ୍ତ ହୋଇଉଠେ କାଠ ପିତୁଳା । ସେ କୋଟି ହୃଦୟର ମଉଡମଣି ବ୍ରହ୍ମାଣ୍ଡ ଠାକୁର ମହାପ୍ରଭୁ ଶ୍ରୀ ଜଗନ୍ନାଥ ହୁଅନ୍ତୁ ଅଥବା ଗାଁର ଆରାଧ୍ୟ ଠାକୁର ସମସ୍ତେ ରତ୍ନସିଂହାସନରୁ ବିଜେ କରିଥାନ୍ତି ଏହି କାଷ୍ଠନିର୍ମିତ ସୌନ୍ଦର୍ଯ୍ୟପୂର୍ଣ୍ଣ ବିମାନରେ ।

ଦୋଳବିମାନର ନିର୍ମାଣ କାର୍ଯ୍ୟ ଖୁବ ସତର୍କତାର ସହ କରାଯାଇଥାଏ । ଏଥିପାଇଁ ଆବଶ୍ୟକ ହୋଇଥାଏ ନିମ ,ଗମ୍ଭାର ,ଶିଶୁ ,ପିଆଶାଳ ,ଆକାଶୀ ଆଦି କାଠ । କରତ ସାହାଯ୍ୟରେ କାଠଗୁଡ଼ିକ ମ୍ୟାପ ଅନୁଯାୟୀ କଟାଯାଇଥାଏ । ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କଳାକୃତି ଦ୍ୱାରା ମଣ୍ଡିତ ଦୋଳବିମାନରୁ ଓଡ଼ିଆ ସଂସ୍କୃତିର ଝଲକ ବାରିହୁଏ ।

କାଠ ତିଆରି ଏହି ବିମାନଗୁଡିକୁ ମୁଖ୍ୟତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି । ଯଥା :- ପଞ୍ଚମୁଣ୍ଡୀୟ ,ଏକ ମୁଣ୍ଡିଅ ,ଝୁଲଣ ବିମାନ ,ପାଲିଙ୍କି ବିମାନ ଏବଂ ଦୋଳବିମାନ । ଦୋଳପୂର୍ଣ୍ଣିମା ଅବସରରେ ଦୋଳଗୋବିନ୍ଦଙ୍କ ନିମନ୍ତେ ଦୋଳାବିମାନ ବ୍ୟବହାର କରାଯାଇଥାଏ ।

ବିମାନର ବିଭିନ୍ନ ଅଂଶକୁ ଭିନ୍ନ ଭିନ୍ନ ନାମକରଣ କରାଯାଇଥାଏ । ସେଗୁଡିକ ହେଲା :- ଖୋରା , ପଗଡ ,ଖୋରାବାଡ଼ ,ତଳ ଚକଡା ,ସିଂହବାଡ ,ଉପର ଚକଡା ,ଖୁଷ୍ଟି ,ମେହେରାବି ,ସିଂହାସନ ,ଚାଳ ,ତୁଣ୍ଡାତ ,ବେକି ,ମୁଦିଆ ଏବଂ ଦଧିନଉତି ଇତ୍ୟାଦି । ବିମାନ ନିର୍ମାଣ ନିମନ୍ତେ କାରିଗରମାନଙ୍କୁ ଏକମାସରୁ ଅଧିକ ସମୟ ଲାଗିଥାଏ ।

ଦୋଳପୂର୍ଣ୍ଣିମାରେ ରଙ୍ଗବେରଙ୍ଗର ଚାନ୍ଦୁଆରେ ସୁସଜ୍ଜିତ ଏହି ବିମାନରେ ଦୋଳଗୋବିନ୍ଦ ବିଜେ କରି ଘର ଘର ବୁଲି ଦ୍ୱାରୀ ଭୋଗ ଖାଇବାର ପ୍ରଥା ଓଡ଼ିଆ ସଂସ୍କୃତିରେ ବହୁକାଳରୁ ରହିଆସିଛି ।

ନିପୁଣ କାରିଗରଙ୍କ କଳାକୌଶଳର ନିହାଣ ମୁନର ସ୍ପର୍ଶରେ ସୁଶୋଭିତ ଏହି କାଠ ନିର୍ମିତ ବିମାନରେ ବିଜେ କରି ଠାକୁର ଦୋଳପୂର୍ଣ୍ଣମୀ /ଫଗୁ ଦଶମୀ ଅବସରରେ ଘର ଘର ବୁଲି ଭୋଗ ଖାଇବା ସହ ରଙ୍ଗବେରଙ୍ଗର ଅବିରରେ ରଙ୍ଗୀନ ହୋଇ ପୁନର୍ବାର ରତ୍ନସିଂହାସନକୁ ଫେରିଆସନ୍ତି ।

▪



ନାମ: ବିଶ୍ୱଭୂଷଣ ମିଶ୍ର (ଟୁଟୁ ନନା )

ବୟସ : ୪୩ ବର୍ଷ

ବୃତ୍ତି :ମନ୍ଦିର ପୂଜକ ,ପ୍ରବଚକ,ଲେଖକ,ସମାଜକର୍ମୀ

ସ୍ଥାନ : ରାଧାମୋହନ ମନ୍ଦିର ,ମଝିସାହି ,ମଙ୍ଗଳାବାଗ,କଟକ

ତାରିଖ : ୧୫ ଫେବ୍ରୁୟାରୀ ୨୦୨୫

ପ୍ରସଙ୍ଗ : କାର୍ତ୍ତିକ ମାସର ଆକାଶଦୀପ ମହତ୍ତ୍ୱ ସମ୍ପର୍କରେ

ଦୀପ ଜ୍ଞାନର ପ୍ରତୀକ । ଦୀପ ଆମକୁ ଶିଖାଇଥାଏ ଆୟୁଷ କମ ହେଲେ ମଧ୍ୟ ସେ ନିଜେ ଜଳି ଅନ୍ୟକୁ ଜ୍ଞାନ ପ୍ରଦାନ କରେ । ନିଜେ ଯନ୍ତ୍ରଣାରେ ଥିଲେ ମଧ୍ୟ ମଣିଷ ଅନ୍ୟର ବାଟକୁ ସୁଗମିତ କରିଥାନ୍ତି । ଦୀପର ଆୟୁଷ କମ ହେଲେ ମଧ୍ୟ ଯେତିକି ସମୟ ରହେ ମଣିଷକୁ ସତ ମାର୍ଗ ଦେଖାଇଥାଏ । ଦୀପ ଜୀବନର ପ୍ରତୀକ । ଦୀପ ,ସଳିତା ,ତେଲ ମିଶି ଦୀପ ଲଗାଯାଏ । ଯେତେବେଳେ ଦୀପର ତେଲ ସରିଯାଏ ସେ ଆପେ ଲିଭିଯାଏ । ମଣିଷର ଆୟୁଷ ମଧ୍ୟ ଏଭଳି ଧୀରେ ଧୀରେ ସରିଯାଏ । ଦୀପର ଆଲୋକ ଶିଖା ସର୍ବଦା ଉପରକୁ ରହିଥାଏ । ଈଶ୍ୱରଙ୍କଠାରୁ ଆସିଛି ସତର ସନ୍ତାନ । ତେଣୁ ମଣିଷ ସର୍ବଦା ଈଶ୍ୱରଙ୍କୁ ଧ୍ୟେୟ କରିବା ଦରକାର ।

କାର୍ତ୍ତିକ ମାସରେ ଆକାଶଦୀପ ପ୍ରଜ୍ୱଳନର ମହତ୍ତ୍ୱ ହେଉଛି – ଦୀପ ହେଉଛି ଜ୍ଞାନର ପ୍ରତୀକ । ଅଜ୍ଞାନରୁ ଜ୍ଞାନକୁ ଯିବାପାଇଁ ,ଅସତରୁ ସତକୁ ଯିବା ପାଇଁ ,ଜୀବରୁ ଶିବତ୍ୱ ପ୍ରାପ୍ତିପାଇଁ କାର୍ତ୍ତିକ ମାସରେ ଦୀପଦାନ ହୋଇଥାଏ ।

▪

(୪)



ନାମ : ରୁବିନା ସାହୁ

ବୟସ :୨୨

ବୃତ୍ତି :ଛାତ୍ରୀ

ସ୍ଥାନ : ଗୋପାଳପୁର ,କଟକ

ତାରିଖ : ୨୩ ଫେବ୍ରୁୟାରୀ ୨୦୨୫

ପ୍ରସଙ୍ଗ : କେତେକ ଧର୍ମଭିତ୍ତିକ ଲୋକଉପକରଣ ସମ୍ପର୍କରେ

- ଆଲଟ – ଆଲଟ ଅର୍ଥ ବଡପଙ୍ଖା । ମହାପ୍ରଭୁଙ୍କ ବିଭିନ୍ନ ସେବା ମଧ୍ୟରେ ଆଲଟ ଲାଗି ଏକ ଅନନ୍ୟ ସେବା । ଏହି ନୀତିରେ ସେବକମାନେ ଠାକୁରଙ୍କୁ ବଡ଼ ପଙ୍ଖାରେ ବିଞ୍ଚି ସେବା କରନ୍ତି । ପ୍ରତିଦିନ ରାତିରେ ମହାପ୍ରଭୁଙ୍କୁ ଆଲଟ ଲାଗି କରାଯାଏ । ଠାକୁରଙ୍କୁ ଶୀତଳ ପବନ ଦେବା ପାଇଁ ଏହି ନୀତି ରହିଛି । ଏହାବ୍ୟତୀତ ଚନ୍ଦନ ଯାତ୍ରା ୪୨ ଦିନ ( ୨୧ ଦିନ ଭିତର ଚନ୍ଦନ ଯାତ୍ରା ଓ ୨୧ ଦିନ ବାହାର ଚନ୍ଦନ ଯାତ୍ରା )ଯାକ ଦିନକୁ ଦୁଇଥର (ସକାଳ ଧୂପ ଓ ସନ୍ଧ୍ୟା ଧୂପ ପରେ )ମହାପ୍ରଭୁଙ୍କୁ ଆଲଟ ଲାଗି କରାଯାଏ ।
- ଶ୍ରୁବ ଓ ସ୍ରୁଚ – ଚାମଚ ଆକୃତିର ଏକ ଯଜ୍ଞ ପାତ୍ର ଶ୍ରୁବ ଯାହା କାଠରେ ନିର୍ମିତ ହୋଇଥାଏ । ସ୍ରୁଚ ବଟପତ୍ରାକୃତି ହୋମପାତ୍ର । ଯଜ୍ଞକର୍ମରେ ଶ୍ରୁବ ଓ ସ୍ରୁଚ ବ୍ରହ୍ମ ସଦୃଶ ଅଟନ୍ତି ।
- ପୋଥି – ତାଳପତ୍ର ପୋଥି ଆମ ଐତିହ୍ୟ ଓ ପରମ୍ପରାର ଦସ୍ତାବିଜ । ଆମ ଦେଶରେ କାଗଜ ପ୍ରଚଳନ ପୂର୍ବରୁ ତାଳପତ୍ର ଥିଲା ଏକ ପ୍ରମୁଖ ଲିଖନ ସାମଗ୍ରୀ । ଆମ ସଂସ୍କୃତିରେ ପୋଥି ପୂଜା ପରମ୍ପରା ରହିଛି ।
- ରୁଖା – କାଠ ବା ଧାତୁର ଏକ ଆଧାର ଯାହା ଉପରେ ଦୀପ ରଖି ଜଳାଯାଏ ।

▪

# ଫଟୋଚିତ୍ର

# ବିଭିନ୍ନ ଧର୍ମଭିତ୍ତିକ ଲୋକଉପକରଣ ଚିତ୍ର



ବସନ୍ତରା



ରଥ



ଷଠୀଘର




ଆକାଶଦୀପ




ଦୋଳବିମାନ



ଘଟପାଟୁଆ



ମାଣ ଖଟୁଳି



ପନ୍ଚେଇ



ବ୍ୟାସାସନ


ସତ୍ୟପୀର ଖଟୁଲି


ଶ୍ରୁବ ଓ ସ୍ରୁଚ


ରୁଖା


ବୁଧେଇ ଓଷାରେ ଶିଳଶିଳପୁଆ ବ୍ୟବହାର


ସାବିତ୍ରୀ ଓଷାରେ ଶିଳଶିଳପୁଆ ବ୍ୟବହାର


ଘଡ଼ି


ଭୋଗେଇ


ମାଟି ଦୀପ


ଚାନ୍ଦୁଆ



ଚଉରା



ଆଲଟ



ଚାମର



ଶଙ୍ଖ



ପୂଜା ଥାଳି



ଫୁଲ ଚାଙ୍ଗୁଡି



ଚନ୍ଦନ ପେଡି



ବେତନିର୍ମିତ ଫୁଲ ଚାଙ୍ଗୁଡି